


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-19 ◆SUNDAY ◆13 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯ ◆ରବିବାର ◆୧୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ନାରୀ ନିର୍ଯାତନାର ନଗ୍ନ ରୂପ — ଫକୀରମୋହନ କଲେଜ ଅଧ୍ୟାପକଙ୍କ କେଳେଙ୍କାରୀ

# କେହି ଶୁଣିଲେନି ଗୁହାରି: ନିଜକୁ ଜାଳିଦେଲେ ଛାତ୍ରୀ

ରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା। ଘରେ-ବାହାରେ, ମନ୍ଦିର, ସ୍କୁଲ, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳ; କେଉଁଠି ବି ନାରୀ ସୁରକ୍ଷିତ ହୋଇନାହାଁନ୍ତି। ଉତ୍ତର-ଦକ୍ଷିଣ, ପୂର୍ବ-ପଶ୍ଚିମ, ଏପରିକି କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଥିବା ରାଜଧାନୀ ଭୁବନେଶ୍ୱର ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି। ବିଗତ କିଛି ମାସର ଘଟଣାବଳୀ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହେଉଛି। ଦୁର୍ବ୍ୟବହାରଠାରୁ ଆରମ୍ଭ କରି ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ନାରୀ ବିରୋଧୀ ଅପରାଧ ରାଜ୍ୟରେ ବଢ଼ିବାରେ ଲାଗିଛି। କେଉଁଠି ଅପରାଧୀମାନେ ଘରେ ପଶି ନାବାଳିକା ଦୁଷ୍କର୍ମ କରୁଛନ୍ତି ତ ପୁଣି କେଉଁଠି ମେଳା, ମହୋତ୍ସବ ଭଳି ସ୍ଥାନରୁ ଯୁବତୀଙ୍କୁ ଉଠାଇନେଇ ଦୁଷ୍କର୍ମ ପରେ ହତ୍ୟା କରୁଛନ୍ତି। କେବଳ ସେତିକି ନୁହେଁ; ପର୍ଯ୍ୟଟନସ୍ଥଳ ବି ସୁରକ୍ଷିତ ହୋଇନାହିଁ। କିଛି ଦିନ ତଳେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଅବସ୍ଥା ଏପରି ଯେ ଆମେରିକା ମଧ୍ୟ ତା' ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ବୁଲି ନଯିବାକୁ କିଛି ଦିନ ତଳେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। ଏହି କ୍ରମରେ ଆଜି ରାଜ୍ୟର ଅନ୍ୟତମ ନାମକରା କଲେଜ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି।

## ସଙ୍କଟାପନ୍ନ ଅବସ୍ଥାରେ ଏମ୍ସରେ ଭର୍ତ୍ତି

**ଅଧ୍ୟାପକଙ୍କ ବିରୋଧରେ ଆଣିଥିଲେ ଦୁର୍ବ୍ୟବହାର ଅଭିଯୋଗ**


**ଘଟଣା ବିଷୟରେ ଅବଗତ ଥିଲେ ସାଂସଦ, ଅଧ୍ୟକ୍ଷ, ଏସ୍‌ପି**

**ନିରାଶ କଲା ଆଭ୍ୟନ୍ତରୀଣ କମିଟିର ତଦନ୍ତ ରିପୋର୍ଟ**

**କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚରମ ପଦକ୍ଷେପ ନେଲେ ଛାତ୍ରୀ**

**ରାଜ୍ୟରେ ଛାତ୍ରୀ, ମହିଳା, ନାବାଳିକା ଅସୁରକ୍ଷିତ: ବିଜେଡି**

■ **ବାଲେଶ୍ୱର, ୧୨।୭ (ସମିସ):** ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନା ନେଇ ଅଧ୍ୟାପକଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଜଣେ ଛାତ୍ରୀ ଆଜି କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଅଧ୍ୟକ୍ଷଙ୍କ ଅଫିସ୍ ଆଗରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଏପରି ଏକ ଅଘଟଣ ଘଟିଛି। ଛାତ୍ରୀଜଣଙ୍କ ହେଲେ, ଶିକ୍ଷକ ଶିକ୍ଷା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ତଥା ଏବିଭିପି ନେତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର


ପୀଡ଼ିତାଙ୍କ ପତ୍ର


ଗିରଫ ଅଧ୍ୟାପକ

ଜ୍ୟୋତିପ୍ରକାଶ ବିଶ୍ୱାଳ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଏହି ଘଟଣାରେ ଅଭିଯୁକ୍ତ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ▶ପୃଷ୍ଠା-୭

## ଅଧ୍ୟକ୍ଷ, ଏଚ୍‌ଓଡି ନିଲମ୍ବିତ

■ **ବାଲେଶ୍ୱର, ୧୨।୭ (ସମିସ):** ଏହି ସମ୍ବେଦନଶୀଳ ଘଟଣାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କାର୍ଯ୍ୟରେ ଅବହେଳା ତଥା ଏହି ଘଟଣାକୁ ସଠିକ୍ ଭାବେ ପରିଚାଳନା କରି ନଥିବା ହେତୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ବିନା ନିର୍ଦ୍ଦେଶରେ ସେ କୁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି। ସେହିଭଳି ଅଭିଯୁକ୍ତ ଅଧ୍ୟାପକ ତଥା ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

## ଅହମଦାବାଦ ବିମାନ ଦୁର୍ଘଟଣା

# ଆସିଲା ତଦନ୍ତ ରିପୋର୍ଟ: ବନ୍ଦ ଥିଲା ଦୁଇ ଇନ୍ଧନ ସୁଇଚ୍

■ **ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଗତମାସ ୧୨ ତାରିଖରେ ଅହମଦାବାଦରେ ହୋଇଥିବା ଭୟଙ୍କର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଆସିଛି। ବିମାନ ଟେକ୍-ଅଫ୍ କରିବାର ଗୋଟିଏ ସେକେଣ୍ଡ ଭିତରେ ବିମାନର ଦୁଇଟି ଯାକ ଇନ୍ଧନ ସୁଇଚ୍ ବନ୍ଦ ହୋଇଯିବାରୁ ଉଭୟ ଇଞ୍ଜିନ୍ ସଟ୍-ଡାଉନ୍ ହୋଇଯାଇଥିଲା। ଯାହାଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଲା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ପ୍ରଶ୍ନ ଉଠୁଛି ଇଞ୍ଜିନକୁ ଇନ୍ଧନ ବା ତେଲ ଯୋଗାଉଥିବା ଦୁଇଟି ଯାକ ସ୍ୱିଚ୍‌କୁ ବନ୍ଦ କଲା କିଏ? ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି ?? ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇନଥିବା ବେଳେ ବିମାନଯାତ୍ରୀଙ୍କ ସୁରକ୍ଷାକୁ ନେଇ ବଡ଼ ଧରଣର ପ୍ରଶ୍ନଚିହ୍ନ ଲାଗିଯାଇଛି।



**ସୁଇଚ୍ ବନ୍ଦ କଲା କିଏ ?**

**ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି**

ଦୁର୍ଘଟଣାଗ୍ରସ୍ତ ବିମାନର ମୁଖ୍ୟ ପାଇଲଟ୍ ସୁମିତ ସମବରୱାଲ ଥିଲେ ଏବଂ ତାଙ୍କର ୮୨୦୦ ଘଣ୍ଟାର ଉଡ଼ାଣର ଅନୁଭୂତି ଥିଲା। ସେହିଭଳି କୋପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କର ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ଏତେ ଅଭିଜ୍ଞ ପାଇଲଟ୍ କେବେହେଲେ ଏଭଳି ଭୁଲ କରିନଥିବେ ବୋଲି କୁହାଯାଉଛି। ତେବେ ଏହାକୁ ନେଇ ପାଇଲଟ ଓ ବିଶେଷଜ୍ଞ ଦୁଇ ପ୍ରକାର ମତାମତ ଦେଇଛନ୍ତି। କେତେକ କହୁଛନ୍ତି ଯେ ଇନ୍ଧନ ସ୍ୱିଚ୍‌ରେ ଏପରି ଲକ୍ ସିଷ୍ଟମ କରାଯାଇଛି ଯେ ଏହାକୁ କେବଳ ପାଇଲଟ୍ ଅପରେଟ୍ କରିପାରିବେ। ଅଜାଣତରେ ହାତ ଲାଗିଲେ ମଧ୍ୟ କିଛି ହେବନାହିଁ। ତେଣୁ କେହି ଜଣେ ଜାଣିଶୁଣି ଏପରି ଅନ୍ତର୍ଘାତି କାମ କରିଥାଇପାରେ ବୋଲି ସେମାନେ ମତ ଦେଇଛନ୍ତି। କାରଣ ଦୁର୍ଘଟଣା ବେଳେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ରେକର୍ଡ ହୋଇଥିବା କଥାବାର୍ତ୍ତାରୁ ଏଭଳି ଆଭାସ ମିଳିଛି। ଜଣେ ପାଇଲଟ ପଚାରୁଛନ୍ତି, 'ଇନ୍ଧନ ସୁଇଚ୍ କାହିଁକି ବନ୍ଦ କଲ?' ▶ପୃଷ୍ଠା-୭

# ଫେରିଲେ ନବୀନ, ଜନତା ଖୁସି

■ **ଭୁବନେଶ୍ୱର, ୧୨।୭ (ସମିସ):** ନିଜ ପ୍ରିୟ ନେତା ସୁସ୍ଥ ହୋଇ ମୁମ୍ବାଇରୁ ଫେରୁଥିବା ଖବର ପାଇ ଶନିବାର ରାଜଧାନୀ ଭୁବନେଶ୍ୱରକୁ ଆପଣଛାଏଁ ଛୁଟିଥିଲା ଜନତାଙ୍କର ସୁଅ। ଦୌଡ଼ି ଆସିଥିଲେ ସାଧାରଣ ଲୋକ, ପ୍ରଶଂସକ। ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରୁ

**ଦୁଇଗୁଣା ଉତ୍ସାହର ସହ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ ହେବ: ବିଜେଡି**

ନବୀନ ନିବାସ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥିଲା ଲୋକଙ୍କ ଅସମ୍ଭାଳ ଭିଡ଼। ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହା କୌଣସି ରାଜନୈତିକ ସଭାରେ ସମବେତ ଜନତାଙ୍କର ଉପସ୍ଥିତି ଜାହିର୍ କରୁ ନଥିଲା। ବରଂ ନିଜ ପ୍ରିୟ ନେତାଙ୍କ ଆଶୁଆରୋଗ୍ୟ

**ବିମାନବନ୍ଦରରୁ ନବୀନ ନିବାସ ଜନସମୁଦ୍ର**



ପ୍ରାର୍ଥନା କରୁଥିବା ଶୁଭେଚ୍ଛୁଙ୍କ ଭିଡ଼ର ଦୃଶ୍ୟ ବଖାଣୁଥିଲା। ଏପରି ଉଚ୍ଛ୍ୱସିତ ସ୍ୱାଗତ କରାଯିବା ବୋଧହୁଏ ଓଡ଼ିଶା ଇତିହାସରେ ପ୍ରଥମ। କ୍ଷମତାରେ ଥାଆନ୍ତୁ ଅଥବା ନଥାଆନ୍ତୁ; ନବୀନ ସବୁବେଳେ ଜନତାଙ୍କ ପ୍ରଥମ ପସନ୍ଦ ବୋଲି ସାଧାରଣ ଲୋକେ ଆଉଥରେ ପ୍ରମାଣିତ କରିଛନ୍ତି। ▶ପୃଷ୍ଠା-୭

# ଆଜିଠୁ ଅତି ପ୍ରବଳ ବର୍ଷା

**୨୩ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କତା**

■ **ଭୁବନେଶ୍ୱର, ୧୨।୭ (ସମିସ):** ରାଜ୍ୟରେ ଆସନ୍ତାକାଲିଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିନେଇ ଅଧିକାଂଶ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଥିବା ଟ୍ରଫ୍‌ଲାଇନ୍ ଏବେ ଉତ୍ତର ହରିୟାଣାରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଦକ୍ଷିଣ ଉତ୍ତରପ୍ରଦେଶ ଦେଇ ଗତି କରୁଛି। ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ପଡ଼ୋଶୀ ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ପରିସର ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉପରେ ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି,ଅନୁଗୋଳ,ଦେବଗଡ଼,ବୌଦ୍ଧ, ▶ପୃଷ୍ଠା-୭

# ଗଡ଼ିଲା ବସ୍; ଡ୍ରାଇଭର ମହାସଂଘରେ ଫାଟ



**ସଂଘକୁ ଏଭଳି ସମୟ ଆଉ ମିଳିବନି: ସଭାପତି**

**ଗାଡ଼ି ଚଳାଇଲେ ସଂଘରୁ ବହିଷ୍କାର ଚେତାବନୀ**

**ମହାସଂଘ କୋଷାଧ୍ୟକ୍ଷଙ୍କୁ ଉଠାଇନେଲା ପୁଲିସ**

**ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କ ଅନୁରୋଧ**

**ସଂଘକୁ ସମର୍ଥନ ଦୋହରାଇଲେ ପିସିସି ସଭାପତି**

■ **ଭୁବନେଶ୍ୱର, ୧୨।୭ (ସମିସ):** ୭ ଦଫା ଦାବି ପୂରଣ ଜିଦରେ ଅଟଳ ଥିବା ଡ୍ରାଇଭର ସଂଘର ଆନ୍ଦୋଳନ ଶନିବାର ନୂଆ ମୋଡ଼ ନେଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଚଳାଚଳ ଆରମ୍ଭ କରିଥିବା ବେଳେ ସଂଘ ମଧ୍ୟରେ ଥିବା ଫାଟ ପଦାକୁ ଆସିଛି। ଗତ ୫ ଦିନ ଧରି ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କାରଣରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଶୁକ୍ରବାର ବସ ମାଲିକ ସଂଘ ପକ୍ଷରୁ ଆନ୍ଦୋଳରୁ ସମର୍ଥନ ପ୍ରତ୍ୟାହାର ପରେ ଆନ୍ଦୋଳନ ସାମାନ୍ୟ ଦୁର୍ବଳ ହୋଇ ପଡ଼ିଥିବା କୁହାଯାଉଛି। ତେବେ ଏତେସବୁ ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଛନ୍ତି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। କାନ୍ଦ କାନ୍ଦ ସ୍ୱରରେ ସେ ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରିବା ସହ ଆନ୍ଦୋଳନ ଜାରି ରଖିବାକୁ ନିବେଦନ କରିଛନ୍ତି। ଏପରିକି ଯେଉଁ ଡ୍ରାଇଭର ନିଷ୍ପତ୍ତିକୁ ଅମାନ୍ୟ କରି ଗାଡ଼ି ଚଳାଇବେ, ଦରକାର ପଡ଼ିଲେ ସେମାନଙ୍କୁସଂଘରୁବାହାରକରିବାକୁସେ ▶ପୃଷ୍ଠା-୭









## ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୨ ମୃତ

ନୂଆଦିଲ୍ଲୀ, ୧୨।୭(ଏଜେନ୍ସି): ଦିଲ୍ଲୀର ୱେଲକମ୍ ଅଞ୍ଚଳରେ ଶନିବାର ଏକ ୪ ମହଲା କୋଠା ଭୁସୁଡି ପଡ଼ିଛି। ଏହି ଘଟଣାରେ ଦୁଇ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଏକ ଛୋଟପିଲା ସାମିଲ ରହିଛି। ଏହି ବିଲ୍ଡିଂରେ ୧୦ଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ରହୁଥିଲା। ଏହି କୋଠା ଭୁସୁଡିବା ଫଳରେ ଅବଶେଷ ସାମ୍ନା ଘରେ ପଡ଼ିବା ଫଳରେ ଜଣେ ଲୋକ ଆହତ ହୋଇଛନ୍ତି। ଶନିବାର ସକାଳ ୭ଟାରେ ସଲିମପୁରର ଇଦ୍‌ଗାହ ରୋଡ୍ ନିକଟରେ ଜନତା କଲୋନୀର ୫ ନଂ ଗଳିରେ କୋଠା ଭୁସୁଡିଥିବାର ସୂଚନା ମିଳିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ ଡିସିପି ସନ୍ଦୀପ ଲାମ୍ବା କହିଛନ୍ତି। ପୁଲିସ୍, ଏନ୍‌ଡିଆରଏଫ୍, ସିବିଲ ଡିଫେନ୍ସ ଓ ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ୩ ମାସ ପୂର୍ବରୁ ମୁସ୍ତାଫାବାଦ୍ ଅଞ୍ଚଳରେ ଏପ୍ରିଲ ୧୮ରେ ବିଳମ୍ବିତ ରାତିରେ ଏକ ୪ ମହଲା କୋଠା ଭୁସୁଡିଥିଲା ଓ ଏଥିରେ ୧୧ ଜଣ ଲୋକଙ୍କ ପ୍ରାଣହାନୀ ହୋଇଥିଲା।

## ୫ ଲକ୍ଷ ଆଫଗାନ୍‌ଙ୍କୁ ବାହାର କଲା ଇରାନ

ତେହେରାନ୍, ୧୨।୭(ଏଜେନ୍ସି): ମାତ୍ର ୧୬ ଦିନ ମଧ୍ୟରେ ଇରାନରୁ ୫ ଲକ୍ଷରୁ ଅଧିକ ଆଫଗାନଙ୍କୁ ବାହାର କରାଯାଇଛି। ଜୁନ୍ ୨୪ରୁ ଜୁଲାଇ ୯ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଥିଲା। ଫଳରେ ପ୍ରତ୍ୟେକ ଦିନ ହାରାହାରି ୩୦, ୦୦୦ ଆଫଗାନଙ୍କୁ ଦେଶରୁ ବାହାର କରାଯାଇଛି। ଅବୈଧ ଭାବେ ରହୁଥିବା ଆଫଗାନ ଜୁଲାଇ ୬ତ ତାରିଖ ସୁଦ୍ଧା ଦେଶ ଛାଡିବାକୁ ୨୦୨୫ ମାର୍ଚ୍ଚରେ ଇରାନ ଘୋଷଣା କରିଥିଲା। ନହେଲେ ସେମାନଙ୍କୁ ଜବରଦସ୍ତି ବାହର କରାଯିବ ବୋଲି ଇରାନ ତରଫରୁ ଚେତାବନୀ ଦିଆଯାଇଥିଲା। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରେ ଏହି ଅଭିଯାନ ଆହୁରି ଜୋରଦାର କରାଯାଇଛି। ଅନ୍ୟପଟେ ପାକିସ୍ତାନରୁ ମଧ୍ୟ ଆଫଗାନ ନାଗରିକଙ୍କୁ ବାହର କରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଇଛି।

## ଇସ୍ତଫା ଦେବେ ଏଫ୍‌ବିଆଇ ନିର୍ଦ୍ଦେଶକ

ୱାସିଂଟନ, ୧୨।୭(ଏଜେନ୍ସି): ଆମେରିକାର ଗୋଇନ୍ଦା ଏଜେନ୍ସି ଏଫ୍‌ବିଆଇର ମୁଖ୍ୟ କାସ ପଟେଲ ଓ ତାଙ୍କ ଡେପୁଟି ତଥା ଉପ- ନିର୍ଦ୍ଦେଶକ ଡାନ ବୋଙ୍ଗିନୋ ପଦରୁ ଇସ୍ତାଫା ଦେଇପାରିନ୍ତି। ଏନେଇ ଦୁହେଁ ବିଚାର କରିବା ଆରମ୍ଭ କରିଛନ୍ତି। ଜେଫେରୀ ଏପ୍‌ଷ୍ଟିନ୍ ମାମଲାରେ ଜଡିତ ଫାଇଲ୍‌ର ଖୁଲାସା ଏବଂ ହ୍ୱାଇଟ ହାଉସ୍, ଏଫ୍‌ବିଆଇ ଓ ଆମେରିକାର ନ୍ୟାୟ ବିଭାଗ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଏହି ଦୁଇଜଣ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ବୋଙ୍ଗିନୋ ଏବଂ ଆଟର୍ଣ୍ଣି ଜେନେରାଲ ପାମ୍ ବୋଣ୍ଡି ମଧ୍ୟରେ ଜୋରଦାର ଯୁକ୍ତିତର୍କ ହେବାପରେ ସ୍ଥିତି ଓ ବିବାଦ ଆହୁରି ଜଟିଳ ହୋଇଛି। ବୁଧବାର ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ବୋଙ୍ଗିନୋ, ବୋଣ୍ଡି ଓ ଟ୍ରମ୍ପ ପ୍ରଶାସନର ଚିଫ୍ ଅଫ୍ ଷ୍ଟାଫ୍ ସୁଜି ବାଇଲ୍ସ ଏକ ବୈଠକରେ ମିଳିତ ହୋଇଥିଲେ। ଏହି ବୈଠକାରେ ମତପାର୍ଥକ୍ୟ ଓ ବିବାଦ ଖୋଲା ଖୋଲି ଭାବେ ସାମ୍ନାକୁ ଆସିଥିଲା। ଏଫ୍‌ବିଆଇ ତରଫରୁ ଏହି ମାମଲାରେ ଏକ ରିପୋର୍ଟ ଲିକ୍ କରାଯାଇଥିଲା ବୋଲି ପ୍ରଶ୍ନ କରାଯାଇଥିଲା। ଉଲ୍ଲେଖଥାଉ କି, ଏଲନ ମସ୍କ ଏପ୍‌ଷ୍ଟିନ୍ ମାମଲାରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଟାଣି ବିବାଦ ସୃଷ୍ଟି କରିଥିଲେ ଓ ଏହାପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା।

## ୭୧ ବର୍ଷରେ ଚାଟାର୍ଡ ଆକାଉଣ୍ଟାଣ୍ଟ

ଜୟପୁର, ୧୨।୭(ଏଜେନ୍ସି): ରାଜସ୍ଥାନ ଜୟପୁରର ତାରାଚାନ୍ଦ ଅଗ୍ରୱାଲ ନାମକ ଜଣେ ୭୧ ବର୍ଷୀୟ ବ୍ୟକ୍ତି ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାରାଚାନ୍ଦ ୨୦୧୪ରେ ଷ୍ଟେଟ୍ ବ୍ୟାଙ୍କ ବିକାନେର ଆଣ୍ଡ ଜୟପୁର (ଏବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦରୁ ଅବସର ନେଇଥିଲେ। ୨୦୨୦ ନଭେମ୍ବରରେ କୋଭିଡ୍‌ରେ ପତ୍ନୀ ଦର୍ଶନାଙ୍କ ପରଲୋକ ପରେ ନିଃସଙ୍ଗତାକୁ ଦୂର କରିବାକୁ ଯାଇ ସେ ପଢ଼ାପଢ଼ି ଆରମ୍ଭ କରିଥିଲେ। ସେ ପିଏଚ୍‌ଡି କରିବାକୁ ଚିନ୍ତା କରିଥିଲେ। କିନ୍ତୁ ପିଲାମାନେ ତାଙ୍କୁ ସିଏ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୧ରେ ସେ ସିଏ କ୍ଲିୟର କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଶେଷରେ ସେ ୨୦୨୫ରେ ଏଥିରେ ସଫଳତା ହାସଲ କରିଛନ୍ତି। ସେ ଏଥିପାଇଁ କୌଣସି କୋଚିଂ ନେଇନଥିଲେ। ୟୁଟ୍ୟୁବରେ କିଛି ଭିଡିଓ ଦେଖି ଓ ବହି ପଢ଼ି ସେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି।

## ବାଂଲାଦେଶ ଅର୍ଥଶାସ୍ତ୍ରୀ ଅବୁଲ ବରକତ ଗିରଫ

ଢ଼ାକା, ୧୨।୭(ଏଜେନ୍ସି): ବାଂଲାଦେଶରେ ଜଣାଶୁଣା ହିନ୍ଦୁ ସମର୍ଥକ ତଥା ଅର୍ଥଶସ୍ତ୍ରୀ ଅବୁଲ ବରକତଙ୍କୁ ଦୁର୍ନୀତି ସହିତ ଜଡିତ ଏକ ମାମଲାରେ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର ଜେଲ୍‌କୁ ପଠାଇଦିଆଯାଇଛି। ଘରେ ଚଢ଼ାଉ କରି ୨୦ ପୁଲିସ କର୍ମୀ ତାଙ୍କୁ ଗିରଫ କରିଥିଲେ। ସେ ଗତ ୪ ଦଶନ୍ଧି ହେବ ଢ଼ାକା ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ସେ ମୁସଲମାନ ଚରମପନ୍ଥୀଙ୍କୁ ସବୁବେଳେ ଖୋଲାଖୋଲି ଭାବେ ବିରୋଧ କରିଆସିଛନ୍ତି। ୨୦୧୬ରେ ସେ ଦେଶ ହିନ୍ଦୁ ଶୂନ୍ୟ ହେବ ବୋଲି ଚେତାବନୀ ଦେଇଥିଲେ। ଯଦି ଏହି ଭଳି ହିନ୍ଦୁଙ୍କ ଉପରେ ଅତ୍ୟାଚାର କରାଯାଏ, ତେବେ ଦେଶର ହିନ୍ଦୁ ଜନସଂଖ୍ୟା ଶେଷ ହେବ ବୋଲି ସେ ଭବିଷ୍ୟବାଣୀ କରିଥିଲେ। ଆଗାମୀ ୩୦ ବର୍ଷରେ ହିନ୍ଦୁ ବାଂଲାଦେଶରେ ଆଉ ଦେଖିବାକୁ ମିଳିବେ ନାହିଁ ବୋଲି ସେ କହିଥିଲେ ଓ ସେତେବେଳେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।

## ଅହମଦାବାଦ ବିମାନ ଦୁର୍ଘଟଣା

# ରିପୋର୍ଟକୁ ନେଇ ପାଇଲଟ ସଂଘ କ୍ଷୁବ୍ଧ

**ଯାଞ୍ଚର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲା**


**ନିରପେକ୍ଷ ଓ ପ୍ରମାଣ ଆଧାରିତ ଯାଞ୍ଚ ଦାବି**

**ସାର୍ବଜନୀନ ହେବା ପୂର୍ବରୁ କେମିତି ଲିକ୍ ହେଲା ରିପୋର୍ଟ**

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିଶ୍ୱକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣା (ଜୁନ୍ ୧୨) ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ଶନିବାର ସାର୍ବଜନୀନ କରାଯାଇଛି। ୧୫ ପୃଷ୍ଠାର ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ୍ ବନ୍ଦ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ରିପୋର୍ଟରେ ପାଇଲଟଙ୍କ ତ୍ରୁଟିକୁ ଇଙ୍ଗିତ କରାଯାଇଛି। ତେବେ କକ୍‌ପିଟ୍‌ର ରେକର୍ଡିଂରୁ ଶେଷ ମୁହୂର୍ତ୍ତରେ ପାଇଲଟ୍‌ଙ୍କ ବାର୍ତ୍ତାଳାପର ତଥ୍ୟ ମଧ୍ୟ ଦିଆଯାଇଛି। ଏଥିରେ ଜଣେ ପାଇଲଟ ଅନ୍ୟ ଜଣକୁ ତୁମେ ଇନ୍ଧନ ସ୍ୱିଚ୍ ବନ୍ଦ କରିଥିଲ କି ବୋଲି ପଚାରୁଛନ୍ତି। ମାତ୍ର ଏହାର ଉତ୍ତରରେ ସେ ନାହିଁ ବୋଲି କହୁଛନ୍ତି। କିନ୍ତୁ ଏହି ଯାଞ୍ଚ ରିପୋର୍ଟ ଉପରେ ପ୍ରଶ୍ନ ଉଠାଯାଉଛି। ଅନେକ ପ୍ରଶ୍ନର ଉତ୍ତର ଏହି ରିପୋର୍ଟରେ ନାହିଁ ବୋଲି କୁହାଯାଉଛି। ଖାଲି ପାଇଲଟଙ୍କ ଉପରେ ଦୋଷ ଲଦି ତଦନ୍ତ ସାରି ଦେବାକୁ ପ୍ରୟାସ କରାଯାଉଛି। ତେଣୁ ନିରପେକ୍ଷ ଯାଞ୍ଚ ଦାବି କରାଯାଉଛି। ଏହି ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଉପରେ ଏୟାରଲାଇନ ପାଇଲଟ୍ ସଂଘ (ଏଏଲପିଏ) ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ର ତଦନ୍ତ ରିପୋର୍ଟ ଉପରେ ଚିନ୍ତା ପ୍ରକଟ କରାଯାଇଛି। ରିପୋର୍ଟ ପାଇଲଟ୍ ସଂଘ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ବିମାନ ଦୁର୍ଘଟଣା ପାଇଁ ପାଇଲଟ ଦାୟୀ ବୋଲି ଯାଞ୍ଚରୁ ଲାଗୁଛି। ତଦନ୍ତର ଦିଗ ଏବଂ ରିପୋର୍ଟରେ ଅନୁଚିତ ଭାବେ ଏହି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ସଂଘ ପକ୍ଷରୁ ଖାରଜ କରାଯାଉଛି। ସ୍ୱଚ୍ଛ, ନିରପେକ୍ଷ ଏବଂ ତଥ୍ୟ ଆଧାରିତ ଯାଞ୍ଚ ପାଇଁ ସଂଘ ଦାବି କରୁଛି ବୋଲି ଅଧ୍ୟକ୍ଷ ସାମ୍ ଥୋମାସ କହିଛନ୍ତି। ସେହିପରି ପାଇଲଟ୍ ସଂଘ ଏହି ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଥିବା କହିଛି। ଗୋପନୀୟତାର ସହ ତଦନ୍ତ ଚାଲୁଛି। ତେଣୁ ଏହା ଉପରୁ ବିଶ୍ୱସନୀୟତା ଏବଂ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି। ଏହି ତଦନ୍ତ ଟିମ୍‌ରେ ଯୋଗ୍ୟ, ଅଭିଜ୍ଞ ବିଶେଷ କରି ପାଇଲଟ୍ ବୃତ୍ତିର ବିଶେଷଜ୍ଞଙ୍କ ଅଭାବ ରହିଛି। ଗୁରୁବାର 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପକ୍ଷରୁ ପ୍ରକାଶିତ ସ୍ତମ୍ଭକୁ ନେଇ ମଧ୍ୟ ଏଲପିଏ ଯାଞ୍ଚ ରିପୋର୍ଟକୁ ଘେରିଛି। ଏହି ରିପୋର୍ଟରେ ଇନ୍ଧନ ସ୍ୱିଚ୍ ବନ୍ଦ ଥିବା କୁହାଯାଇଥିଲା। ଏହାକୁ ନେଇ ପାଇଲଟ୍ ସଂଘ ପ୍ରଶ୍ନ ଉଠାଇଛି। ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ରିପୋର୍ଟ କେମିତି ଲିକ୍ ହୋଇଗଲା ବୋଲି ପଚାରିଛି। ବିଧିବଦ୍ଧ ଭାବେ ସରକାରୀ ପୁଷ୍ଟିକରଣ ବିନା କେମିତି ଏହି ରିପୋର୍ଟକୁ ଏଏଆଇବି ଜାରି କରିଦେଲା? ଏହି ରିପୋର୍ଟରେ କୌଣସି ଦାୟିତ୍ୱବାନ ଅଧିକାରୀଙ୍କ ସ୍ୱାକ୍ଷର କିମ୍ବା ନାମ ନାହିଁ। ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପୁଣିଥରେ ସଂଘ ଅନୁରୋଧ କରିଛି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ କୁହାଯାଇଛି।






## ଦୁର୍ଘଟଣାର ମୂଳ କାରଣ ଇନ୍ଧନ ସ୍ୱିଚ୍

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ଆକାରରେ କ୍ଷୁଦ୍ର ହୋଇଥାଏ। ମାତ୍ର ଏହା ବହୁତ ଶକ୍ତିଶାଳୀ। ଏହା ବିମାନର ଇଞ୍ଜିନକୁ ଇନ୍ଧନ ନିୟନ୍ତ୍ରଣ କରିଥାଏ। ବିମାନ କକ୍‌ପିଟ୍‌ର ଥ୍ରଷ୍ଟ ଲିଭର ନିକଟରେ ଏହି ସ୍ୱିଚ୍ ଥାଏ। ଏହା ଇଞ୍ଜିନରେ ଇନ୍ଧନ ଯୋଗାଣକୁ ନିୟନ୍ତ୍ରଣ କରିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ କରିବା (ରନ୍ ପୋଜିସନ) କିମ୍ବା ବନ୍ଦ କରିବା (କଟ୍ ଅଫ୍ ପୋଜିସନ) ଏହାର ପ୍ରମୁଖ କାମ। ପ୍ରତ୍ୟେକ ଇଞ୍ଜିନ ପାଇଁ ଅଲଗା ଅଲଗା ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ରହିଥାଏ। ଉଦାହରଣ ସ୍ୱରୂପ ବୋଇଂ ୭୮୭ରେ ଦୁଇଟି ଇଞ୍ଜିନ ରହିଛି। ଏଥିପାଇଁ ଦୁଇଟି ସ୍ୱିଚ୍ ଥାଏ। ଗୋଟିଏ ବାମ ଇଞ୍ଜିନ ପାଇଁ ହୋଇଥିବାବେଳେ ଅନ୍ୟଟି ଡାହାଣ ଇଞ୍ଜିନ ପାଇଁ ଉଦ୍ଦିଷ୍ଟ। ସ୍ୱିଚ୍ 'ରନ୍'ରେ ଥିଲେ ଫୁଏଲ ଭାଲ୍‌ଭ ଖୋଲିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲୁ ହୋଇଥାଏ ଏବଂ ବିମାନକୁ ଥ୍ରଷ୍ଟ (ଶକ୍ତି) ମିଳିଥାଏ। ସେହିପରି ସ୍ୱିଚ୍ 'କଟ୍‌ଅଫ୍'ରେ ରହିଲେ ଫୁଏଲ ଭାଲ୍‌ଭ ବନ୍ଦ ହୋଇଯାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ହୋଇ ନ ଥାଏ। ଫଳରେ ଇଞ୍ଜିନ ତୁରନ୍ତ ବନ୍ଦ ହୋଇଯାଏ। ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ସ୍ପ୍ରିଙ୍ଗ-ଲୋଡେଡ ହୋଇଥାଏ। ଏଥିରେ ଡିଟେଣ୍ଟ (ଏକପ୍ରକାରର ଲକ୍ ସିଷ୍ଟମ) ଥାଏ। ଏହା ସ୍ୱିଚ୍‌କୁ ନିର୍ଦ୍ଧାରିତ ସ୍ଥିତିରେ ସ୍ଥିର ରଖିଥାଏ। ସ୍ୱିଚ୍‌ର କମାଣ୍ଡ ପରିବର୍ତ୍ତନ ଲାଗି ଏହାକୁ ଧରି ଡିଟେଣ୍ଟକୁ ବାହାର କରିବାକୁ ପଡ଼ିଥାଏ। ପରେ ମୁକ୍ତ କରାଯାଇଥାଏ। ଏହା କୌଣସି ସାଧାରଣ ସ୍ୱିଚ୍ ନୁହେଁ। ଭୁଲ୍‌ରେ ଧକ୍କା ଲାଗିଲେ ବି ଏହା ଦବି ଯିବ ନାହିଁ। ବିଶେଷଜ୍ଞଙ୍କ ଅନୁଯାୟୀ ଏହି ସ୍ୱିଚ୍ ଭୁଲ୍‌ରେ କିମ୍ବା ସହଜରେ ଚାଲୁ ହୋଇପାରିବ ନାହିଁ। କୌଣସି ପାଇଲଟ ଉଡ଼ାଣ ଆରମ୍ଭ କରିବା ସମୟରେ ଏହି ସ୍ୱିଚ୍‌କୁ କେବେ ବନ୍ଦ କରିବ ନାହିଁ। କାରଣ ତୁରନ୍ତ ଏହାର ପ୍ରଭାବ ପଡ଼ିଥାଏ ବୋଲି ସେ ଜାଣିଛନ୍ତି। ଅନ୍ୟଜଣେ ବିଶେଷଜ୍ଞ କହିଛନ୍ତି ଯେ ଏହି ସ୍ୱିଚ୍ ସ୍ୱାଧୀନ ଭାବେ ତାର ଏବଂ ବିଦ୍ୟୁତ ସହ ସଂଯୋଗ ହୋଇଥାଏ। ତେଣୁ କୌଣସି ଯାନ୍ତ୍ରିକ ତ୍ରୁଟି ବିନା ଅଜାଣତରେ ଏହା ବନ୍ଦ ହେବାର ସମ୍ଭାବନା ବହୁତ କମ୍।

**କୋଲକାତାରେ ପୁଣି ଛାତ୍ରୀ ଦୁଷ୍କର୍ମ**

## ଏଥର ଆଇଆଇଏମ୍ କୋଲକାତା ଗିରଫ ହେଲା ଅଭିଯୁକ୍ତ ଛାତ୍ର



କୋଲକାତା, ୧୨।୭(ଏଜେନ୍ସି): କୋଲକାତାରେ ପୁଣି ଏକ ଛାତ୍ରୀ ଦୁଷ୍କର୍ମ ମାମଲା। ଗତବର୍ଷ ଆରଜି କର ମେଡିକାଲ କଲେଜରେ ମହିଳା ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା। ୧୫ ଦିନ ତଳେ କୋଲକାତାର ଏକ ଆଇନ କଲେଜରେ ଜଣେ ଆଇନ ଛାତ୍ରୀଙ୍କୁ ଦୁଷ୍କର୍ମ। ପୁଣି ଗତକାଲି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଛି। ଗୋଟିଏ ପରେ ଆଉ ଗୋଟିଏ ଏଭଳି ଘଟଣା କୋଲକାତାରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି।

ଜଣେ ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ଆଇଆଇଏମ୍ ହଷ୍ଟେଲରେ ତାଙ୍କୁ ମୃଦୁପାନୀୟ ଦେଇ ଅଚେତ କରାଇବା ପରେ ଦୁଷ୍କର୍ମ କରିଛି ଜଣେ ଛାତ୍ର। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରକୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ କରିଥିବା ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଛାତ୍ରୀ ଓ ଅଭିଯୁକ୍ତ ପରସ୍ପର ସହ ପରିଚିତ ହେଇଥିଲେ। ଏକ ବ୍ୟକ୍ତିଗତ ମାମଲାରେ ପରାମର୍ଶ ନେବାପାଇଁ ଛାତ୍ରୀ ଜଣକ ଅଭିଯୁକ୍ତକୁ ଭେଟିବାକୁ ଆଇଆଇଏମ୍ ଆସିଥିଲେ। ଏହାପରେ ସେହି ଅଭିଯୁକ୍ତ ଛାତ୍ର ତାଙ୍କୁ ଛାତ୍ର ହଷ୍ଟେଲକୁ ନେଇଯାଇଥିଲା। ସେଠାରେ ତାଙ୍କୁ ପିଜା ଖାଇବାକୁ ଦେବା ସହିତ ମୃଦୁପାନୀୟ ଦେଇଥିଲା। ଖାଇବା ପରେ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ଛାତ୍ର ଜଣକ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଚେତା ଫେରିବା ପରେ ସେ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମ କଥା କାହାକୁ ନ କହିବାକୁ ଅଭିଯୁକ୍ତ ଧମକ ଦେଇଥିଲା ବୋଲି ସେ କହିଛନ୍ତି। ଏହି କଥା ବାହାରେ ପ୍ରଘଟ କଲେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। କାଉନେସେଲିଂ ସେସନ ପାଇଁ ତାଙ୍କୁ ହଷ୍ଟେଲ ଡକାଯାଇଥିଲା ବୋଲି ପୀଡିତା ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି।

ଏହି ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଛାତ୍ରୀଙ୍କ ସୁରକ୍ଷା ଲାଗି କାହିଁକି ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ ବୋଲି ବିଭିନ୍ନ ଦଳ ଓ ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଗତ ମାସ ୨୫ ତାରିଖରେ ଆଇନ କଲେଜ ଛାତ୍ରୀଙ୍କୁ କଲେଜ ହଷ୍ଟେଲ ପରିସରରେ ଗଣଦୁଷ୍କର୍ମ କରାଯାଇଥିଲା। ଏହାସତ୍ତ୍ୱେ ପୁଲିସ ଓ ପ୍ରଶାସନ କାହିଁକି ଚେତୁନାହିଁ? ତେବେ ଏହି ମାମଲାରେ ଆଇଆଇଏମ୍ ସଂପୂର୍ଣ୍ଣ ରୂପେ ପୁଲିସ ସହଯୋଗ କରିବା ସହିତ ସୁରକ୍ଷା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଉଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀଙ୍କ ପିତା ଏହି ଦୁଷ୍କର୍ମ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ଦୁଷ୍କର୍ମ ହୋଇନାହିଁ। ପୁଲିସ ଏଭଳି ଅଭିଯୋଗ କରିବା ଲାଗି ତାଙ୍କ ଝିଅ ଉପରେ ଚାପ ପକାଇଥିବା ସେ ଅଭିଯୋଗ କରିଛନ୍ତି।

**କପିଳ ଶର୍ମାଙ୍କୁ ଆତଙ୍କୀ ପନ୍ନୁର ଧମକ**

## କାନାଡାରେ କାରବାର ବନ୍ଦ କର

ଅମୃତସର, ୧୨।୭(ଏଜେନ୍ସି): ଖଲିସ୍ତାନୀ ଆତଙ୍କୀ ଗୁରପତବନ୍ତ ସିଂହ ପନ୍ନୁ କମେଡିଆନ କପିଳ ଶର୍ମାଙ୍କୁ କାନାଡାରେ କାଫେ ଖେଲିବା କାରଣରୁ ଧମକ ଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସେ ଏହି ଧମକ ଦେଇଛି। କପିଳ ନିଜକୁ ଜଣେ ହିନ୍ଦୁବାଦୀ ବୋଲି ପରିଚୟ ଦେଉଛନ୍ତି ବୋଲି ସେ କହିଛି। ତେଣୁ ତାଙ୍କ କାଫେ ଉପରେ ଗୁଳି ଚଲାଇ ଯାଇପାରିବ ଓ ଏଥିପାଇଁ ଖଲିସ୍ତାନୀ ସମର୍ଥକଙ୍କୁ ଦାୟୀ କରାଯାଇପାରିବ ବୋଲି ସେ କହିଛି। ଏ ସଂକ୍ରାନ୍ତରେ ପନ୍ନୁ ଅଜବ ଯୁକ୍ତି ଉପସ୍ଥାପନା କରିଛି। ଭାରତର ଲୋକ କାନାଡାର ସବୁ ସହରରେ ରହୁଛନ୍ତି। କପିଳ କାଫେ ଖୋଲିବା ବିଶ୍ୱସ୍ତରରେ ହିନ୍ଦୁତ୍ୱର ବିସ୍ତାର ପାଇଁ ଏକ ସୁଚିନ୍ତିତ ଯୋଜନା ତଥା ରଣନୀତର ଅଂଶବିଶେଷ ହୋଇପାରେ। କପିଲ୍ ଭଳି ବ୍ୟକ୍ତି କାନାଡାରେ ବ୍ୟବସାୟ କରିବାକୁ ଆସୁଛନ୍ତି।

## ୭ ବର୍ଷ ତଳେ ସ୍ୱିଚ୍‌କୁ ନେଇ ସତର୍କ କରିଥିଲା ଆମେରିକା

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଏଏଆଇବିର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିଛି। ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ହୋଇଯିବା ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ଏହା ମଧ୍ୟରେ ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ୨୦୧୮ ରେ ଇନ୍ଧନ ସ୍ୱିଚ୍‌କୁ ନେଇ ଜାରି କରିଥିବା ମାର୍ଗଦର୍ଶିକା ଉପରେ ଚର୍ଚ୍ଚା ଜୋର୍ ଧରିଛି। ଏହି ମାର୍ଗଦର୍ଶିକାକୁ ଅଣଦେଖା କିମ୍ବା ଅବହେଳା କରିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏଏଆଇବିର ଏହି ଯାଞ୍ଚ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ ପାଇଲଟଙ୍କ ତ୍ରୁଟି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିବାବେଳେ ଏ ନେଇ କୌଣସି ପ୍ରମାଣ ଦିଆଯାଇ ନାହିଁ। ଏବେ ଯାଞ୍ଚରେ ଇନ୍ଧନ ସ୍ୱିଚ କେମିତି ବନ୍ଦ ହେଲା ତାହାକୁ ଧ୍ୟାନ ଦିଆଯାଉଛି। ରିପୋର୍ଟରେ କେଉଁ ଇନ୍ଧନ ସ୍ୱିଚ ଆଗ ବନ୍ଦ ହୋଇଥିଲା ତାହାର ମଧ୍ୟ ସୂଚନା ନାହିଁ। କିନ୍ତୁ ଦୁର୍ଘଟଣାସ୍ଥଳରେ ଦୁଇଟି ଯାକ ସ୍ୱିଚ ଅନ୍ ଥିବା ଦେଖା ଯାଇଥିଲା। କକ୍‌ପିଟ୍ ଭିତରେ ଏକ ସ୍କ୍ରିନ୍ ରହିଥାଏ। ଏଥିରେ କେତେବେଳେ କେଉଁ ପଦକ୍ଷେପ ନିଆଯିବ ତାହା ସୂଚିତ କରାଯାଇଥାଏ।

୨୦୧୮ ରେ ଏଫଏଏ ବୋଇଂ ଡ୍ରିମ୍‌ଲାଇନର ବିମାନର ଇନ୍ଧନ ସ୍ୱିଚ ଲକିଂ ସିଷ୍ଟମରେ ଥିବା ସମ୍ଭାବ୍ୟ ସମସ୍ୟାକୁ ନେଇ ବୁଲେଟିନ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ଡ୍ରିମଲାଇନରର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'ର ଲକିଂ ବୈଶିଷ୍ଟ୍ୟ ନିଷ୍କ୍ରିୟ ହେବାର ଆଶଙ୍କା ରହିଛି। ବୋଇଂ ଡ୍ରିମ୍‌ଲାଇନର ୭୩୭ ମଡେଲ ବିଶିଷ୍ଟ ବିମାନର କିଛି ଅପରେଟରଙ୍କ ରିପୋର୍ଟକୁ ଆଧାର କରି ଏଫଏଏ ଏହି ମାର୍ଗଦର୍ଶିକା ଜାରି କରିଥିଲା। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହା କେବଳ ପରାମର୍ଶ ଥିଲା। ଏହା ବାଧ୍ୟତାମୂଳକ ନିର୍ଦ୍ଦେଶ ନ ଥିଲା। ଏଥିପାଇଁ ଫୁଏଲ କଣ୍ଟ୍ରୋଲ ସ୍ୱିଚର ଯାଞ୍ଚ କରାଯାଇ ନ ଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ସ୍ୱିଚ୍ ଯାଞ୍ଚ କରିଥିଲେ ବୋଧେ ଏତେ ବଡ଼ ଦୁର୍ଘଟଣା ଘଟି ନ ଥାଆନ୍ତା।


## ପଶ୍ଚିମ ୟୁକ୍ରେନରେ ରୁଷିଆର ଡ୍ରୋନ୍, ମିସାଇଲ ଆକ୍ରମଣ

କିଭ୍, ୧୨।୭(ଏଜେନ୍ସି): ୟୁକ୍ରେନ ଉପରେ ରୁଷିଆ ପୁଣିଥରେ ଆକ୍ରମଣ କରିଛି। ପଶ୍ଚିମ ୟୁକ୍ରେନ୍‌ରେ ରୁଷିଆ ଶନିବାର ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଛି। ଚଳିତ ମାସରେ ଏହ ରୁଷିଆର ଚତୁର୍ଥ ବଡ଼ ଧରଣର ଆକ୍ରମଣ। ଏହି ଆକ୍ରମଣରେ ଅତିକମ୍‌ରେ ଦୁଇଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ରୁଷିଆ ୫୯୭ ଡ୍ରୋନ ଓ ୨୬ ମିସାଇଲ ମାଡ କରିଥିଲା ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି କହିଛନ୍ତି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ୩୧୯ଟି ଡ୍ରୋନ ଓ ୨୫ଟି ମିସାଇଲକୁ ନଷ୍ଟ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

# କର୍ଣ୍ଣାଟକ ଗୋକର୍ଣ୍ଣ ଗୁମ୍ଫାରୁ ରୁଷୀୟ ମହିଳା ଓ ୨ ଝିଅ ଉଦ୍ଧାର

କାରବାଡ଼, ୧୨।୭(ଏଜେନ୍ସି): ଉତ୍ତର କନଡ଼ ଜିଲ୍ଲାର କୁମତା ତାଲୁକରେ ରାମତୀର୍ଥ ପାହାଡରେ ଥିବା ଗୋକର୍ଣ୍ଣ ଗୁମ୍ଫାରୁ ଜଣେ ରୁଷୀୟ ମହିଳା ଓ ତାଙ୍କ ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହି ମହିଳା ହେଉଛନ୍ତି ୪୦ ବର୍ଷୀୟା ନୀନା କୁଟିନା। ଏହି ମହିଳା ଜଣକ ବିଜନେସ ଭିଜାରେ ଭାରତ ଆସିଥିଲେ। ସନାତନ ଧର୍ମ ଓ ବଳିଷ୍ଠ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପ୍ରଭାବିତ ହୋଇ ସେ ଗୋଆରୁ ଆସି ଗୋକର୍ଣ୍ଣରେ ପହଞ୍ଚିଥିଲେ। ତାଙ୍କ ସହ ଦୁଇ ଝିଅ ୬ ବର୍ଷୀୟା ପ୍ରିୟା ଓ ୪ ବର୍ଷୀୟ ଅମାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଙ୍ଗଲର ମଝିରେ ଏହି ୩ ଜଣ ଦୁଇ ସପ୍ତାହ ରହିଥିଲେ। ଗୁମ୍ଫା ମଧ୍ୟରେ ସେ ସାଧାରଣ ଘର ତିଆରି କରିଥିଲେ। କିଛିଦିନ ତଳେ ହୋଇଥିବା ଭୂସ୍ଖଳନ ପରେ ନିୟମିତ ପେଟ୍ରୋଲିଂ ଅବସରରେ ପୁଲିସ ଗୁମ୍ଫା ବାହାରେ କିଛି ପୋଷାକ ସୁଖା ଯାଉଥିବାର ଦେଖିଥିଲା। ଗୁମ୍ଫା ଭିତରରେ ପହଞ୍ଚିବା ପରେ ପୁଲିସ ମହିଳା ଓ ତାଙ୍କ ଦୁଇ ଝିଅଙ୍କୁ ଦେଖି ଚକିତ ହୋଇଥିଲା। ଘନ ଜଙ୍ଗଲରେ ଏମାନେ କିପରି ବଞ୍ଚି ରହିଲେ ଓ କଣ ଖାଉଥିଲେ ସେ ନେଇ ପୁଲିସ କର୍ମଚାରୀ ବେଶ୍ ଚକିତ ହୋଇଥିଲେ। ତେବେ ୩ ଜଣଙ୍କ ସହ କୌଣସି ଦୁର୍ଘଟଣା ହୋଇ ନଥିବା କଥା ପୁଲିସ ସ୍ପଷ୍ଟ କରିଛି। ମହିଳା ଜଣକ ଗୋଆରୁ ଏହି ଗୁମ୍ଫାରେ ଆସି ପହଞ୍ଚିଥିଲେ ବୋଲି ପୁଲିସ କହିଛି। ୨୦୧୭ ସୁଦ୍ଧା ମହିଳାଙ୍କ ଭିଜା ଶେଷ ହୋଇଥିଲା। କିନ୍ତୁ ସେ କେବେଠାରୁ ଭାରତରେ ରହୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଜଣେ ସାଧ୍ୱୀଙ୍କ ଆଶ୍ରମରେ ମହିଳାଙ୍କର ରହିବା ବ୍ୟବସ୍ଥା କରାଯାଇଛି। ଗୋକର୍ଣ୍ଣରୁ ତାଙ୍କୁ ବେଙ୍ଗାଲୁରୁ ନିଆଯିବା ଓ ପ୍ରତ୍ୟାର୍ପଣର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏଥିପାଇଁ ଏକ ସ୍ଥାନୀୟ ଏନ୍‌ଜିଓ ମାଧ୍ୟମରେ ରୁଷ୍ ଦୂତାବାସ ସହ ସମ୍ପର୍କ କରାଯାଇଛି। ଏ ନେଇ ସବୁ ପ୍ରକାର ଔପଚାରିକତା ଆରମ୍ଭ କରାଯାଇଛି। ଏହି ଗୁମ୍ଫା ୫୦୦ ମିଟର ଉଚ୍ଚରେ ରହିଛି। ଏହା ଭିତରେ ଏକ ଶିବଲିଙ୍ଗ ରହିଛି। ସେଠାରେ ବହୁ ସଂଖ୍ୟାରେ ବାଦୁଡି ରହିଥାନ୍ତି। ଏଠାକାର ପ୍ରାକୃତିକ ପରିବେଶ ଓ ଶାନ୍ତ ବାତାବରଣରେ ଯୋଗ ଓ ଧ୍ୟାନ କରିବା ବେଶ୍ ଭଲ ଭାବେ ହୋଇଥାଏ।









ଚିକିତ୍ସା ପରେ ମୁମ୍ବାଇରୁ ଓଡ଼ିଶା ଫେରିବା ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ପାଇଁ ଭୁବନେଶ୍ୱର ବିମାନବନ୍ଦର ଲୋକାରଣ୍ୟ

## ବଜ୍ରପାତ ନେଲା ୩ ଜୀବନ

### କେନାଲ କାମ ବେଳେ ଟଳିପଡ଼ିଲେ

**ନୀଳଗିରି, ୧୨।୭ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ରେ ଆଜି ବଜ୍ରପାତରେ ୩ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ମୃତକମାନେ ହେଲେ, ନୀଳଗିରି ଉପଖଣ୍ଡ ବରହମ୍‌ପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଡ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା (୨୮)। ଏଥିସହ ଏହି ଅଘଟଣରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ସମସ୍ତେ କେନାଲ କାମରେ ନିୟୋଜିତ ଥିବା ବେଳେ ଏହି ଅଘଟଣ ଘଟିଥିଲା।

ସୂଚନାନୁଯାୟୀ, ରିଷିଆ ଡ୍ୟାମ୍ ରାଇପାଳସ୍ଥିତ ଶାଖା କେନାଲରେ ୧୦ରୁ ଅଧିକ ଶ୍ରମିକ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲି ଆସିଥିଲେ। ସେଠାରେ ଶ୍ରମିକମାନେ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଦିନ ପ୍ରାୟ ୨ଟା ସମୟରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମାମି, ଆଲାମଣି ଓ ଅଜିତ ଚେତାଶୂନ୍ୟହୋଇପଡ଼ିଥିଲେ।ସ୍ଥାନୀୟଲୋକଏବଂଶ୍ରମିକମାନେସେମାନଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରହମପୁର ଏବଂ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବିଜେଡିର ଅଭିଯୋଗ | ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ

- ମହାବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ, ଅଧ୍ୟକ୍ଷଙ୍କ ଗିରଫ ଦାବିକଲା ଦଳ
- ଛାତ୍ରୀଙ୍କୁ ଏମ୍ସରେ ଭେଟିଲେ ବିଜେଡିର ପ୍ରତିନିଧିମଣ୍ଡଳୀ
- ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ

**ଭୁବନେଶ୍ୱର,୧୨।୭ (ସମିସ):** ଫକୀର ମୋହନ ମହାବିଦ୍ୟାଳୟର ଶନିବାର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ପରି ଅଭାବନୀୟ ଘଟଣା ଘଟିଛି। ଏପରି ସ୍ପର୍ଶକାତର ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି। ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନାରୀଟିଏ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଙ୍ଗୀନ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ। ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ



ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ୍ୟ ହୋଇ ଆ।ହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀଜଣକ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ। ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ। ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଏହା ଏକ ବଡ ଅଭିଯୋଗ ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି। ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣଦୁଷ୍କର୍ମ ପରି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ନଲିଭିଥିଲା ବେଳେ ଫକୀର ମୋହନ କଲେଜରେ ଆଜିର ଏହି ଘଟଣା ସାଧାରଣ ଲୋକଙ୍କୁ ମର୍ମାହତ କରିଛି। ଏହି ଘଟଣାରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ସୁଲୋଚନା ଦାସ, ବିଧାୟକ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଇପ୍ସିତା ସାହୁ ପ୍ରମୁଖ ରହିଛନ୍ତି।

## ଅଳ୍ପକେ ଟଳିଲା ବଡ଼ ଅଘଟଣ | ଓସିଏ କନ୍‌ଫରେନ୍ସ ହଲ୍‌ରେ ଅଗ୍ନିକାଣ୍ଡ



- ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ
- ବିଦ୍ୟୁତ୍ ସର୍ଟ-ସର୍କିଟରୁ ବ୍ୟାପିଥିଲା ନିଆଁ
- ବର୍ତ୍ତିଗଲେ ୪୦ରୁ ଊର୍ଦ୍ଧ୍ୱ ଫୁଟବଲ୍ ରେଫରି

**କଟକ, ୧୨।୭ (ସମିସ):** ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆଜି ଦିନ ପ୍ରାୟ ୧ଟା୪୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଯଦିଓ କେହି ମୃତାହତ ହୋଇ ନାହାନ୍ତି, ଦେଢ଼ କୋଟିରୁ ଅଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଓ ଇଣ୍ଟେରିୟର୍ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି କନ୍ସଫରେନ୍ସ ହଲ୍‌ରେ ରାଜ୍ୟ ଫୁଟ୍‌ବଲ୍ ରେଫରିଙ୍କ ଏକ ସଭା ଓ ପରୀକ୍ଷା ଚାଲିଥିଲା। ସୌଭାଗ୍ୟବଶତଃ ଲଞ୍ଚ ବ୍ରେକ୍‌ରେ ୪୦ ଜଣ ଫୁଟବଲ୍ ରେଫରି କନ୍‌ଫରେନ୍ସରୁ ବାହାରି ଯାଇଥିଲେ। ଠିକ୍ ଏହି ସମୟରେ ହଲ୍ ଭିତରୁ ନିଆଁ ସହ ଧୂଆଁ ବାହାରିଥିଲା। ଖବର ପାଇ ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟରୁ ୨ଟି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଅଳ୍ପକେ ଏକ ବଡ଼ଧରଣର ବିପଦ ଟଳିଯାଇଛି ବୋଲି ଫାୟାର୍ ଅଫିସର ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି।

ଅଗ୍ନିଶମ ବାହିନୀ ସୂଚନା ଅନୁଯାୟୀ, ଓସିଏ କନ୍‌ଫରେନ୍ସ ହଲ୍‌ରେ ଆଜି ରାଜ୍ୟର ଫୁଟବଲ୍ ରେଫରିମାନଙ୍କୁ ନେଇ ଏକ ସଭା ଏବଂ ପରୀକ୍ଷା କରାଯାଉଥିଲା। ଏଥିପାଇଁ ସମଗ୍ର ରାଜ୍ୟରୁ ଆସିଥିବା ୪୦ରୁ ଅଧିକ ରେଫରି ଏହି ହଲ୍‌ରେ ବସିଥିଲେ। ଟ୍ରେନର୍ ଏବଂ ଓସିଏ ଷ୍ଟାଫ୍‌ଙ୍କୁ ମିଶାଇ ପ୍ରାୟ ୬୦ଜଣ ଲୋକ ଏହି ହଲ୍‌ରେ ଉପସ୍ଥିତ ଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ଲଞ୍ଚ୍-ବ୍ରେକ୍ ପାଇଁ କୁହାଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ସମସ୍ତ ରେଫରି, କୋଚ୍ ଏବଂ ଓସିଏ ଷ୍ଟାଫ୍ ହଲ୍ ବାହାରକୁ ଆସିଥିଲେ। ଏହାର ୧୦ ମିନିଟ୍ ପରେ ହଲ୍ ବାହାର ଝରକା ଦେଇ ଧୂଆଁ ଓ ନିଆଁ ବାହାରିଥିଲା। ଏଥିରେ ଭୟଭୀତ ହୋଇ ଓସିଏ କର୍ତ୍ତୃପକ୍ଷ ତୁରନ୍ତ ବକ୍ସିବଜାର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏହାରି ଭିତରେ ଓସିଏ କର୍ମଚାରୀ ପାଖରେ ଥିବା ଫାୟାର୍ ଏକ୍ସଟିଂଗୁଇସର୍ ଦ୍ୱାରା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ।

ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଟି ୱାଟର୍ ଟ୍ୟାଙ୍କର୍‌ରୁ ହଲ୍ ମଧ୍ୟକୁ ପାଣି ମାଡ଼ କରିଥିଲେ। ଏଥିସହ ସ୍ମୋକ୍-ଡିଟେକ୍ଟର୍ ଓ ବ୍ରିଦିଂ ଆପାରେଟସ୍ ସାହାଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ହଲ୍ ମଧ୍ୟକୁ ପ୍ରବେଶ କରି ନିଆଁ ଲିଭାଇବା ସହ ଧୂଆଁକୁ ଅଟକାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ୮ଟି ଏସି, ଷ୍ଟାବିଲାଇଜର୍, ୫ଟି ଲ୍ୟାପଟପ୍, ହଲ୍ ଭିତର ଅତ୍ୟାଧୁନିକ ଇଣ୍ଟେରିୟର୍, ଚେୟାର୍, ମାଇକ୍ ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିଶମ ବାହିନୀର ପ୍ରାଥମିକ ତଦନ୍ତ ତଥା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ସହଯୋଗ କରିଥିଲା। ଅଗ୍ନିକାଣ୍ଡର କାରଣ ବିଦ୍ୟୁତ୍ ସର୍ଟ-ସର୍କିଟ୍‌ଜନିତ ବୋଲି କୁହାଯାଉଛି। କିନ୍ତୁ ଆସନ୍ତାକାଲି ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିବ।

- ବାଲେଶ୍ୱର ଘଟଣାକୁ କଡ଼ା ନିନ୍ଦା କଲେ ପିସିସି ସଭାପତି

## ଶିକ୍ଷାନୁଷ୍ଠାନରେ ଅଭାବନୀୟ ଘଟଣା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ

**ଭୁବନେଶ୍ୱର, ୧୨।୭ (ସମିସ):** ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାରେ ମହିଳା ଅସୁରକ୍ଷିତ। ଏକଥା କହି ରାହୁଲ ଗାନ୍ଧୀ ଓଡ଼ିଶା ଛାଡ଼ିବାର ଗୋଟିଏ ଦିନ ହୋଇଛି, ଆଜି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଗଲା। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଲେ।

ଶ୍ରୀ ଦାସ କହିଛନ୍ତି, ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ। କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା



ବିଭାଗର ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଏ ଘଟଣା ପାଇଁ ସମାନ ଭାବେ ଦାୟୀ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଥିସହ ଶ୍ରୀ ଦାସ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

- ବାମନଘାଟିରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ

## ଲୁଟ୍ ଉଦ୍ଦେଶ୍ୟରେ ଖଣି କର୍ମଚାରୀଙ୍କୁ ଗୁଳି

**ଅଳ୍ପକେ ବର୍ତ୍ତିଗଲେ**

**ରାଇରଙ୍ଗପୁର, ୧୨।୭ (ସମିସ):** ବାମନଘାଟି ଅଞ୍ଚଳରେ ପୁଣି ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଆତଙ୍କ ଖେଳାଇଛନ୍ତି। ଲୁଟ୍ ଉଦ୍ଦେଶ୍ୟରେ ଜଣେ ଖଣି କର୍ମଚାରୀଙ୍କୁ ଗୁଳି କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ମହାଦେବ ମାର୍ଣ୍ଡି। ସେ ବାଦାମପାହାଡ଼ ଲୌହ ଖଣିରେ କାମ କରନ୍ତି। ଏ ସଂପର୍କରେ ସେ ଯୋଡ଼ାପୋଖରୀ ଫାଣ୍ଡିରେ ଅଭିଯୋଗ କରିବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ସୂଚନାନୁସାରେ, ଶ୍ରମିକଙ୍କୁ ଟଙ୍କା ବାଣ୍ଟିବାକୁ ଆଜି ମଧ୍ୟାହ୍ନରେ ମହାଦେବ ଏକ ବଲେରୋରେ ଟଙ୍କା ନେଇ ରାଇରଙ୍ଗପୁରରୁ ବାଦାମପାହାଡ଼ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଗୋପାଳପୁର ନିକଟ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପ ପାଖରେ ସେମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ମହାଦେବ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

## ଚାକିରି ଦେବାକୁ ଡାକି ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ

**ଦଲାଲ ଦମ୍ପତି ଗିରଫ**

**କୋରାପୁଟ, ୧୨।୭ (ସମିସ):** ଚାକିରି କରାଇଦେବା ଆଳରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ କରୁଥିବା ବେଳେ କୋରାପୁଟ ଟାଉନ୍ ଥାନା ପୁଲିସ ଏକ ଦଲାଲ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ, କୋରାପୁଟ ସହରର ଅରୁଣ କୁମାର ସାହୁ (୫୨) ଓ ପଲ୍ଲବୀ ବେହେରା (୪୫)। ପୁଲିସ୍ ସୂଚନାନୁଯାୟୀ, ଅରୁଣ ୮ ତାରିଖରେ କୋଲକାତାର ସୋମା ଘୋଷ (୩୬)ଙ୍କୁ ଫୋନ୍ କରି କୋରାପୁଟ ହସ୍ପିଟାଲରେ ଚାକିରି କରାଇ ଦେବାକୁ ଡାକିଥିଲେ। ସୋମା କୋରାପୁଟ ପହଞ୍ଚି ଦୁଇ ଦିନ ରହିଲେ। ଶୁକ୍ରବାର ରାତିରେ ଅରୁଣ ଓ ପତ୍ନୀ ପଲ୍ଲବୀ ତାଙ୍କୁ ବାଇକ୍‌ରେ ବସାଇ କେଉଁଠାକୁ ବିକ୍ରି କରିବାକୁ ନେଉଥିଲେ। ଏହି ସମୟରେ ପୁଲିସ ପାଟ୍ରୋଲିଂ ଜିପ୍ ଦେଖି ସୋମା ଚିତ୍କାର କରିଥିଲେ। ଚିତ୍କାର ଶୁଣି ପୁଲିସ ଗାଡ଼ି ଅଟକାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ତିନିଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସୋମାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଟାଉନ ଥାନାରେ ବିଭିନ୍ନ ଦଫାରେ ଏକ ନମ୍ବର ୧୪୪/୨୫ରେ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବ୍‌ଇନ୍ସପେକ୍ଟର୍ ଲତିକା ବୈଦ୍ୟ ଏହି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

- ବିଜେପିର ପ୍ରତିକ୍ରିୟା ଉପରେ ଉତ୍ତର ରଖିଲା ଯୁବ କଂଗ୍ରେସ

## କଂଗ୍ରେସ ଲୋକପ୍ରିୟତା ବିଜେପି ସହିପାରୁନି

**ଭୁବନେଶ୍ୱର,୧୨।୭ (ସମିସ):** କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶର ଜନସମୁଦ୍ରକୁ ଦେଖି ବିଜେପି ସରକାର ଭୟଭୀତ ହୋଇପଡ଼ିଛି। ତେଣୁ କଂଗ୍ରେସ ବିରୋଧରେ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ନେତାମାନେ ବିଷୋଦ୍‌ଗାର କରିବାରେ ଲାଗିଛନ୍ତି ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସର ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ୍ ବିବୃତିରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଶ୍ରୀ ସାମଲ କହିଛନ୍ତି, ସମାବେଶରେ କେବଳ କଂଗ୍ରେସ କର୍ମୀ ନ ଥିଲେ, ଏଥିରେ ଓଡ଼ିଶାର ଅଗଣିତ ଉପେକ୍ଷିତ, ନିର୍ଯ୍ୟାତିତ ଓ ଅତ୍ୟାଚାରିତ ଜନତା ଅଂଶଗ୍ରହଣ କରିଥିଲେ। ଅନିୟନ୍ତ୍ରିତ ମହିଳା ଅତ୍ୟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକମାନଙ୍କୁ ଉପେକ୍ଷା ଓ ଅତ୍ୟାଚାରର ପ୍ରତିବାଦ କରି ଓଡ଼ିଶାର କୋଣଅନୁକୋଣରୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମାବେଶକୁ ଆସିଥିଲେ। ରାହୁଲ ଗାନ୍ଧୀଙ୍କୁ ସେମାନେ ତାଙ୍କ ନେତା ବୋଲି ଭାବି ତାଙ୍କ ପାଖରେ ଅଭିଯୋଗ କରିବା ପାଇଁ ଛୁଟି ଆସିଥିଲେ। ଏହାକୁ ଦେଖି ବିଜେପି ଅସହିଷ୍ଣୁ ହୋଇପଡ଼ିଛି। ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଶାନ୍ତିରେ ବଞ୍ଚିବା ପାଇଁ ଦିଆଯାଉ ନାହିଁ। ମହିଳାମାନଙ୍କର ଅତ୍ୟାଚାର ଦିନକୁ ଦନ ବଢ଼ି ଚାଲିଛି। ଯୁବ, ଛାତ୍ର, ମହିଳା, ଚାଷୀ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପାଉନାହାନ୍ତି। ଏହା ଉପରେ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି।

## ପଞ୍ଜୀକରଣ ଉଦ୍ଦିଷ୍ଟ କୌଣସି ଦସ୍ତାବିଜକୁ ସବ୍-ରେଜିଷ୍ଟ୍ରାର ମୌଖିକ ଭାବେ ଅଗ୍ରାହ୍ୟ କରିପାରିବେ ନାହିଁ: ହାଇକୋର୍ଟ

**କଟକ,୧୨।୭ (ସମିସ):** ସବ୍-ରେଜିଷ୍ଟ୍ରାର କୌଣସି ଦସ୍ତାବିଜ୍‌କୁ ଗ୍ରହଣ କରିବାକୁ ମୌଖିକ ଭାବେ ମନା କରିପାରିବେ ନାହିଁ। ଯେତେବେଳେ ତାହା ପଞ୍ଜୀକରଣ ପାଇଁ ଉପସ୍ଥାପନ କରାଯାଏ, ସେହି ଦସ୍ତାବିଜକୁ ପଞ୍ଜୀକରଣ କରିବେ। ଯଦି ସେହି ଦସ୍ତାବିଜ ଆଇନଗତ ଭାବେ ଉପଯୁକ୍ତ ନୁହେଁ, ତାହେଲେ ପଞ୍ଜୀକରଣ ପାଇଁ ଗ୍ରହଣ ନ କରିବାର ଲିଖିତ ଭାବେ କାରଣ ଦର୍ଶାଇବାକୁ ପଡ଼ିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନ୍ତର୍ଯାମୀ ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ- ୧୯୮୮ ଅନୁଯାୟୀ ଯେତେବେଳେ କୌଣସି ବିକ୍ରି ଦଲିଲ ପଞ୍ଜୀକରଣ ପାଇଁ ଉପସ୍ଥାପିତ ହୁଏ, ତାହା ଗ୍ରହଣ କରିବା ସବ୍-ରେଜିଷ୍ଟ୍ରାରଙ୍କ କର୍ତ୍ତବ୍ୟ ଏବଂ ଯଦି ଏହା ଆଇନର ବ୍ୟବସ୍ଥା ସହ ଅନୁପାଳନ କରେ ନାହିଁ, ତେବେ ସବ୍-ରେଜିଷ୍ଟ୍ରାର ଲିଖିତ କାରଣ ଦର୍ଶାଇ ପଞ୍ଜୀକରଣ ପାଇଁ ସେହି ଦଲିଲକୁ ଗ୍ରହଣ କରିବାକୁ ମନା କରିପାରନ୍ତି ବୋଲି କହିଛନ୍ତି ଅଦାଲତ। ତେଣୁ, ଉଲ୍ଲିଖିତ ଆଇନ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ର ଧାରା ୧୪୭କୁ ବିଚାରକୁ ନେଇ ଆବେଦନକାରୀ ବିକ୍ରୟପତ୍ର (ସେଲ୍-ଡିଡ୍) ଉପସ୍ଥାପନ କଲେ ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର ଏହାକୁ ଗ୍ରହଣ କରିବା ସହ ଭାରତୀୟ ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ ଅନୁଯାୟୀ କାର୍ଯ୍ୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର୍ ପଞ୍ଜୀକରଣ ପାଇଁ ଉପସ୍ଥାପିତ ବିକ୍ରୟ ପତ୍ର ଗ୍ରହଣ କରୁନଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଭୁବନେଶ୍ୱର ପାର୍ସଲ ବୋମା ବିସ୍ଫୋରଣ ଘଟଣା | ଅକ୍ଷମ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ କ୍ଷତିପୂରଣ ଦିଅ: ହାଇକୋର୍ଟ

### କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ

**କଟକ, ୧୨।୭ (ସମିସ):** ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ଜଣେ ଅବସରପ୍ରାପ୍ତ ଡାକ ସହାୟକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାର ପ୍ରତିପକ୍ଷ ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସ ସରକାରୀ ଡ୍ୟୁଟି କରୁଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ହରାଇଥିଲେ। ତାଙ୍କର ଦୀର୍ଘକାଳୀନ ଚିକିତ୍ସା ଏବଂ ସ୍ୱଳ୍ପ ପରିମାଣର କ୍ଷତିପୂରଣ ଦାବିକୁ ବିଚାର କରି ସରକାରୀ କର୍ତ୍ତୃପକ୍ଷ ଆଉ ବିଳମ୍ବ ନକରି ୧ ଲକ୍ଷ ୮୩ହଜାର ୮୨୩ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ ରାଶି ଅତ୍ୟଧିକ ନୁହେଁ, ତେଣୁ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ, ପ୍ରଣବାନନ୍ଦ ଦାସ ଭୁବନେଶ୍ୱରର ସୂର୍ଯ୍ୟନଗର ନନ୍-ଡେଲିଭରି ଟାଇପ୍ ସବ୍-ଅଫିସ୍‌ରେ ପୋଷ୍ଟାଲ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୦୨ ଜାନୁଆରି ୩ ତାରିଖ ଦିନ ଡ୍ୟୁଟିରେ ଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣରେ ସେ ଗୋଟିଏ ହାତ ଏବଂ ଗୋଟିଏ ଗୋଡ଼ ହରାଇଥିଲେ। ଏହି ଘଟଣା ଯୋଗୁଁ ସେ ପ୍ରାୟ ଦୁଇ ବର୍ଷ ପାଞ୍ଚ ମାସ ପାଇଁ ଚାକିରିରୁ ଅନୁପସ୍ଥିତ ଥିଲେ। ଡ୍ୟୁଟିରେ ପୁନର୍ବାର ଯୋଗଦାନ କରିବା ପରେ ସମଗ୍ର ସମୟ ପାଇଁ ଛୁଟି ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କୁ ଅକ୍ଷମତା ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ ବରିଷ୍ଠ ଅଧୀକ୍ଷକ (ଏସଏସପିଓ) ଗତ ୨୦୧୫ ଜାନୁଆରି ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ୧ଲକ୍ଷ ୮୩ହଜାର ଟଙ୍କା ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ବିଳମ୍ବ କାରଣରୁ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ତେବେ ପୁନର୍ବାର ଟ୍ରିବ୍ୟୁନାଲଙ୍କ ପକ୍ଷରୁ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

■ ଏଫଏମ୍ କଲେଜରେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ

# ଅଲ୍ଇଣ୍ଡିଆ ଡିଏସଓ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର




ବାଲେଶ୍ୱର, ୧୨।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷର ଜନୈକ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ କଠୋର ଦଣ୍ଡ ଦାବିରେ ଅଲ୍ ଇଣ୍ଡିଆ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଦ୍ୱାରା ବାରମ୍ବାର ଅସଦାଚରଣ ଶିକାର ହୋଇ କଲେଜ ଅଧ୍ୟକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି କୌଣସି ସୁରକ୍ଷା ପାଇନଥିଲେ। ଶେଷରେ ଅଧ୍ୟକ୍ଷଙ୍କ ଠାରୁ ନ୍ୟାୟ ପାଇବା ଆଶାରେ ଆଜି ଅଧ୍ୟକ୍ଷଙ୍କ ଅଫିସ ଆଗରେ ଧାରଣା ବସିଥିଲେ ବି ଛାତ୍ରୀ ଜଣଙ୍କ ମଧ୍ୟ ନିରାଶ ହୋଇଥିଲେ। ସମସ୍ତ ଆଶା ହରାଇ ସେ ନିଜ ଶରୀରରେ ପେଟ୍ରୋଲ ଢାଳି ଆତ୍ମାହୁତ ଦେବାକୁ ଚେଷ୍ଟା କରି ମୃତ୍ୟୁ ସହିତ ସଗ୍ରାମ କରୁଛନ୍ତି। ଇତି ମଧ୍ୟରେ ବିଭାଗୀୟ ମୁଖ୍ୟଙ୍କୁ ଗିରଫ କରାଯାଇଛି ଏବଂ ଅଧ୍ୟକ୍ଷଙ୍କୁ ନିଲମ୍ବନ କରାଯାଇଛି କେବଳ ଏତିକିରେ ଉପଯୁକ୍ତ ଶାସ୍ତି ହେବନାହିଁ, ସେମାନଙ୍କୁ ଚାକିରିରୁ ବହିଷ୍କାର କରିବା ଦରକାର। ତତ ସହିତ ଥାନରେ ଅଭିଯୋଗ ପରେ ବି ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା ଅଫିସରଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ ଆବଶ୍ୟକ। ଏହି ମର୍ମାନ୍ତିକ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଅପରାଧୀ ଅଧ୍ୟାପକଙ୍କୁ ତୁରନ୍ତ ଗିରଫ କରିବା, ଅଧ୍ୟକ୍ଷ ଓ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ସ୍ୱତ୍ତ୍ୱେ କାହିଁକି ପଦକ୍ଷେପ ନିଆ ନ ଗଲା, ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନ ଗତ କଠୋର ପଦକ୍ଷେପ ନେବା ପାଇଁ ଅଲ ଇଣ୍ଡିଆ ଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ ଓ ସଭାପତି ହରେକୃଷ୍ଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଏସ୍‌ପିଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡି ଏସ ଓ ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା କ୍ରିଷ୍ଟା ରାଣୀ ସାହୁ, ଡି ଏସ ଓ ସଂଗଠିକା ଜୁଙ୍ଗା ବାନାରା ସାମିଲ ହୋଇଥିଲେ।

# ଲକ୍ଷ୍ମୀବସ୍ କଣ୍ଡକ୍ଟରଙ୍କ ଧାରଣା; ବସ୍ ବନ୍ଦ, ଲୋକେ ହନ୍ତସନ୍ତ

ସୋର,୧୨।୭ (ସମିସ)



ସୋର ବ୍ଲକ ପରିସରରେ ଆଜି ସକାଳେ ଲକ୍ଷ୍ମୀବସର କଣ୍ଡକ୍ଟର ମାନେ ଧାରଣା ଦେଇଛନ୍ତି। ଫଳରେ ବସ୍ ଗୁଡିକ ବନ୍ଦ ହେବାରୁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସୂଚନା ଅନୁସାରେ ସୋର ବ୍ଲକରେ ସମୁଦାୟ ୪ଟି ଲକ୍ଷ୍ମୀ ବସ ଚାଲିଥିବା ବେଳେ ପୂର୍ବରୁ ୧୧ ଜଣ କଣ୍ଡକ୍ଟର କାମ କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ୪ ଜଣଙ୍କୁ ବିଭିନ୍ନ କାରଣ ଦର୍ଶାଇ ବାହାର କରାଯାଇଥିବା ବେଳେ ଗତକାଲି ଜଣେ କଣ୍ଡକ୍ଟରଙ୍କୁ ତାଙ୍କ ଉପରସ୍ଥ ଅଧିକାରୀ ବାହାର କରିଛନ୍ତି। ଏହି ସ୍ଥାନରେ ଅନ୍ୟଜଣେ କଣ୍ଡକ୍ଟରଙ୍କୁ ନିଯୁକ୍ତି ଦେଇଛନ୍ତି। ଫଳରେ ଆଜି ସକାଳେ କାର୍ଯ୍ୟରତ କଣ୍ଡକ୍ଟର ମାନେ ଦୀର୍ଘଦିନ ଧରି କାମ କରୁଥିଲେ ମଧ୍ୟ ନିଯୁକ୍ତି ପତ୍ର ଓ ଗାଇଡ ଲାଇନ ନ ମିଳିବାରୁ ଉପରସ୍ଥ ଅଧିକାରୀମାନେ ମନମୁଖୀ ଭାବେ ସେମାନଙ୍କୁ ବିନା କାରଣରେ ବାହାର କରୁଛନ୍ତି। ତେଣୁ ନିଯୁକ୍ତି ପତ୍ର ସାଙ୍ଗକୁ ଗାଇଡ ଲାଇନ ମିଳିଲେ ସେମାନେ ଗାଡିକୁ ଉଠିବେ ବୋଲି ଧାରଣାରେ ବସିରହିଥିବା ଧାରଣାରତ କଣ୍ଡକ୍ଟରମାନେ କହିଛନ୍ତି। ଆଜି ଦିନ ତମାମ ବସ ଗୁଡିକ ବନ୍ଦ ଥିବାରୁ ଲକ୍ଷ୍ମୀ ବସ ଉପରେ ନିର୍ଭର କରୁଥିବା ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ମହିଳା ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତଙ୍କୁ ଗିରଫ ଦାବି

ଲଙ୍ଗଳେଶ୍ୱର/କାଳିପଦା,୧୨।୭ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କାଳିପଦାରେ କାର୍ଯ୍ୟରତ ମହିଳା ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବାଲିଆପାଳ ପଞ୍ଚାୟତର ବିଜେପି ନେତା ହେମନ୍ତ ଦାସ ଶୁକ୍ରବାର ବ୍ଲକ ପରିସରରେ ଦୁର୍ବ୍ୟବହାର ଓ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ବାଲିଆପାଳ ଆଇ ଆଇସି ଏତଲା ଗ୍ରହଣ କରି କେଶ ନମ୍ବର ୧୭୧/୨୫ ମୂଳେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲେ। ମାତ୍ର ଦୁଇ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଗିରଫ ହୋଇ ନାହିଁ। ଏ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ସାମ୍ବାଦିକ କମଳାକାନ୍ତ ଦାସ, ସୁବଳ ଚନ୍ଦ୍ର ଦାସ, ତ୍ରିଲୋଚନ ରାଉତ, ସତ୍ୟରଞ୍ଜନ ସାହୁ, ଦିଲ୍ଲିପ ଜେନା, ସୁବାସ ଦାସ, ରାଧା ଗୋବିନ୍ଦ ଦାସ, ଗୋପି କୃଷ୍ଣ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଅନ୍ୟପଟେ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଗତକାଲି ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ ବାଲିଆପାଳ ଥାନାରେ ଏତାଲା ଦେଇଛନ୍ତି। ସାମ୍ବାଦିକା ପାଣିଗ୍ରାହୀ କୁଆଡେ ହେମନ୍ତଙ୍କଠୁ ନଗଦ ପାଞ୍ଚ ଶହ ଟଙ୍କା ସହିତ ତାଙ୍କ ବ୍ଲକ ଛକ ବାସନ୍ତୀ ଜୁଏଲର୍ସରୁ ଅଢେଇ ହଜାର ଟଙ୍କାର ଇମିଟେସନ ସୁନା ଗହଣା ନେଇ ଥିଲେ। ଗତ କାଲି ହେମନ୍ତ ରାଜଶ୍ରୀଙ୍କୁ ଦେଇଥିବା ୫ଶହ ଟଙ୍କା ସହିତ ଗହଣା ବାବଦ ଟଙ୍କା ମାଗିବାରୁ ସାମ୍ବାଦିକା ପାଣିଗ୍ରାହୀ ତାଙ୍କୁ ନାନା ଧମକ ଚମକ ଦେଇଥିଲେ। ପୁଲିସର ଘଟଣାର ତଦନ୍ତ ଚଳାଇଛି।

# ବଦଳି ଆଦେଶ ରଦ୍ଦ କଲେ ହାଇକୋର୍ଟ

## ପୂର୍ବଭଳି ବରପଦା ବିଦ୍ୟାଳୟରେ ଶିକ୍ଷାଦାନ କଲେ ସହକାରୀ ଶିକ୍ଷକ

ଖଇରା,୧୨।୭ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରପଦାସ୍ଥିତ ଶାନ୍ତିଲତା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ମହଲାଙ୍କ ବଦଳିକୁ ହାଇକୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଦଳି ଆଦେଶକୁ ରଦ୍ଦ କରିଛନ୍ତି। ଗୁରୁବାର ଆଦେଶ ପହଞ୍ଚିବା ପରେ ଶୁକ୍ରବାର ଶିକ୍ଷକ ମହଲା ପୂର୍ବଭଳି ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ କରିଛନ୍ତି। ବଦଳି ନିୟମକୁ ଉଲ୍ଲଂଘନ କରି ବିଧାୟକ ଓ ଏମପିଙ୍କ ଅନୁମୋଦନରେ ଜିଲା ବଦଳି କମିଟି ସହାକରୀ ଶିକ୍ଷକ ମହଲାଙ୍କୁ ଜୁନ ୩୦ତାରିଖରେ ବାଲିଆପାଳକୁ ବଦଳୀ କରିଥିଲେ। ଏହା ପ୍ରତିବାଦରେ ଶିକ୍ଷକ ମହଲା ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ର ବିଚାରପତି ବିରଜା ପ୍ରସନ୍ନ ଶତପଥି ଏହି ମାମଲା(ଡବ୍ଲ୍ୟୁପି(ସି)ନମ୍ବର ୧୮୬୪୭ଅଫ୨୦୨୫)ର ବିଚାର କରି ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ୩୦ତାରିଖର ବଦଳୀ ଆଦେଶକୁ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବଜ୍ରପାତରେ ଦୁଇ ମହିଳା ଗୁରୁତର

ଜଳେଶ୍ୱର ବ୍ଲକ, ୧୨।୭ (ସମିସ) : ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ସର୍ଦ୍ଦାରବନ୍ଧଗ୍ରାମ ପଞ୍ଚାୟତର ବଡ଼ଟିକାଆତପୁର ଗ୍ରାମର ଏକ ଧାନବିଲରେ ତଳି ମାରିବା ସମୟରେ ବର୍ଷା ଘଡ଼ଘଡ଼ି ହୋଇ ବଜ୍ରପାତ ଯୋଗୁ ଗ୍ରାମର ବିଧବା ମହିଳା ବୁଧିନି ହେମ୍ବ୍ରମ(୫୨) ଓ ପିଞ୍ଚାବଣୀ ଗ୍ରାମର ପାନ ମାରଣ୍ଡି ଗୁରୁତର ଆହତ ହୋଇଛନ୍ତି। ଉଭୟ ଗୁରୁତର ହୋଇ ପ୍ରଥମେ ହାତିଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ବୁଧୁନିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାଜଘାଟ, ୧୨।୭ (ସମିସ): ବସ୍ତା ବ୍ଲକ ବସନ୍ତପୁର କ୍ଲଷ୍ଟର ଅଧୀନସ୍ଥ ହଦମୌଦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବଡ଼ଚାରିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଟପୁର ୟୁ.ଜି.ୟୁ.ପି. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ କିସ୍କୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି କ୍ଲଷ୍ଟର ସଂଯୋଜକ ଗଣେଶ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ପ୍ରାକ୍ତନ କ୍ଲଷ୍ଟର ସଂଯୋଜକ ଉମେଶ ଚନ୍ଦ୍ର ବାଡ଼ି, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ଗୋଲକ ବିହାରୀ ମିଶ୍ର, ହଦମୌଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ, ଚାଷୀପଡ଼ା କାଶୀଶ୍ୱର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାରିକ ପ୍ରମୁଖ ମଂଚାସୀନ ହୋଇ ଶ୍ରୀମତି ସାହୁଙ୍କ କର୍ମମୟ ଜୀବନର ନୀତି ଆଦର୍ଶ ଓ ଶିକ୍ଷକତା ଜୀବନର ସ୍ମୃତିକୁ ବଖାଣିଥିଲେ।ଏହାପରେ ଶିକ୍ଷୟୀତ୍ରୀ ଜଣଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଭବଶଙ୍କର ନାୟକ ଅତିଥି ପରିଚୟ କରିଥିବା ବେଳେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବଡ଼ଚାରିଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହରିଶ୍ଚନ୍ଦ୍ର ବେହେରା, ସତ୍ୟଭାମା ସ୍ୱାଇଁ, ରଞ୍ଜିତ କୁମାର ମଣ୍ଡଳ, ଗଦାଧର ପରିଡ଼ା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ କ୍ଲଷ୍ଟର ଅଧୀନସ୍ଥ ୧୪ଟି ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଚୋରି ବାଇକ ଉଦ୍ଧାର; ଅଭିଯୁକ୍ତ ଗିରଫ



ମୋରଡ଼ା, ୧୨।୭(ସମିସ): ଜୁଲାଇ ୫ ତାରିଖରେ ମୋରଡା ଥାନା ଅଧୀନ ଚିତ୍ରଡା ଗ୍ରାମର ସ୍ୱର୍ଗତ ହିମାଂଶୁ ମହାନ୍ତଙ୍କ ବାଇକଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ତାଙ୍କ ଭାଇ ଶୀତାଂଶୁ ମହାନ୍ତ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଗାଡିରୁ ନମ୍ବର ପ୍ଲେଟ ଖୋଲି ବଡ଼ସାହି ଥାନା ବଡକେରକ ଗ୍ରାମର ହରିହର ଦାସଙ୍କ ପୁଅ ଚନ୍ଦ୍ରମୋହନ ଦାସ (୩୫) ନେଇ ଯାଉଥିବାବେଳେ ପୁଲିସ ପିଛାକରି ଖୁଣ୍ଟା ଥାନା ଡୁକୁରାରେ ମାଡି ବସିଥିଲା। ପରେ ତାଙ୍କ ନିକଟରୁ ବାଇକଟିକୁ ଜବତ କରାଯାଇଛି। ଚନ୍ଦ୍ରମୋହନଙ୍କ ନାମରେ ବିଭିନ୍ନ ଥାନାରେ ୧୧ଟି ବାଇକ ଚୋରି କରିଥିବା ଅଭିଯୋଗ ରହିଛି ବୋଲି ଥାନା ଅଧିକାରୀ କହିଛନ୍ତି। ଗିରଫ ପରେ ଚନ୍ଦ୍ରମୋହନକୁ କୋର୍ଟଚାଲାଣ କରିଛି ପୁଲିସ।

# ଦୁଇ କାଠ ଚୋରଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

ବାରିପଦା, ୧୨।୭(ସମିସ): ଉଦଳା ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏକ କାଠ ଚୋରା ଚାଲାଣ ମାମଲାର ଶୁଣାଣି କରି ଉଦାହରଣ ସୃଷ୍ଟି କରିଛନ୍ତି। ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଉଦଳା ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଗ ଦେହୁରୀ ଏକ ମାମଲାର ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏଁ କାରାଦଣ୍ଡ ଓ ୧୦୦୦ ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି। ଟଙ୍କା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଦୁଇ ଅଭିଯୁକ୍ତ ହେଲେ କପ୍ତିପଦା ବ୍ଲକ ଅନ୍ତର୍ଗତ ସେନ୍ଧକଟା ଗ୍ରାମର ଅଜୟ ଦଣ୍ଡପାଟ ଓ ଦୟାନିଧି ବେହେରା। ଉଭୟ ୨୦୧୬ ମସିହା ଡିସେମ୍ବର ୨ତାରିଖରେ ବାଇକ୍‌ରେ ଦୁଇଟି ପିଆଶାଳ କାଠ ନେବା ବେଳେ ଜଙ୍ଗଲ ବିଭାଗ ହାତରେ ଧରା ପଡ଼ିଥିଲେ। ଓଡ଼ିଶା ଟିମ୍ବର ଓ ଜଙ୍ଗଲଜାତ ଦ୍ରବ୍ୟ ପରିବହନ ଆଇନ ୧୯୮୦ ଜରିଆରେ ଦୁଇ ଜଣଙ୍କ ନାମରେ ବନବିଭାଗ ମାମଲା ରୁଜୁ କରିଥିଲା। ମାଜିଷ୍ଟ୍ରେଟ ଚୂଡ଼ାନ୍ତ ରାୟପ୍ରଦାନ କଲାବେଳେ ପରିବେଶ ଓ ପରିବେଶ ବିଜ୍ଞାନକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିବିଶେଷଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ ପରିବେଶର ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ

# ୩ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୧୨।୭(ସମିସ): ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ପରିସରରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସକ ଭବତୋଷ ଘୋଷ, ଯଶିପୁର କେଭିକେର ମୁଖ୍ୟ କୃଷି ବୈଜ୍ଞାନିକ ଦୀପକ କୁମାର ମହାନ୍ତି ଯୋଗଦେଇ ମତ୍ସ୍ୟ ଚାଷ ସହିତ ଆନୁଷଙ୍ଗିକ କୃଷି ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲାରେ ମତ୍ସ୍ୟଚାଷ କରି ଓଡ଼ିଶାରେ ସଫଳତା ଦେଇଥିବା ୩ ଜଣ ଚାଷୀଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରେଷ୍ଠ ବାୟୋଫ୍ଲକ ଚାଷୀ ଭାବେ ବଡସାହିର ରୀତାରାଣୀ ବେହେରା, ଶ୍ରେଷ୍ଠ ମତ୍ସ୍ୟଚାଷୀ ଭାବେ ଶୁଳିଆପଦାର ଦମୟନ୍ତୀ କୁଅଁରବାବୁ ଓ ପିଏଫସିଏସ ଭାବେ ସୁନେଇ ଜଳଭଣ୍ଡାର ସର୍ବେଶ୍ୱର ସଂଘକୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମତ୍ସ୍ୟାଧିକାରୀ ସୁବ୍ରତ କୁମାର ଦାସ, ଡିପିଏସ ସୁବ୍ରତ ଗୁପ୍ତା, ଏଏଫଓ ମନୋଜ କୁମାର ବେହେରା, ଏଏଫଓ ସତ୍ୟ ନାରାୟଣ ଜେନା, ଏଏଫଏଓ ଲକ୍ଷ୍ମୀନାରାୟଣ ହେମ୍ବ୍ରମ୍, ଏଏଫଓ ଶ୍ୟାମଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଅଧିକ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ।

# ଓଭରବ୍ରିଜ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ବେତନଟୀ, ୧୨।୭(ସମିସ): ଜାତୀୟ ରାଜପଥ ୧୮ନଂ.ରୁ ବେତନଟୀଠାରୁ ବଡ଼ସାହି ଯିବା ରାସ୍ତାରେ କଙ୍କାଳିଆ ଛକରେ ଥିବା ୧୬ନଂ ରେଲୱେ ଫାଟକ ରେଳଗାଡି ଚଳାଚଳ ସମୟରେ ଉଭୟ ପଟୁ ପ୍ରବଳ ଭିଡ ହୁଏ। ସେଠାରେ ବ୍ୟବସାୟିକ କେନ୍ଦ୍ରସ୍ଥଳ ଓ କ୍ରମବର୍ଦ୍ଧିଷ୍ଣୁ ବେତନଟୀ ଅଞ୍ଚଳର ଜନସାଧାରଣଙ୍କ ଗମନାଗମନ ସହ ଆପାତକାଳୀନ ଚିକିତ୍ସା ନିମନ୍ତେ ଆମ୍ବୁଲାନସ ଏବଂ ଦମକଳ ଗାଡି ବି ଅଧଘଣ୍ଟା ଅଟକିବାକୁ ବାଧ ହୋଇଥାଏ। ଯଦିବା ଗଳାପୋଲଟିଏ ନିର୍ମାଣାଧୀନ। ଏହି ଗଳାପୋଲ ଦେଇ ପାଦଚଲା, ସାଇକଲ, ବାଇକ୍ ଏକ ସମୟରେ ଗୋଟିଏ କାର ହିଁ ଯିବା ସମ୍ଭବ ହେବ। ଏହି ଗଳା ପୋଲ ପୁଣି ମୁଖ୍ୟ ରାସ୍ତାଠାରୁ ଅଧକିମି ଦୂରରେ। ଆଗକୁ ରୂପସାଠାରୁ ଚାକୁଳିଆ ପର୍ଯ୍ୟନ୍ତ ଡବଲ ଲାଇନ୍ ନିର୍ମାଣର ସାମାନ୍ୟ କାର୍ଯ୍ୟ ଆରମ୍ଭ ହେଲାଣି; ଯାହାକି ଟାଟାନଗର ସହ ସଂଯୋଗ ହେବ। ପୁଣି ବାଙ୍ଗିରିପୋଷିରୁ ଗୋରୁମହିଷାଣି ପର୍ଯ୍ୟନ୍ତ ଏହି ରେଳରାସ୍ତା ସମ୍ପ୍ରସାରଣ ହେବାକୁ ଯାଉଛି। ଏଣୁ ଆଗାମୀ ଦିନରେ ଏହି ରାସ୍ତାରେ ପ୍ରବଳ ଭିଡ ଅବଶ୍ୟମ୍ଭାବୀ।

# ବଜ୍ରପାତରେ ଜଳିଗଲା ଘର ଓ ଆସବାବପତ୍ର



କୁଳିଅଣା, ୧୨।୭(ସମିସ): କୁଳିଅଣା ବ୍ଲକ ଅଧୀନ କୁଳିଅଣା ପଞ୍ଚାୟତ ଅନ୍ତର୍ଗତ କାମତା ଗ୍ରାମରେ ବଜ୍ରପାତ ହେବାରୁ ଏକ ଚାଳଘର ପୋଡି ଯିବା ସହିତ ସମସ୍ତ ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ, ଶନିବାର ଅପରାହ୍ନରେ ବର୍ଷା ସହିତ ବାରମ୍ବାର ବିଜୁଳି ମାରିଥିଲା। ଏହି ସମୟରେ ଗ୍ରାମର ମଙ୍ଗଳ ସିଂଙ୍କ ପୁଅ ଦୟାନିଧି ସିଂଙ୍କ ଚାଳଘର ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘରେ ଥିବା ଧାନ, ଚାଉଳ ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି; ହେଲେ ଦୟାନିଧିଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୁଳିଅଣା ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସିଂହ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ଏକ ପଲିଥିନ ଯୋଗାଇ ଦିଆଯାଇଛି।

## ଜିଲ୍ଲାରେ ପ୍ରାଣୀ ସମ୍ପଦ ଚିକିତ୍ସା ସେବା ବିପର୍ଯ୍ୟସ୍ତ

# ୧୮୨ ପଞ୍ଚାୟତରେ ନାହିଁ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର

ବାରିପଦା, ୧୨।୭ (ସମିସ)

ମୟୂରଭଞ୍ଜ ଜିଲ୍ଲାରେ ପ୍ରାଣୀ ସମ୍ପଦ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହିତ ୧୯୫ଟି ବିଭିନ୍ନ ପଦବୀ ଖାଲି ପଡ଼ିଛି। ଅପରପକ୍ଷରେ ରାଜ୍ୟ ସର୍ବବୃହତ ଜିଲ୍ଲାର ୪୦୪ ପଞ୍ଚାୟତ ମଧ୍ୟରୁ ୧୮୨ଟି ପଞ୍ଚାୟତରେ ପ୍ରାଣୀସମ୍ପଦ ଚିକିତ୍ସା ପାଇଁ ପଡୋଶୀ ପଞ୍ଚାୟତ ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଉପଯୁକ୍ତ ଚିକିତ୍ସା ତଥା ଭିତ୍ତିଭୂମି ଅଭାବ ପାଇଁ ଜିଲ୍ଲାରେ ଗୋସମ୍ପଦ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ରାଜ୍ୟରେ ଗୋ-ଧନ ଓ ପ୍ରାଣୀ ପାଳନକୁ ପ୍ରତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ କାମଧେନୁ ଯୋଜନା ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏପରିକି ଓମ୍ଫାଡିସି ଯୋଜନା ମାଧ୍ୟମରେ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି; ପରନ୍ତୁ ଗୋସମ୍ପଦ ବୃଦ୍ଧିରେ ତାହା ସହାୟକ ହେଉନାହିଁ। ଗତ ୨୦୧୭-୧୮ରେ ୨୦ତମ ପ୍ରାଣୀସମ୍ପଦ ଗଣନା ଅନୁଯାୟୀ ମୟୂରଭଞ୍ଜର ୨୬ ବ୍ଲକର ୪୦୪ଟି ପଞ୍ଚାୟତରେ ମୋଟ ପ୍ରାଣୀସମ୍ପଦଙ୍କ ସଂଖ୍ୟା ୬ ଲକ୍ଷ ୭୭ ହଜାର ୯୨୮ ରହିଥିଲା। ସେଥି ମଧ୍ୟରୁ ୩, ୭୨, ୪୧୩ ଅଣ୍ଡିରା, ୨, ୭୬, ୮୭୯ ମାଈ, ୪୦୭୫ ଅଣ୍ଡିରା ବାଛୁରୀ ଓ ୨୪, ୫୬୧ ମାଈ ବାଛୁରୀ ରହିଛନ୍ତି। ସେହିପରି ୮, ୫୬୯ ମଇଁଷୀ, ୯୮, ୬୭୪ମେଣ୍ଢା, ୧୦, ୩୯, ୮୬୧ଛେଳି, ୯୫ଟି ଘୁଷୁରୀ ଓ ୨୬, ୪୧, ୦୭୬ଟି କୁକୁଡା ରହିଥିବା ଜଣାପଡ଼ିଛି। ଜିଲ୍ଲାରେ ପ୍ରାଣୀଧନଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ୩ଟି ଉପଖଣ୍ଡ ଚିକିତ୍ସାଳୟ, ୨୬ଟି ବ୍ଲକ ଚିକିତ୍ସାଳୟ, ୧୬ଟି ଅତିରିକ୍ତ ପ୍ରାଣୀ ଚିକିତ୍ସାଳୟ, ୨୨୨ଟି ପଞ୍ଚାୟତରେ ପ୍ରାଣୀଧନ ନୀରିକ୍ଷକ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ୨୬ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଦ୍ୱାରା ସେବା ଯୋଗାଇ ଦିଆଯାଉଛି; କିନ୍ତୁ ଡାକ୍ତର ଓ କର୍ମଚାରୀ ଅଭାବ ପାଇଁ ଠିକ ସ୍ୱାସ୍ଥ୍ୟ ସେବା ପାଇବାରୁ ପ୍ରାଣୀସମ୍ପଦ ବଞ୍ଚିତ ହେଉଛନ୍ତି। ଦୁଇମାସ ହେବ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ୨୬ଟି ବ୍ଲକରୁ ୫ ଜଣ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନାହାନ୍ତି। ମୋରଡା, ରାସଗୋବିନ୍ଦପୁର, କୁଳିଅଣା,




ଠାକୁରମୁଣ୍ଡା ଓ ବାଙ୍ଗରିପୋଷି ବ୍ଲକରେ ଏହି ପଦବୀ ଫାଙ୍କା ପଡ଼ିଛି। ସେହିପରି ୨୬ଟି ବ୍ଲକ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ସେବା ପାଇଁ ୨୬ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ବେଳେ ପ୍ରତ୍ୟେକ ଆମ୍ବୁଲାନ୍ସରେ ଜଣେ ଲେଖାଏଁ ଏମଭିଏସ ରହିବା ସ୍ଥାନରେ ୨ଟି ପଦବୀ ଫାଙ୍କା ପଡ଼ିଛି। ୨୬ଜଣ ଅତିରିକ୍ତ ଭିଏସ ମଧ୍ୟରୁ ୮ଟି ପଦବୀ ଖାଲି ପଡ଼ିଛି। ଅପରପକ୍ଷରେ ୨୨୨ଟି ପ୍ରାଣୀଧନ ନୀରିକ୍ଷକ କେନ୍ଦ୍ର ପାଇଁ ୨୪୩ ଜଣ ପ୍ରାଣୀଧନ ନୀରିକ୍ଷକ ଓ ବୈଷୟିକ ବିଶେଷଜ୍ଞଙ୍କ ସ୍ଥାନରେ ୧୫୬ ଜଣ ଅଛନ୍ତି। ସେହିପରି ପିଅନ, ଚୌକିଦାର, ଆଟେଣ୍ଡାଣ୍ଟ ଆଦି ୨୦୬ଟି ଚତୁର୍ଥ ଶ୍ରେଣୀ ପଦବୀ ମଧ୍ୟରୁ ମାତ୍ର ୮୮ଜଣ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ଜିଲାର ୧୮୨ଟି ପଞ୍ଚାୟତରେ ପ୍ରାଣୀଧନ ନୀରିକ୍ଷକ କେନ୍ଦ୍ର ନାହିଁ। ଏହିସବୁ ସ୍ଥାନରେ ପୂର୍ବରୁ ଗୋ-ମିତ୍ରମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବର୍ତ୍ତମାନ ଏହି ବ୍ୟବସ୍ଥା ପ୍ରତ୍ୟାହାର ହୋଇଥିବାରୁ ଗ୍ରାମାଞ୍ଚଳରେ ପ୍ରାଣୀ ସମ୍ପଦ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଭାଗବତ ଘୋଷଙ୍କୁ ଯୋଗାଯୋଗ କରିବାରୁ ଚଳିତ ଗଣନାରେ ଦେଶୀ ଗାଈଗୋରୁଙ୍କ ସଂଖ୍ୟା ପୂର୍ବ ରିପୋର୍ଟ ତୁଳନାରେ ହ୍ରାସ ପାଇଛି। ଚାଷୀଙ୍କ ଆନ୍ତରିକତା ଅଭାବରୁ ଗାଈ ସଂଖ୍ୟା ଯଥେଷ୍ଟ କମୁଥିବା ବେଳେ ଛେଳି ଏବଂ ମେଣ୍ଢାଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି ବୋଲି କହିଛନ୍ତି। ତେଣୁ ଜିଲ୍ଲାରେ ଖାଲି ପଡ଼ିଥିବା ପଦବୀ ପୂରଣ ଓ ପ୍ରତି ପଞ୍ଚାୟତରେ ଚିକିତ୍ସା କେନ୍ଦ୍ର ନିର୍ମାଣ ପାଇଁ ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଦାବି କରିଛନ୍ତି।

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପଦ ସହିତ ୧୯୫ଟି ପଦ ପଡ଼ିଛି ଖାଲି**

# ଏମ୍‌ସିଏଏମ୍‌ରେ ଯୁକ୍ତ ୩ କଳା ଓ ବିଜ୍ଞାନରେ ସିଟ୍ ବୃଦ୍ଧି

ବାରିପଦା, ୧୨।୭(ସମିସ): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଦ୍ଭିଦ ଓ ପ୍ରାଣୀ (ସମ୍ମାନ) ବିଭାଗରେ ୩୨ରୁ ୪୮ ଲେଖାଏଁ ଓ ଓଡ଼ିଆ (ସମ୍ମାନ) ବିଭାଗରେ ୨୪ରୁ ୩୨କୁ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇଛି। ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରରେ ଏହି ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିବା ନେଇ ଏମସିଏଏମର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଫଳରେ ମହାବିଦ୍ୟାଳୟର +୩ କଳାରେ ସିଟ୍ ସଂଖ୍ୟା ୧୯୬ରୁ ୨୦୪କୁ ବୃଦ୍ଧି କରାଯାଇଛି। ସେହିପରି ବାୟୋଲଜିକାଲ ସାଇନ୍ସରେ ସିଟ୍ ସଂଖ୍ୟା ୯୬ରୁ ୧୨୮କୁ ବୃଦ୍ଧି କରାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କିରଣବାଳା ସୁର
ହଂସପାଳ, ଭୁବନେଶ୍ୱର
ଆବିର୍ଭାବ - ୦୭/୦୪/୧୯୬୪
ତିରୋଧାନ - ୦୩/୦୭/୨୦୨୫
ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ, ଆପଣଙ୍କ ଭଲପାଇବା ସବୁଦିନ ସବୁ ସମୟରେ ମନେ ରହିବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମର ଆତ୍ମାର ସଦଗତି ହେଉ
ଶୋକସନ୍ତପ୍ତ: ପୁଅ - ଦେବାଶିଷ, ଝିଅ - ବୀଣାପାଣି, ଗୀତାଞ୍ଜଳି, ବନ୍ଧୁ-ବାନ୍ଧବ ଓ ପରିବାର ବର୍ଗ









## ଛାତ୍ରୀ ଜଳିବା ସିସିଟିଭି ଫୁଟେଜ ଭାଇରାଲ

ବାଲେଶ୍ୱର,୧୨।୭(ସମିସ): ଏବେ ଫକୀମୋହନସ୍ୱୟଂଶାସିତମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଟିଥିବା ଘଟଣା ସମୟର ସିସିଟିଭି ଫଟେଜ ଏବେ ଭାଇରାଲ ହେବାରେ ଲାଗିଛି। ଏହି ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ଯେ,ଉକ୍ତ ସିସିଟିଭି ଫୁଟେଜରେ ଉକ୍ତ ଛାତ୍ରଜଣଙ୍କ ଅଧ୍ୟକ୍ଷଙ୍କ ପିଣ୍ଡାରେ ବସିଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ମଧ୍ୟ ସେଠାରେ ବସିଥିବା ଦେଖିବାକୁ ମିଳିଛି। ଏହାଛଡା ସେଠାରେ କିଛି ଛାତ୍ର ଚାଲିଚାଲି ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସେଠାରେ ଅନ୍ୟ ଜଣେ ଛାତ୍ର ସେଠାରେ ଭିଡିଓ ରେକର୍ଡିଂ କରୁଥିବା ଦେଖିବାକୁ ମିଳିଛି। ହେଲେ ହଠାତ ଉକ୍ତ ଛାତ୍ରୀ ଜଣଙ୍କ ପେଟ୍ରୋଲ ଢ଼ାଳି ତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ଏପରିକି ତାଙ୍କ ଦେହରେ ନିଆଁ ଲାଗିଯିବା ପରେ ସେଠାରେ ଦୌଡୁଥିବା ଦେଖିବାକୁ ମିଳିଥିବା ବେଳେ ସେଠାରେ ଉପସ୍ଥିତ ଥିବା କିଛି ଛାତ୍ର ତାଙ୍କ ଦେହରେ ଲାଗିଥିବା ନିଆଁକୁ ଲିଭାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି।



# ଧରାପଡ଼ିଲା କଲେଜ ଅଧ୍ୟକ୍ଷଙ୍କ ମିଛ

### କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ଅଧ୍ୟାପକଙ୍କୁ ଉଠାଇନେଲା ପୁଲିସ

ବାଲେଶ୍ୱର,୧୨।୭(ସମିସ)



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଏକ ସମ୍ବେଦନଶୀଳ ଘଟଣା ଘଟିଯାଇଛି। ଜଣେ ଛାତ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏବେ ଜଟିଳ ହେବାରେ ଲାଗିଛି। ଗୋଟିଏ ପଟେ କଲେଜର ଅଧ୍ୟାପକ ଶିକ୍ଷକ ଶିକ୍ଷା ବିଭାଗର ବିଭାଗର ଏଚଓଡି ସମୀର କୁମାର ସାହୁଙ୍କୁ ସୁରକ୍ଷା ଦେବା ପାଇଁ କଲେଜ କର୍ତ୍ତୃପକ୍ଷ ଅଣ୍ଟା ଭିଡିଥିବା ବେଳେ ଅନ୍ୟପଟେ ଛାତ୍ରୀ ସୌମ୍ୟାଶ୍ରୀଙ୍କର ବଢୁଥିଲା ମାନସିକ ଯନ୍ତ୍ରଣା। ଏହାରି ମଧ୍ୟରେ ସେ ବାଧ୍ୟ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟପଟେ କଲେଜ ଅଧ୍ୟକ୍ଷଙ୍କ ମିଛ ସମ୍ପୂର୍ଣ୍ଣ ଭାବେ ଧରାପଡିଯାଇଛି। ଗଣମାଧ୍ୟମକୁ ସେ ଉକ୍ତ ଅଧ୍ୟାପକ ଜଣଙ୍କ ଆଜି ମହାବିଦ୍ୟାଳୟ ଆସିନଥିବା କହୁଥିବା ବେଳେ ଶେଷରେ ସେଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ପୁଲିସ ତାଙ୍କୁ ଉଠାଇନେବା ଅଧ୍ୟକ୍ଷଙ୍କ ସମ୍ପୃକ୍ତି ଏବେ ତଦନ୍ତ ପରିସରକୁ ଆସିଛି। ଏପରିକି ଗତ ମାସ ୩୦ତାରିଖରେ ଘଟଣା ପରେ ଛାତ୍ରୀ ଜଣଙ୍କ ଅଧ୍ୟକ୍ଷଙ୍କ ଠାରେ ଚଳିତ ମାସ୧ତାରିଖରେ ଅଭିଯୋଗ କରିବା ପରେ କାହିଁକି କଲେଜ କର୍ତ୍ତୃପକ୍ଷ ଚୁପ ରହିଥିଲେ କିମ୍ବା ପୁଲିସ ଠାରେ ଅଭିଯୋଗ କରିନଥିଲେ। ଏପରିକି ପୁଲିସ ଉପସ୍ଥିତିରେ ଅଧ୍ୟକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ଏକ ଟିମ ଗଠନ କରାଯାଇ ଏହାର ତଦନ୍ତ କରାଯାଇଥିଲା। ଏହାରି ମଧ୍ୟରେ ଗତ ତିନି ଦିନ ହେବ ଏହି ତଦନ୍ତ ରିପୋର୍ଟ ଅଧ୍ୟକ୍ଷଙ୍କୁ ମିଳିଥିଲେ ସୁଦ୍ଧା ଛାତ୍ରୀ ଜଣଙ୍କ ଆଣିଥିବା ଅଭିଯୋଗର ସତ୍ୟତା ନଥିବା କିମ୍ବା ସେଭଳି କିଛି ହୋଇନାହିଁ ବୋଲି ଆଜି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଯଦି ଏହି ଘଟଣାରେ କୌଣସି ସତ୍ୟତା ନ ଥିଲା ତେବେ ଛାତ୍ରଜଣଙ୍କ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କାହିଁକି କଲେଜ କର୍ତ୍ତୃପକ୍ଷ ଉକ୍ତ ଅଧ୍ୟାପକଙ୍କୁ ଘଂଟ ଘୋଡାଉଥିଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଛାତ୍ରୀଙ୍କ ଅଭିଯୋଗକୁ କଲେଜ କର୍ତ୍ତୃପକ୍ଷ ହାଲକା ଭାବେ ଗ୍ରହଣ କରିଥିଲେ। ଏପରିକି ଉକ୍ତ ଛାତ୍ରୀ ଜଣଙ୍କ ସାଂସଦଙ୍କ ଠାରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ ନା ସାଂସଦ ନା କଲେଜ କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତ୍ୱ ଦେଲେ। କଲେଜ କର୍ତ୍ତୃପକ୍ଷ ଗୋଟିଏ ଆଭ୍ୟନ୍ତରୀଣ କମିଟି(ଆଇସିସି) ଗଠନ କରିଥିଲେ। ଏହି ସଦସ୍ୟଭାବେ ନାରୀସଂଘର ସଭାପତି ଗୋପାମୁଦ୍ରା ମହାପାତ୍ରଙ୍କ ସମେତ କମିଟିରେ ୩ଜଣ ଛାତ୍ରଛାତ୍ରୀଙ୍କ ସହ ମୋଟ ୯ଜଣ ରହିଥିଲେ। ତେବେ ଏମାନେ କି ପ୍ରକାର ତଦନ୍ତ କରିଥିଲେ ଏବଂ ତଦନ୍ତ ସମୟରେ କାହାକୁ ସେମାନେ ପଚରା ଉଚରା କରିଥିଲେ ତାହା ଏବେ ସନ୍ଦେହ ଘେରରେ। ପରମୁହୂର୍ତ୍ତରେ ଏହି ରିପୋର୍ଟରେ ସେମିତି କୌଣସି ଅଭିଯୋଗ ନ ଥିବା ନେଇ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଗଣମାଧ୍ୟମକୁ କହିଥିଲେ। ତେବେ ଏହି ଘଟଣାରେ କେବଳ ଉକ୍ତ ଅଧ୍ୟାପକ ଜଣଙ୍କ ନୁହଁ ଅନ୍ୟମାନେ ମଧ୍ୟ ଏଥିରେ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ଏସପି ରାଜ ପ୍ରସାଦ କହିଛନ୍ତି ଯେ, ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଅଭିଯୋଗ କରିଥିଲେ। ସବୁ ଦିଗରୁ ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତ ବିଭାଗୀୟ ମୁଖ୍ୟଙ୍କୁ ଗିରଫ କରାଯାଇଛି। ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଘଟଣାରେ କାହାର କହାର ଭୁଲ ରହିଛି ତାହା ମଧ୍ୟ ତଦନ୍ତ କରାଯାଉଛି। ଏହି ଘଟଣାକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ୫ଦିନ ମଧ୍ୟରେ ପୁଲିସକୁ ରିପୋର୍ଟ ପ୍ରଦାନ କରିବା କଥା। ହେଲେ ସେମାନେ କାହିଁକି ରିପୋର୍ଟ ପ୍ରଦାନ କରିନଥିଲେ ତାହାକୁ ନେଇ ସେମାନଙ୍କୁ ପଚରା ଉଚରା କରାଯାଇଛି। ଆଜି ଏହି କମିଟିର ରିପୋର୍ଟକୁ ନେଇ ତର୍ଜମା ଜାରି ରହିଛି ବୋଲି କହିଛନ୍ତି।

## ଅଧ୍ୟକ୍ଷ ସଠିକ୍ ପଦକ୍ଷେପ ନନେବାରୁ ଏଭଳି ଘଟଣା ଘଟିଲା’

ବାଲେଶ୍ୱର, ୧୨।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଏକ ସମ୍ବେଦନଶୀଳ ଘଟଣା ଘଟିଯାଇଛି। ଜଣେ ଛାତ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ଗୁରୁତର ଆହତ ଛାତ୍ରୀଙ୍କ ବାପା ବଳରାମ ବିଶିଙ୍କ କହିବା ଅନୁସାରେ, ତାଙ୍କ ପରିବାରରେ ଝିଅ ସୌମାଶ୍ରୀ ଏବଂ ପୁଅ ସୌମ୍ୟରଞ୍ଜନଙ୍କ ସମେତ ମୋଟ ୫ଜଣ ସଦସ୍ୟ ରହିଛନ୍ତି। ଝିଅ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଇଡି ପଢୁଥିଲା। ଆଜି ତାଙ୍କ ଝିଅ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ଖବର ପାଇବା ପରେ ସେ ହତବାକ ହୋଇପଡିଥିଲେ। ଏପରିକି ସେ କଣ କରିବେ କିଛି ଜାଣିପାରୁ ନଥିଲେ। ତାଙ୍କ ପୁଅ ତୁରନ୍ତ ସେଠାକୁ ଯାଇଥିଲା। ହେଲେ ଏହି ଘଟଣା ତାଙ୍କୁ ଅଧିକ ଦୁଃଖ ଦେଇଛି। ସମସ୍ତେ ଲାଗି ପଡି ଆଜି ମୋ ଝିଅର ଏଭଳି କରିଛନ୍ତି। ପୂର୍ବରୁ ଘଟିଥିବା ଘଟଣା ସମ୍ପର୍କରେ ତାଙ୍କ ଝିଅ ସୂଚନା ଦେଇଥିଲେ। ଏପରିକି ସେ ମଧ୍ୟ କଲେଜ ଯାଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ସେତେବେଳେ ସେମାନେ ଏତେ ମିଠା କଥା କହୁଥିବାରୁ ଘଟଣା ସେଇଠି ସମାଧାନ ହୋଇଯିବ ବୋଲି ଭାବିଥିଲେ। ହେଲେ ସେଇ ଅଧପକଙ୍କ ମଧ୍ୟରେ ଏଭଳି ଆଶୁରିକ ପ୍ରବୃତ୍ତି ଥିଲା ବୋଲି ସେ ଜାଣି ନଥିଲେ।

### ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

ଯଦି କଲେଜର ଅଧ୍ୟକ୍ଷ ସଠିକ ପଦକ୍ଷେପ ଗ୍ରହଣ କରିଥାଆନ୍ତେ ତାହା ହେଲେ ଏଭଳି ଘଟଣା ଘଟି ନ ଥାଆନ୍ତା। ଏପରିକି କଲେଜ ପକ୍ଷରୁ ଯେଉଁ କମିଟି ଗଠନ ହୋଇଥିଲା ସେଥିରେ ଥିବା ଗୋପାମୁଦ୍ରା ମହାପାତ୍ର ମଧ୍ୟ ତାଙ୍କୁ ବହୁ ମିଠା ମିଠା କଥା କହି ଆଶ୍ୱାସନା ଦେଇଥିଲେ। ହେଲେ ଆଜି କଲେଜ କର୍ତ୍ତୃପକ୍ଷ ତାଙ୍କ ଝିଅଙ୍କୁ ଡାକି ଧମକ ଚମକ ଦେଇଥିଲେ। ଯାହା ଫଳରେ ଆଜି ବାଧ୍ୟ ହୋଇ ସେ ଏଭଳି ଘଟଣା ଘଟାଇଛି। ଅଧ୍ୟାପକ ସମୀରଙ୍କ ସହ ପ୍ରଛଦ ପଟ୍ଟରେ ରହଥିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଉ ବୋଲି କହିଛନ୍ତି। ଏବିଭିପି ଜିଲ୍ଲା ସଂଯୋଜକ ଜ୍ୟୋତିରେଖା ଭୂୟାଁଙ୍କ ମତାମତ: ବିଇଡି ବିଭାଗର ଏଚଓଡି ସମୀରଙ୍କ ସହିତ ସୌମ୍ୟାଶ୍ରୀଙ୍କ ସହିତ ଖେଳପଡିଆରେ ଯିବା ସମୟରେ ଦେଖା ହୋଇଥିଲା। ଏହି ସମୟରେ ଉକ୍ତ ଅଧ୍ୟାପକ ଜଣଙ୍କ ତାଙ୍କୁ ଭଲ ନମ୍ବର ରଖାଇଦେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବେ ବୋଲି କହିବା ଏଥି ପାଇଁ କିଛି ଫେବର କରିବାକୁ ପଡିବ ବୋଲି କହିଥିଲେ। ହେଲେ ଛାତ୍ରୀ ଜଣଙ୍କ ସିଧା ମନା କରିଥିବାରୁ ପରୋକ୍ଷରେ ଅଧ୍ୟାପକ ଜଣଙ୍କ ବିଭିନ୍ନ ଉପାୟରେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏ ନେଇ ଛାତ୍ରୀ ଜଣଙ୍କ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଅଧ୍ୟକ୍ଷ ଏକ କମିଟି ଗଠନ ତଦନ୍ତ କରିଥିଲା। ହେଲେ ତଦନ୍ତ ରିପୋର୍ଟ କେଉଁ ଦିଗକୁ ଯାଉଥିଲା ତାହା ସନ୍ଦେହ ଘେରରେ ରହିଥିଲା। ତେବେ ଆଜି ମଧ୍ୟାହ୍ନରେ କଲେଜ ମଧ୍ୟରେ ଏହି ଘଟଣାକୁ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିଲେ। ତେବେ ପରେ ସେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି କହିଛନ୍ତି।

## ଫକୀରମୋହନ ମହାବିଦ୍ୟାଳୟରେ ତଦନ୍ତ

ବାଲେଶ୍ୱର,୧୨।୭(ସମିସ):ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାଟି ସଙ୍ଗେ ସଙ୍ଗେ ପ୍ରଘଟ ହେବା ସହ ଫକୀର ମୋହନ କଲେଜ ପରିସରରେ ଉତ୍ତେଜନ ବଢିବା କ୍ଷଣି ପୁଲିସ ଟିମ ପହଂଚି ପରିସ୍ଥିତ ନିୟନ୍ତ୍ରଣ କରିଥିଲେ। ଅଧ୍ୟାପକ ସମୀର ସାହୁଙ୍କୁ କେତେକ ଛାତ୍ରମାନେ ଆକ୍ରମଣ ପାଇଁ ଛକି ବସିଥିବା ବେଳେ ପୁଲିସ ଟିମ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ନିଜ ହେପାଜକୁ ନେଇଥିଲା। ପରେ ବାଲେଶ୍ୱର ଏସପି ରାଜ ପ୍ରସାଦ ମଧ୍ୟ ସାଇଂଟିଫିକ ଟିମ ଧରି କଲେଜରେ ପହଂଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ।

### କମିଟି ସଦସ୍ୟ ସହ ସୋମ୍ୟାଶ୍ରୀଙ୍କ ସହପାଠୀ ଓ ରୁମମେଟ୍‌ଙ୍କୁ ପଚରାଉଚରା

ଏହି ତଦନ୍ତ ସମୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବାଲେଶ୍ୱର ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ମଧ୍ୟ ସାମିଲ ହୋଇଥିଲେ। ଘଟଣାରେ ସଂଶ୍ଳିଷ୍ଟ ଅଧ୍ୟକ୍ଷଙ୍କ ସହ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କୁ ସେମାନେ ପଚରାଉଚରା କରିଥିଲେ। ଏହା ସହିତ ସୋମ୍ୟାଶ୍ରୀଙ୍କ ଭାଇ, କିଛି ସହପାଠୀ, ସେ ରହୁଥିବା ମେସର ରୁମମେଟଙ୍କ ନିକଟରୁ ମଧ୍ୟ ଘଟଣାର ପୂର୍ବସ୍ଥିତି ସମ୍ପର୍କରେ ସେମାନେ ଅବଗତ ହୋଇଥିଲେ। ସମସ୍ତଙ୍କୁ ପ୍ରାଥମିକ ସ୍ତରରେ ଜେରା ପରେ ଘଟଣାରେ ସିଧାସଳଖ ସମ୍ପୃକ୍ତି ଥିବା ଅଧ୍ୟାପକଙ୍କୁ ଗିରଫ କରାଯାଇଥିବା ଏସପି ଶ୍ରୀ ପ୍ରସାଦ ଗଣମାଧ୍ୟମକୁ ଜଣାଇଛନ୍ତି। ଘଟଣାର ବିସ୍ତୃତ ତଦନ୍ତ ସହ ଏଥିରେ ସିଧାସଳଖ ବା ପରୋକ୍ଷ ଭାବେ ଜଡିତ ସମସ୍ତ ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି।

## ‘ଛାତ୍ରୀ ନିର୍ଯାତନା ଘଟଣା ଚପାଇ ଦେବାକୁ ଚକ୍ରାନ୍ତ ହୋଇଛି’

ବାଲେଶ୍ୱର: ଅଧ୍ୟାପକଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଉଦ୍ୟମ କରିଥିବା ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଜଣକର ଘର ଭୋଗରାଇ ନିର୍ବାଚନ ମଣ୍ଡଳୀ ଭୋଗରାଇର ପଳାସିଆ ଗାଁରେ। ଝିଅର ବାପା ବଳରାମ ବାବୁ ମଧ୍ୟ ମୋର ଜଣେ ଘନିଷ୍ଠ ବନ୍ଧୁ ଓ ଏହି ଦାରୁଣ ଦୁଃଖଦାୟକ ଖବର ପାଇବା ପରେ ମୁଁ ବିଜେଡିର ଏକ ମହିଳା ପ୍ରତିନିଧିଦଳ ସହିତ ତୁରନ୍ତ ଏମ୍ସରେ ପହଞ୍ଚି ଝିଅଟିର ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସଂପର୍କ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ କଥା ହେଲି ଏବଂ ତା’ର ବାପାମା’ ଓ ଭାଇଙ୍କୁ ସାନ୍ତ୍ୱନା ଦେଇଛି ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି। ଉଦବେଗର ବିଷୟ ହେଲା, ଝିଅଟିର ଅବସ୍ଥା ଏବେ ସଙ୍କଟାପନ୍ନ ଥିବା ବେଳେ ଏଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାପାଇଁ ଶାସକ ଦଳ ଓ ରାଜ୍ୟ ସରକାର ହୀନ ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରଥମତଃ ସଂପୃକ୍ତ ଅଧ୍ୟାପକ ଜଣକ ପ୍ରାୟ ବର୍ଷେ ହେଲା ଝିଅଟିକୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ସହ ସଂପର୍କ ରଖିବା ପାଇଁ ଉଦ୍ୟମ କରି ଆସୁଥିଲେ। ଏ ବିଷୟରେ ଝିଅଟି ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି ଉପରଠାଉରିଆ ଭାବେଏକ ତଦନ୍ତ



କମିଟି ଗଠନ କରି ସଂପୃକ୍ତ ଅଧ୍ୟାପକଙ୍କ ସହ ବୁଝାମଣା କରିବାପାଇଁ ଝିଅଟି ଉପରେ ଚାପ ପକାଇ ଆସୁଥିଲେ। ଝିଅଟି ଏବିଭିପି ଛାତ୍ର ସଂଗଠନ (ଯାହା ବିଜେପିର ବୋଲି ସମସ୍ତେ ଜାଣନ୍ତି)ର ଜଣେ ନେତ୍ରୀ ହୋଇଥିବାରୁ ସେ ଏନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମାତ୍ର କୌଣସି ଆଡୁ ନ୍ୟାୟ ନ ମିଳିବାରୁ ଏବଂ ଆଜି ସକାଳେ କଲେଜ କର୍ତ୍ତୃପକ୍ଷ ଓଲଟା ତା’ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି ବୋଲି ସୂଚନା ପାଇବା ପରେ ସବୁଆଡୁ ନିରାଶ ହୋଇ ଶେଷରେ ଝିଅଟି ଆଜି ଆତ୍ମାହୁତି ଦେବାର ଚରମ ନିଷ୍ପତ୍ତି ନେଲା ବୋଲି ତା’ର ବାପା ଓ ଭାଇ ପ୍ରକାଶ କରିଛନ୍ତି। ଏବେ ପ୍ରଶ୍ନ ଉଠୁଛି, ମୃତ୍ୟୁ ସହ ସଂଗ୍ରାମ କରୁଥିବା ଝିଅଟିକୁ ନ୍ୟାୟ ମିଳିବ ନା ନିଜର ଅପାରଗତାକୁ ଘୋଡ଼ାଇବା ପାଇଁ ସରକାର ଏ ଘଟଣାକୁ ଏମିତି ରାଜନୀତି କରି ଚାପି ଦେବେ?

## ଗୁରୁକୁଳ ଆଶ୍ରମ ପିଣ୍ଡାବଣିଆଁରେ ଗୁରୁ ପୂର୍ଣ୍ଣିମା




ବାଲେଶ୍ୱର,୧୨।୭(ସମିସ): ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ବୈଦିକ ଗୁରୁକୁଳ ଆଶ୍ରମ ପିଣ୍ଡାବଣିଆଁରେ ଏକ ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ଗୁରୁକୁଳର ମୁଖ୍ୟ ଆଚାର୍ଯ୍ୟ ତଥା ସଂଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ୧୭ ବର୍ଷ ତଳେ ଗୁରୁକୁଳରେ ରଖି ଲାଳନ ପାଳନ ପୂର୍ବକ ଆଧ୍ୟାତ୍ମିକ ସହ ଭୌତିକ ଶିକ୍ଷା ପ୍ରଦାନ କରାଯାଇ ଯାହାର ନିର୍ମାଣ କରାଯାଇଥିଲା, ସେ ଆଜି ଆଧ୍ୟାତ୍ମିôକତା ସହ ଭୌତିକ ଶିକ୍ଷାରେ ଏମ୍ ଏସ୍ ସିବିଏଡ୍ ଯୋଗ୍ୟତା ଅର୍ଜନ କରି ଯେଉଁ ପବିତ୍ର ଗୁରୁକୁଳ ପୀଠରୁ ସମର୍ଥବାନ ହୋଇଛି, ସେହି ଗୁରୁକୁଳରେ ରହୁଥିବା ବ୍ରହ୍ମଚାରୀ ମାନଙ୍କ (ପିଲାମାନଙ୍କ) ଭବିଷ୍ୟତ ଗଢିବା ପାଇଁ ଗୁରୁକୁଳର ସମ୍ପୂର୍ଣ୍ଣ ଶିକ୍ଷା ପ୍ରଦାନର ଭାରକୁ ଆଜୀବନ ବହନ କରିବେ। ସେ ହେଉଛନ୍ତି ଗଣେଶ ପାଢ଼ୀ। ଗଣେଶ ପବିତ୍ର ଗୁରୁପୂର୍ଣ୍ଣିମାରେ ଗୁରୁ ଋଣ ପରିଶୋଧ ପୂର୍ବକ ଆଜୀବନ ଗୁରୁକୁଳର ରକ୍ଷା ପାଇଁ ସଂକଳ୍ପ ନେଇ ଆଚାର୍ଯ୍ୟ ବିଜୟ ଜୀଙ୍କୁ ଗୁରୁ ପୂର୍ଣ୍ଣିମାରେ ଗୁରୁ ଦକ୍ଷିଣା ଦେଇଛନ୍ତି।

## ଜିଲ୍ଲାର ଆଭ୍ୟନ୍ତରୀଣ ସୁରକ୍ଷା ଦାବି

ବାଲେଶ୍ୱର,୧୨।୭ (ସମିସ): ବାଂଲାଦେଶୀ ଏବଂ ରୋହିଙ୍ଗାଙ୍କ ଅନୁପ୍ରବେଶ କାରୀ ଜିଲ୍ଲାର ସମୁଦ୍ର ଉପକୂଳ ଅଂଚଳରେ ବସବାସ କରି ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟ, ବେଆଇନ ଅସ୍ତ୍ର କାରବାର, ନିଶା କାରବାରରେ ଲିପ୍ତ ରହି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଜିଲ୍ଲା ଭାରତ ରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତା ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁପ୍ରବେଶକାରୀ ରୋକିବା ଏବଂ ଚିହ୍ନଟ କରିବା ପାଇଁ ଭାରତ ରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପତ୍ର ପ୍ରଦାନ ସହ ଆଲୋଚନା କରିଛନ୍ତି। ଏଥିରେ ସଂଗଠନର ସଭାପତି ରଜନୀ କାନ୍ତ ଶତପଥି, ଉପସଭାପତି ଭାବେ ଅନନ୍ତ ଚରଣ ଦାସ, କାର୍ଯ୍ୟକାରୀ ଅଧକ୍ଷ ମଧୁସୂଦନ ହୋତା, ସମ୍ପାଦକ ସୁଖମୟ ଦାସ, ସହ ସମ୍ପାଦକ ସଞ୍ଜୟ କୁମାର ଦାସ, ସଂଗଠନ ସମ୍ପାଦକ ଅଜୟ କୁମାର ପରିଡା, ବିଧି ପ୍ରକୋଷ୍ଠ ନନ୍ଦ କିଶୋର ରାଉତ, ମାର୍ଗଦର୍ଶକ ଭାବେ ଆଇନଜୀବୀ ସୁଧାକର ପାଢ଼ୀ ଏବଂ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଏବଂ




ରାଜ୍ୟ ସରକାରଙ୍କୁ ଦାବି ଜଣାଇଛନ୍ତି। ଏଥିପାଇଁ ଉପଜିଲ୍ଲାପାଳଙ୍କୁ ଭେଟି ଏକ ବରିଷ୍ଠ କାର୍ଯ୍ୟକର୍ତ୍ତା ରମାକାନ୍ତ କର, ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

# ଘର ବାହୁଡ଼ା



ପଦ୍ମାଳୟା ସାମଲ



ରାତିରେ ନିଦ ଆସୁନଥିଲା ପ୍ରତୀକକୁ । ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥରୁମ୍‌ରୁ ଆସି ବୋତଲ ଖୋଲି ପାଣି ପିଉଥିଲା । ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ । ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିଅର୍ ସାଇଣ୍ଟିଷ୍ଟ ଭାବରେ ଜଏନ୍ କରିବାକୁ ପଡ଼ିବ । ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ । ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ । ଏସବୁ ଭିତରେ ମାଆଙ୍କ କଥା ଭାବି ଉଦାସ ଲାଗୁଥିଲା ।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ । ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଜଏନ୍ କରିବା ଅପେକ୍ଷା ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ୍ ହେବ । ଚାକିରିର ସୁବିଧାସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ । ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ - ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ । ମାଆର ଗୋଡ଼ ଭଲ ହୋଇଗଲାଣି । ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି । ଏ ବୟସରେ ଫ୍ରାକ୍‌ଚର୍ ହେଲେ ଭଲ ହେବାକୁ ସମୟ ଲାଗେ । ଡାକ୍ତର କହିଛନ୍ତି "ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ । ସେଥିପାଇଁ ଚିନ୍ତା କରନା ।" ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ । ମୋର ଚାକିରି କାର୍ଯ୍ୟକାଳ ଆଉ ମାତ୍ର ଦୁଇ ବର୍ଷ । ଯା' ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ । ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ । ହେଲେ ସେ ଚାକିରିରେ ଜଏନ୍ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ । ହାତରେ ଟ୍ରଲି ବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ । ସୁରେଖା ଚୁପଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ । କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ । ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ । ବାପା ମାଆଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ । ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସି ପଡ଼ିଲା ସେ ।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ । ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶି ଯାଉଥାଏ । ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟ୍‌ର ରାସ୍ତା । ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା । କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା । ତା' ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ୍ କରିବ । ଡ୍ରାଇଭରକୁ କହିଲା, "ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ ।" ଆଁ କରି ଡ୍ରାଇଭର ଚାହିଁଲା ପ୍ରତୀକର ମୁହଁକୁ । କିନ୍ତୁ ପର ମୁହୂର୍ତ୍ତରେ ଗାଡ଼ି ବୁଲେଇ ଫେରିଆସିଲା ପ୍ରତୀକର ଘର ଅଭିମୁଖେ ।

ଝରକା ଫାଙ୍କରୁ ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନ ବାବୁ । ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ । ଜୀବନ ବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, "ବାବା! ତୁମ ଦୁଇଜଣଙ୍କୁ ଏଇଠି ଏଇ ଅବସ୍ଥାରେ ଛାଡ଼ି ମୁଁ ଆଦୌ ଅଚିନ୍ତାରେ ରହିପାରିବି ନାହିଁ । ଯେଉଁ ବୟସରେ ତୁମ ପାଖେ ପାଖେ ରହି କିଞ୍ଚିତ୍ ସହଯୋଗ କରିପାରିବି, ସେ ବୟସରେ ତୁମଠାରୁ ଦୂରରେ ରହି ମୁଁ କ'ଣ ଶାନ୍ତିରେ ରହିପାରିବି? ବୁଝୁଛି, ଜୀବନରେ ଅର୍ଥର ମୂଲ୍ୟ ବହୁତ କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ । ପରିବାରର ଖୁସି ଓ ଶାନ୍ତି ମୋ ପାଇଁ ଅଧିକ ଗୁରୁତ୍ୱ ରଖେ । ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଯୋଗ ଦେବି । ଏହା ମୋର ଶେଷ ନିଷ୍ପତ୍ତି ।"

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା ଯେମିତିକି ସେ ତା'ର ଫେରିବା ବାଟକୁ ଅନାଇ ରହିଥିଲେ । ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ ।


ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନ ବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲା । ପୁଅର ପରିପକ୍ୱ ନିଷ୍ପତ୍ତିକୁ ନିରବରେ ମାନି ନେଉଥିଲେ । ■

ଭୁବନେଶ୍ୱର
ମୋ : ୭୦୦୮୩୪୮୧୭୨

## ପୁସ୍ତକ ପରିଚୟ

### ମୋ ଜୀବନ ଓ ଜଞ୍ଜାଳ କାହାଣୀ

ନନ୍ଦ କିଶୋର ଦାସ




ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ଦ୍ୱିତୀୟ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ଇଂରେଜ ସରକାର କବଳରୁ ଭାରତକୁ ମୁକ୍ତ କରିବାରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ । ସେମାନଙ୍କ ତ୍ୟାଗପୂତ ସଂଘର୍ଷମୟ ଜୀବନ ଆଜି ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ରାଜନେତା ହେଉଛନ୍ତି ନନ୍ଦ କିଶୋର ଦାସ । ନିକଟରେ ସଂଗ୍ରାମୀ ନନ୍ଦ କିଶୋର ଦାସଙ୍କ ଆତ୍ମଜୀବନୀ 'ମୋ ଜୀବନ ଓ ଜଞ୍ଜାଳ କାହାଣୀ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି । ଏହି ପୁସ୍ତକରେ ଲେଖକ ନିଜ ଜନ୍ମ, ବାଲ୍ୟକାଳ, ଶିକ୍ଷା, ଗାର୍ହସ୍ଥ୍ୟ ଜୀବନ, ସତ୍ୟବାଦୀ ସ୍କୁଲରେ ଶିକ୍ଷକତା, ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ, ରାଜନୈତିକ ଜୀବନ, ସମାଜସେବା ଆଦି ସଂପର୍କରେ ବର୍ଣ୍ଣନା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣାଦେବୀ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ଥିଲା । ସମାଜ ସେବା ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ସେ ଆପଣା ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପ୍ରକୃତରେ ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା ଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ଓଡ଼ିଶା ବିଧାନସଭାର ସେ ପ୍ରଥମ ବାଚସ୍ପତି ଥିଲେ । ଏହି ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନ ଓ ଦେଶପ୍ରେମ ଆଜିର ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରେରଣା ଦେବ । 'ମୋ ଜୀବନ ଓ ଜଞ୍ଜାଳ କାହାଣୀ' ପୁସ୍ତକଟି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ ଋଦ୍ଧିମନ୍ତ କରିବ ; ଏଥିରେ ସନ୍ଦେହ ନାହିଁ । ■

### କେୟାର ଅଫ୍ ରଘୁ ବନଛୋର

ଅକ୍ଷୟ କୁମାର ଜେନା



କୃଷ୍ଣା
ଜାରକା, ଧର୍ମଶାଳା
ଯାଜପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସୃଜନଶୀଳ ମଣିଷଙ୍କ ଚିନ୍ତା, ଚେତନା, ଅନୁଭବ, ଅଭିଜ୍ଞତାରୁ ସୃଷ୍ଟି ହୁଏ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ସାହିତ୍ୟ । ସେଭଳି ଜଣେ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ଅକ୍ଷୟ କୁମାର ଜେନା । ଯିଏ ନିଜ ଅନୁଭବ, ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଲେଖିଛନ୍ତି ଅନେକ ମନଛୁଆଁ ଗପ । ଗାଳ୍ପିକ ଜେନାଙ୍କ ରଚିତ 'କେୟାର୍ ଅଫ୍ ରଘୁ ବନଛୋର' ପୁସ୍ତକରେ ୨୬ଟି ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ପ୍ରତିଧ୍ୱନି', 'ନମିତା ସସ୍‌ପେଣ୍ଡ ହେଲା', 'ଶେଷ ସ୍ୱାଧୀନତା ସଂଗ୍ରାମୀ', 'ହାତ ପାହାନ୍ତାରେ ଜହ୍ନ', 'କେୟାର୍ ଅଫ୍ ରଘୁ ବନଛୋର', 'କୋଭିଡ୍ ଓ ଜହ୍ନରାତି', 'ସବୁବେଳେ ହସୁଥିବା ଝିଅଟା', 'ଅନ୍ୟ ଜଣେ ଡାକ୍‌ମୁନସୀ', 'ଏକାନ୍ତ ବ୍ୟକ୍ତିଗତ କଥା', 'ଡାକବାଲାର ଶେଷ ଚିଠି', 'ବାଲ୍ୟବନ୍ଧୁ', 'କାଳିଆ ପାଇଁ ଗୋଟିଏ ଲାଇକ୍' ଆଦି ଗପଗୁଡ଼ିକରେ ସାମାଜିକ ସମସ୍ୟା, ମାନବୀୟ ଭାବାବେଗ , ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାତ୍ୟା ଯାହା ଘଟି ନଥିଲା' ଗପରେ ବାତ୍ୟା ସମୟରେ ଦେଖାଦେଉଥିବା ବାସ୍ତବ ଘଟଣା ସଂପର୍କରେ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେଭଳି ଅନେକ ସମୟରେ କିଭଳି ସଚ୍ଚୋଟ ଓ ନିଷ୍ଠାପର ସରକାରୀ କର୍ମଚାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ତାହାର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଛି 'ନମିତା ସସ୍‌ପେଣ୍ଡ ହେଲା' ଗପରେ । ସରଳ ଭାଷା, ସାମାଜିକ କାହାଣୀକୁ ନେଇ ଆଧାରିତ ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରଯାଏ । ■

# ବିସ୍ଫୋରଣ

ସୁଚେତା ମିଶ୍ର



ନିସ୍ତବ୍ଧତା ଭିତରେ ଲୁଚିଯାଏ କରାଳ ଶବ୍ଦ
ଆତସବାଜିର ମନୋହର ଦୃଶ୍ୟ ବୋଲି ଭ୍ରମିତ କରେ କେଇ ମୁହୂର୍ତ୍ତ
ପର୍ଦ୍ଦା ଝୁଲି ରହେ
ଆଉ ଆମେ ଜାଣିପାରୁନି ଯେ
ସେ ଅନ୍ଧାର ନୁହେଁ
ବହଳ ଧୂଆଁ
ପୋଡ଼ା ମାଂସର
କଲବଲ ଦୀର୍ଘଶ୍ୱାସର
ସୁଦୂରପ୍ରସାରୀ ଆକାଂକ୍ଷା
ପାଉଁଶ ହେଇଯିବାର ।

ମା' ବାପା ଆସନ୍ତି
ପିଲାଙ୍କୁ ଖୋଜିବାକୁ
ପିଲେ ଆସନ୍ତି ବାପା ମା'ଙ୍କୁ
ଘରକୁ ନେଇଯିବାକୁ
ସ୍ତ୍ରୀ ଆସେ ତା' କପାଳର
ସୂର୍ଯ୍ୟୋଦୟର ଅସ୍ତ ଦେଖିବାକୁ
ସ୍ୱାମୀ ଆସେ ପତ୍ନୀ ହାତର ଟୁକୁଡ଼ା ଶଙ୍ଖା ଗୋଟେଇବାକୁ ।

ଗୋଟେ ରକ୍ତକ୍ଷରା କାନ୍ଦବି ଆସେ
ନିଜର ହାତ ପାଦ
ଛିନ୍‌ଛତ୍ର ହୃଦୟ ଆଉ
ଲହୁଲୁହାଣ ସ୍ପନ୍ଦନକୁ ଗୋଟାଏ
ସବୁ ବୁଝି ବୁଝି ନ ପାରିବାର
ହଲେ ଆଖି ପିନ୍ଧେ
ଆଉ ଚୁପଚାପ୍ ଚାଲିଯାଏ
ସେଇ ଅଭ୍ୟସ୍ତ ଦୁନିଆ ଭିତରକୁ
ଯେଉଁଠି କାରଣ ଖୋଜାଯିବାର
ମିଛ ଖେଳ ଚାଲିଥାଏ
ରୋମାଞ୍ଚକାରୀ ଦୁର୍ଘଟଣାର । ■



ଲିଡ୍ ବ୍ୟାଙ୍କ ଲେନ୍
ପୋଲିସ ଲାଇନ୍
ପୁରୀ- ୭୫୨୦୦୧
ମୋ: ୯୯୩୭୧୫୯୮୯୧



# ରାତି ନିଇତି ଆସେ

ପ୍ରହ୍ଲାଦ ଶତପଥି



ରାତିକୁ ଯଦି ପଢ଼ି ହୁଅନ୍ତା,
କଥା ସେଇଠି ସରିଯାଇ ଥାଆନ୍ତା
ପଢ଼ି ପାରୁନା ବୋଲି କହୁ ରାତିର ରଙ୍ଗ କଳା
ତୂଳୀ ନେଇ ଆଙ୍କୁ, କବିତା ଲେଖୁ ।

ରାତି ନିଇତି ଆସେ ଚିତ୍ରଟିଏ ହେଇ
କେବେ କିଏ ଆଙ୍କିଥିଲା ରାତିକୁ କେଜାଣି
ରାତି ନୀରବ, ନିରସ୍ତ୍ର ଥିଲା
ଯଦିଓ ଯୁଦ୍ଧ ସବୁଠି ସବୁବେଳେ ଥିଲା
ସକାଳଟିଏ ଫୁଟେଇବାକୁ ଯୁଦ୍ଧ
ସିନ୍ଦୂରା ଫାଟିବା ପାଇଁ ଯୁଦ୍ଧ
ଜଳ ପାଇଁ ଯୁଦ୍ଧ, ଯୁଦ୍ଧ ମାଟି ପାଇଁ ।

ରାତି ପ୍ରତିଟି ଗଛର ଶିରା ପ୍ରଶିରାରେ
ଚେରରେ, ପତ୍ରରେ
ରାତି ସତେ ଯେମିତି ବକଳ,
କାଢ଼ି ନେଲେ ସକାଳ ।

ଏଇ ରାତିକୁ ମୋତେ ଜୀଇଁବାକୁ ଦିଅ
ମୁଁ ଏବେ ରାତିକୁ ଢାଙ୍କି ଶୋଇ ପଡ଼ିବି
ସ୍ୱପ୍ନକୁ ବଢ଼େଇ ଦେବି ଆଖି ଦିଓଟି
ପାପୁଲି ଆଉଁଷିବେ ଫୁଲର ପାଖୁଡ଼ାକୁ
ପାଦରେ ସାରିଦେବି ରାତିର ସବୁତକ ରାସ୍ତା ।

ରାତି ଲୁଚେଇ ରଖିଥାଏ ଗୋପନୀୟତା
ଇତିହାସର, ଗୋଟାଏ ସଭ୍ୟତାର
ମୋତେ ପଢ଼ିବାକୁ ଦିଅ ରାତିକୁ, ତା'ର ଅଜସ୍ର ରହସ୍ୟକୁ
କ୍ଷତକୁ, ରକ୍ତକୁ
ମୋତେ ପଢ଼ିବାକୁ ଦିଅ ବିଜୟ ଭିତରେ ଛପିଥିବା ପରାଜୟକୁ ।

ଯାଏଁ ଦସ୍ତକ ଦେଇ ଆସେ ବାଟକୁ, କବାଟକୁ
କେହି ତ ହେଲେ ଖୋଲିବ ମୋ ପାଇଁ
ମୋର ଇପ୍‌ସିତ ସକାଳ
ସୂର୍ଯ୍ୟକୁ ଲୁଚେଇ ହୁଏନା
ଲୁଚେଇ ହୁଏନା ଫୁଲର ସୌରଭ
ଅନ୍ଧାର ଢାଙ୍କି ପାରେନା ଆଲୁଅକୁ
ଆଲୁଅର ଆଖି ନେଇ ମୋତେ ପଢ଼ିବାକୁ ଦିଅ
ଅନ୍ଧାରର ସବୁତକ ଅକ୍ଷର । ■

ଟିକ୍ରାପରା
ପୋ/ଜି: ବଲାଙ୍ଗିର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଗୋସ୍ୱାମୀ ତୁଳସୀ ଦାସ ଓ ଶ୍ରୀଜଗନ୍ନାଥ

ଡକ୍ଟର ଅଭିମନ୍ୟୁ ବରାଳ



"ଆନନ୍ଦ କାନନେ ହ୍ୱସ୍ମି ଜଙ୍ଗମ ସ୍ତୁଳସୀ ତରୁଃ ।
କବିତା ମଞ୍ଜରୀ ଭାତି ରାମ ଭ୍ରମର ଭୂଷିତା ।।"

ଉତ୍ତର ପ୍ରଦେଶର ପ୍ରୟାଗରାଜ ସନ୍ନିକଟ ବାନ୍ଦା ଜିଲ୍ଲାରେ ରାଜପୁର ନାମକ ଏକ ଅଖ୍ୟାତ ପଲ୍ଲୀରେ ଆତ୍ମାରାମ ଦୁବେ ନାମକ ଜଣେ ପ୍ରତିଷ୍ଠିତ ନୈଷ୍ଠିକ ବ୍ରାହ୍ମଣ ରହୁଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଲସୀ । ସମ୍ବତ୍ ୧୫୫୪ ର ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ସୌଭାଗ୍ୟବାନ ଦମ୍ପତି ହୁଲସୀ ଏବଂ ଆତ୍ମାରାମଙ୍କ କୋଳ ମଣ୍ଡନ କରିଥିଲେ ତୁଳସୀ ଦାସ । ଜନ୍ମ ସମୟରେ ଶିଶୁ ତୁଳସୀ କାନ୍ଦିଲେ ନାହିଁ । କିନ୍ତୁ ତାଙ୍କ ମୁଖରୁ 'ରାମ' ଶବ୍ଦ ଉଚ୍ଚାରିତ ହେଲା, ତେଣୁ ତାଙ୍କୁ 'ରାମ ବୋଲା' ବୋଲି କହୁଥିଲେ । ତାଙ୍କ ମୁଖରେ ବତ୍ରିଶି ଯାକ ଦାନ୍ତ ଜନ୍ମ ସମୟକୁ ଉଠି ଥିଲା । ଏତାଦୃଶ ଅଦ୍ଭୁତ ଶିଶୁ ପୁତ୍ରକୁ ଦେଖି ପିତା ଆତ୍ମାରାମ ଓ ମାତା ହୁଲସୀ ବହୁତ ଚିନ୍ତିତ ହୋଇ ପଡ଼ିଲେ । ବାଳକର କିଛି ଅନିଷ୍ଟ ହେବା ଆଶଙ୍କାରେ ମାତା ହୁଲସୀ ନିଜ ଦାସୀ ଚୁନିଆଁ ସହିତ ନବଜାତକକୁ ନିଜ ଶ୍ୱଶୁର ଘରକୁ ପଠାଇ ଦେଲେ ଏବଂ ତତ୍‌ପରେ ହୁଲସୀ ଏହି ସଂସାର ତ୍ୟାଗ କରି ଚାଲିଗଲେ ।

ଦାସୀ ଚୁନିଆଁ ବହୁତ ସ୍ନେହରେ ତୁଳସୀ ଦାସଙ୍କୁ ଲାଳନପାଳନ କଲେ । କିନ୍ତୁ ସାଢ଼େ ପାଞ୍ଚ ବର୍ଷରେ ଚୁନିଆଁର ମଧ୍ୟ ଦେହାନ୍ତ ହୋଇଗଲା । ବାଳକ ତୁଳସୀ ଦାସ ଅନାଥ ହୋଇଗଲେ । ତୁଳସୀ ବାରଦ୍ୱାର ବୁଲି ଜୀବିକାର୍ଜନ କଲେ । ଏକଦା ମାତା ପାର୍ବତୀ ଏକଥା ଦେଖି ମନରେ ତାଙ୍କର ଦୟା ହେଲା । ସେ ପ୍ରତ୍ୟହ ବ୍ରାହ୍ମଣୀ ବେଶ ଧାରଣ କରି ତୁଳସୀଙ୍କ ପାଖକୁ ଆସି ସ୍ୱହସ୍ତରେ ଖାଦ୍ୟ ଭୋଜନ କରାଇଲେ । ମାତା ପାର୍ବତୀଙ୍କ କୃପାରୁ ତୁଳସୀ ଶୁକ୍ଳପକ୍ଷ ଶଶି ଭଳି ବଢ଼ିବାକୁ ଲାଗିଲେ ।

ଶଙ୍କର ଭଗବାନଙ୍କ ପ୍ରେରଣାରେ ନରହର୍ୟାନନ୍ଦଜୀ ତୁଳସୀଙ୍କୁ ଅଯୋଧ୍ୟା ନେଇଗଲେ । ତାଙ୍କ ନାମ ସେ 'ରାମବୋଲା' ରଖିଲେ । ସେଠାରେ ୧୫୬୧ ସମ୍ବତ୍ ମାଘଶୁକ୍ଳ ପଞ୍ଚମୀ ଶୁକ୍ରବାର ଦିନ ତାଙ୍କର ଉପନୟନ କରାଗଲା । ନରହରି ସ୍ୱାମୀ ନାନା ସଂସ୍କାର କରି ତୁଳସୀଙ୍କୁ ଗାୟତ୍ରୀ ମନ୍ତ୍ର ସାଧନ କରାଇଲେ । ଗୁରୁଦେବ ନରହରିଜୀ ତାଙ୍କୁ ରାମମନ୍ତ୍ର ଦାନ ପୂର୍ବକ ସେହିଠାରେ ବିଦ୍ୟାଧ୍ୟୟନ କରାଇଲେ । ବେଦ ବେଦାନ୍ତାଦି ଅଧ୍ୟୟନ ପରେ ଗୁରୁଦେବଙ୍କ ଅନୁମତିକ୍ରମେ ସେ ସ୍ୱଜନ୍ମ ସ୍ଥାନକୁ ଫେରି ଆସିଲେ ।

ପରମ ରାମଭକ୍ତ ତଥା ରାମତାରକା ମନ୍ତ୍ର ସିଦ୍ଧଯୋଗୀ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଲେ । ପୁରୀରେ ପହଞ୍ଚି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିକୁ ଦର୍ଶନ କଲେ । କିନ୍ତୁ ନୀଳାମ୍ବୁଜ ଶ୍ୟାମଳ ଶ୍ରୀରାମଙ୍କର କଳାକଞ୍ଜଦଳା କମନୀୟ ମୂର୍ତ୍ତି ନ ଦେଖି ଜଗନ୍ନାଥଙ୍କ ଚକା ନୟନକୁ ତଥା କର ଚରଣହୀନ ଅଦ୍ଭୁତ ବିଗ୍ରହକୁ ଦେଖି ତୁଳସୀ ବିଷାଦିତ ହେଲେ । ବ୍ରହ୍ମର ଯେ କର-ଚରଣ-ନାସା- କର୍ଣ୍ଣ ନାହିଁ, ଏ ଯେ ଦାରୁବ୍ରହ୍ମ ତୁଳସୀ ହେଜି ପାରିଲେ ନାହିଁ । ବଡ଼ ମନସ୍ତାପରେ ଗୋସ୍ୱାମୀ ଫେରିଗଲେ ଶ୍ରୀକ୍ଷେତ୍ରରୁ ।

ପୁରୀଠାରୁ ଅଳ୍ପ ପଥ ଅତିକ୍ରମ କରିବା ପରେ ସନ୍ଧ୍ୟା ହୋଇ ଆସିଲା । ଜଗନ୍ନାଥ ସଡ଼କ ପାଖରେ ମାଳତୀପାଟପୁର ଗ୍ରାମ ନିକଟରେ ସେ ରାତ୍ରିଯାପନ କଲେ । ଗଜପତିଙ୍କୁ ସ୍ୱପ୍ନାଦେଶ କଲେ ଜଗନ୍ନାଥ । "ତାଙ୍କର ଜଣେ ପରମ ଭକ୍ତ ତାଙ୍କୁ ଦର୍ଶନ କରି ନ ପାରି ଫେରି ଯାଉଛନ୍ତି । ତୁମେ ତାଙ୍କୁ ଏଠାକୁ ସସମ୍ମାନେ ନେଇଆସ । ସେ ତାଙ୍କ ଇଷ୍ଟ ଦେବଙ୍କୁ ଦର୍ଶନ କରିବେ ।" ସଙ୍ଗେ ସଙ୍ଗେ ଗଜପତି ପାରିଷଦ ବର୍ଗଙ୍କ ସହିତ ପୁରୀର ଅନତି ଦୂରରେ ମାଳତୀପାଟପୁରରେ ଆସି ପହଞ୍ଚିଲେ । ସେଠାରେ ରାସ୍ତାକଡ଼ରେ ତୁଳସୀ ଶୟନ କରିଥିଲେ । ତାଙ୍କ ନିଦ୍ରାଭଙ୍ଗ କରି ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶ ଜଣାଇ ତୁଳସୀ ଦାସଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ନେଲେ । ତାଙ୍କୁ ଶ୍ରୀମନ୍ଦିରକୁ ନେଇ ଗଲେ ଓ ସେଠାରେ ରତ୍ନ ସିଂହାସନରେ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କୁ ଦର୍ଶନ କଲେ । ଶ୍ରୀଜଗନ୍ନାଥ ରାମ ଭାବରେ, ସୁଭଦ୍ରା ସୀତା ଭାବରେ, ବଳଭଦ୍ର ଲକ୍ଷ୍ମଣ ଭାବରେ ଓ ଚକ୍ରରାଜ ସୁଦର୍ଶନ ହନୁମାନ ଭାବରେ ଶୋଭା ପାଉଥିଲେ । ବିସ୍ମିତ ହେଲେ ତୁଳସୀ । ବାସ୍ତବରେ ଯେ ଜଗନ୍ନାଥ ଜଗତର ନାଥ ଏବଂ ସେ ଯେ ସମସ୍ତ ଅବତାରର ହେତୁ ତାହା ତାଙ୍କର ହୃଦ୍‌ବୋଧ ହେଲା । ତୁଳସୀ ପ୍ରଣିପାତ ପୂର୍ବକ ଗାଇ ଉଠିଲେ:-

"ଯେହି ରାମ ସେହି ଜଗଦିଶା । ଇନହିକୋ ଅନ୍ତନ ପାବତ ଶେଷା ।।
ଅନୁଜ ଭାଏ ଲଛମନ ଅନୁହାରି । ଭଦ୍ରା ସୋ ସୀୟା ରାଜକୁମାରୀ ।।
ବନ୍ଦଉଁ ଖଦସ ବ୍ରହ୍ମ ଅବିନାଶୀ । ଜୟ ହନୁମାନ ରାମ ପଦବାସୀ ।।

ଅର୍ଥାତ୍ – ଗୋସ୍ୱାମୀ ତୁଳସୀ ଦାସ ମୁକ୍ତ କଣ୍ଠରେ ଘୋଷଣା କଲେ ଯେ – ଯେ ରାମ ସେ ହିଁ ଜଗନ୍ନାଥ । 'ସ୍କନ୍ଦ ପୁରାଣ' କହିଛନ୍ତି – "ଆରାଧେୟଂ –ଜଗନ୍ନାଥଂ, ରକ୍ଷାକୁ କୁଳ ଦୈବତଂ... ।" ଏବେ ମଧ୍ୟ ଉପରୋକ୍ତ ଚୌପାଇଗୁଡ଼ିକ ତୁଳସୀ ଦାସଙ୍କ ପ୍ରତିଷ୍ଠିତ ବଡ଼ଛତା ମଠର ସାଧୁମାନେ ଗାନ କରି ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଳେ ମନ୍ଦିର ପରିକ୍ରମା କରିବାର ପରମ୍ପରା ଅବ୍ୟାହତ ରହିଛି । ଅନନ୍ତର ତୁଳସୀ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରତ୍ୟାବର୍ତ୍ତନ କଲେ । ପୁରୀ ନିକଟରେ ଯେଉଁ ସ୍ଥାନରେ ତୁଳସୀ ରାତ୍ରୀଯାପନ କରିଥିଲେ, ତାହା ଏବେ 'ତୁଳସୀ ଚଉରା' ନାମରେ ଖ୍ୟାତ । ସେଠାରେ ତୁଳସୀ ଦାସଙ୍କ ସ୍ମୃତି ସ୍ୱରୂପ ମଠ ଏବଂ ଶ୍ରୀରାମ ମନ୍ଦିର ରହିଛି । ପ୍ରତ୍ୟହ ଅନେକ ଦର୍ଶନାର୍ଥୀ ସେଠାକୁ ଆସୁଛନ୍ତି । ତୁଳସୀ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିଛନ୍ତି ।

ଗୋସ୍ୱାମୀ ତୁଳସୀ ଦାସଙ୍କୁ କଳି ଯୁଗର ବାଲ୍ମୀକି ବୋଲି କୁହାଯାଏ । ତାଙ୍କ ପ୍ରଣୀତ 'ଶ୍ରୀରାମ ଚରିତ ମାନସ' ଏକ ବିଶ୍ୱ ବିଖ୍ୟାତ ଗ୍ରନ୍ଥ । ଏହା ଏକ ରାମାୟଣ ଗ୍ରନ୍ଥ ହେଲେ ମଧ୍ୟ ଏଥିରେ ତୁଳସୀ ଦାସଙ୍କ ମୌଳିକ ଚିନ୍ତା ଚେତନା ବେଶ୍ ସୁସ୍ପଷ୍ଟ । ଶଙ୍କର ଭଗବାନଙ୍କ ଆଦେଶକ୍ରମେ ତୁଳସୀ ଅଯୋଧ୍ୟା ଆସି ସେଠାରେ ପ୍ରାକୃତ ଭାଷା, ଅବଧି ଭାଷାରେ (ଅଯୋଧ୍ୟା ଅଞ୍ଚଳର ଭାଷା) ରାମାୟଣ ରଚନା କଲେ । ଶଙ୍କରଙ୍କ ମାନସ ପଟରୁ ଆସିଥିବାରୁ ଏହାର ନାମ 'ମାନସ ରାମାୟଣ' ବା 'ଶ୍ରୀରାମ ଚରିତ ମାନସ' । 'ଶ୍ରୀରାମ ଚରିତ ମାନସ'ର ଆଧ୍ୟାତ୍ମିକ ମୂଲ୍ୟ ଓ ସାହିତ୍ୟିକ ମୂଲ୍ୟ ବେଶ୍ ବିଚାର୍ଯ୍ୟ । ଏହା ଏକ ଆଧ୍ୟାତ୍ମିକ ଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ । ବାଲ୍ମୀକି ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଚିତ୍ରଣ କରିଛନ୍ତି, କିନ୍ତୁ ତୁଳସୀ ଶ୍ରୀରାମଙ୍କୁ ପରଂବ୍ରହ୍ମ, ପୂର୍ଣ୍ଣବ୍ରହ୍ମ, ପୂର୍ଣ୍ଣବାହୁ, ସନାତନ ଭାବରେ ଗ୍ରହଣ କରିଛନ୍ତି । 'ଶ୍ରୀରାମ ଚରିତ ମାନସ'ର ପ୍ରତ୍ୟେକ ଦୋହା, ଚୌପାଇ, ଛନ୍ଦ, ସୋରଠା ଶାବରୀ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରତ୍ୟେକ ଚୌପାଇ ବା ଦୋହାର 'ର' ଏବଂ 'ମ' ବର୍ଣ୍ଣ ନିଶ୍ଚୟ ଥିବ । କୌଣସି କାର୍ଯ୍ୟ ସିଦ୍ଧି ହେବା ପାଇଁ ଏହାକୁ ଅନୁଷ୍ଠାନ କରାଯାଇପାରେ ।

'ଶ୍ରୀରାମ ଚରିତ ମାନସ'ର ସାହିତ୍ୟିକ ମୂଲ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହା ତୁଳସୀ ଦାସଙ୍କ ଅଗାଧ ଜ୍ଞାନର ପରିଚୟ ପ୍ରଦାନ କରେ । ସେ ଚାହିଁଥିଲେ ସଂସ୍କୃତ ଭାଷାରେ ରଚନା କରିପାରିଥାନ୍ତେ । କିନ୍ତୁ ଶିବଙ୍କ ଆଦେଶରେ ପ୍ରଚଳିତ ଲୋକଭାଷାରେ ଏହାକୁ ରଚନା କରିବା ଦ୍ୱାରା ଏହା ସର୍ବଜନାଦୃତ ହୋଇପାରିଛି । ସୁନ୍ଦର ଶବ୍ଦ ସଂଯୋଜନା ସହିତ ଉପମାଦିର ପ୍ରୟୋଗ କରି ତୁଳସୀ ସ୍ୱୀୟ ସାହିତ୍ୟିକ ବ୍ୟୁତ୍ପତ୍ତିର ପରିଚୟନ ପ୍ରଦାନ କରିଛନ୍ତି । ଶ୍ରୀରାମଙ୍କ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ ଗୋସ୍ୱାମୀ କହିଛନ୍ତି – "କାମ କୋଟି ଛବି ଶ୍ୟାମ ଶରୀରା ନୀଲକଞ୍ଜ ବାରିଦ ଗମ୍ଭୀରା । ଅରୁଣ ଚରଣ ପଙ୍କଜ ନଖ ଜ୍ୟୋତି, କମଲ ଦଲନି ଶୋଭେ ଜନୁଭାଁତି ।"

'ଶ୍ରୀରାମ ଚରିତ ମାନସ' ବ୍ୟତୀତ ତୁଳସୀ ଦାସଙ୍କ ରଚିତ 'ଦୋହାବଳୀ', 'କବିତାବଳୀ', 'ବିନୟ ପତ୍ରିକା', 'ଶ୍ରୀହନୁମାନ ଚାଳିସା', 'ଶ୍ରୀହନୁମାନ ବାହୁକ', 'ବରଜଙ୍ଗ ବାଣ' ପ୍ରଭୃତି ଗୋଟିଏ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥଗୁଡ଼ିକ ଭାରତବର୍ଷର ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି । ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ଏମ୍ସ ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି
■ ରାଜଧାନୀରେ ୫୦ପ୍ଲାଟୁନ ଫୋର୍ସ, ୮ ଡିସିପି ନିୟୋଜିତ

ଭୁବନେଶ୍ୱର,୧୨।୭(ସମିସ): ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଆସୁଛନ୍ତି। ଏଥିପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କାର୍ଯ୍ୟକ୍ରମ ହେବାକୁ ଥିବା ଏମ୍ସ ପରିସର ଯାଞ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଏମ୍ସ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ୱିନ୍ ସିଟି ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତ ରହିଛି ପୁଲିସ ପ୍ରଶାସନ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୮ ଜଣ ଡିସିପି ରାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି, ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର, ୧୮୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ ଫୋର୍ସ ନିୟୋଜିତ ରହିବେ।

କାର୍ଯ୍ୟକ୍ରମ ଅନୁସାରେ, ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ଣରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ "କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

# ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଓ ଶିକ୍ଷା ବିଭାଗର ମୁଖ୍ୟଙ୍କୁ ଗିରଫ ଦାବି

ଭୁବନେଶ୍ୱର,୧୨।୭(ସମିସ): ଫକୀରମୋହନ କଲେଜର ପିଡ଼ିତ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୃକ୍ତ ଶିକ୍ଷା ବିଭାଗର ମୁଖ୍ୟ ଓ ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଆଇଏସ୍‌ଏଫ୍ ପକ୍ଷରୁ ଦାବି କରାଯାଇଛି। ଛାତ୍ରୀ ଜଣକ ବିଭାଗୀୟ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ କରିବା ସତ୍ତ୍ୱେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନ ଥିଲା। ଅନ୍ତର୍ଗତ କମିଟି ୟୁଜିସି ନିୟମ ଅନୁଯାୟୀ ଗଠିତ ହୋଇଥିଲା କି ତାହା ସନ୍ଦେହରେ। ଶିକ୍ଷା ବିଭାଗର ମୁଖ୍ୟ ଛାତ୍ରୀଙ୍କୁ "ଫେବର' ମାଗିବା କଥା ଅଭିଯୋଗରେ ଉଲ୍ଲେଖ ହୋଇଥିବା ଜଣାପଡ଼ିଛି। ମାତ୍ର ଗଣମାଧ୍ୟମକୁ ବିବୃତି ଦେବା ସମୟରେ କଲେଜ ଅଧ୍ୟକ୍ଷ ଏହାକୁ ଏକ ସାମାନ୍ୟ ଶବ୍ଦ କହି ଏଡାଇ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ସହଦେବ ଖୁଣ୍ଟା ଥାନା ଆଇଆଇସି ଓ ସହ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ମାମଲା ରୁଜୁ କରାଗଲା ନାହିଁ। ରାପିଡ୍ ଆକ୍ସନର ଡିଣ୍ଡିମ ପିଟୁଥିବା ସରକାର ଓ ତାଙ୍କ ଅଧୀନ ବିଭାଗର ନଗ୍ନ ସତ୍ୟକୁ ପଦାରେ ପକାଇଛି। ସେ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆଇଏସ୍‌ଏଫ୍ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ଦାବି କରିଛନ୍ତି। ନିର୍ଯାତନାର ଅଭିଯୋଗକୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିବା କଥା ନିଜେ ପିଡ଼ିତା ଏକ ଭିଡିଓରେ କହିଛନ୍ତି। କଲେଜ କର୍ତ୍ତୃପକ୍ଷ ଓ ପୋଲିସ ବିଭାଗର ଅଣଦେଖା ଓ ଉଦାସୀନତା ପାଇଁ ଛାତ୍ରୀ ଜଣକ ଦୀର୍ଘଦିନ ଧରି ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ପରିଣାମ ସ୍ୱରୂପ ଆତ୍ମହତ୍ୟାର ବାଟ ବାଛିଲେ। ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ସହ ଏଥିରେ ସଂପୃକ୍ତ ସମସ୍ତ କଲେଜ କର୍ତ୍ତୃପକ୍ଷ ଓ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସରକାର କାର୍ଯ୍ୟ ନକଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ସଙ୍ଘର ସଭାନେତ୍ରୀ ସଙ୍ଘମିତ୍ରା ଜେନା ଚେତାବନୀ ଦେଇଛନ୍ତି।

■ ଆରମ୍ଭ ହେଲା ପାଠପଢ଼ା

# ସ୍ନାତକରେ ୫୦% ଓ ସ୍ନାତକୋତ୍ତରରେ ୪୦% ସିଟ୍ ଫାଙ୍କା

ଭୁବନେଶ୍ୱର,୧୨।୭(ସମିସ): ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଗୁରୁବାରଠାରୁ ଆରମ୍ଭ ହୋଇଛି। ହେଲେ ନାମଲେଖା ପ୍ରକ୍ରିୟା ସରିପାରିନି। ପ୍ରଥମ ପର୍ଯ୍ୟାୟର ୩ଟି ରାଉଣ୍ଡ ନାମଲେଖା ପରେ ମଧ୍ୟ ସ୍ନାତକୋତ୍ତରରେ ପ୍ରାୟ ୧୨ହଜାର ୭ଶହ ଏବଂ ସ୍ନାତକରେ ପ୍ରାୟ ୫୦ ପ୍ରତିଶତ ସିଟ୍ ଫାଙ୍କା ପଡ଼ିଛି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାଜନକ ହୋଇପାରିନି।

ସ୍ନାତକ ପଢ଼ିବାକୁ ମୋଟ୍ ୨ଲକ୍ଷ ୭୪ହଜାର ୧୭୩ ସିଟ୍ ଥିବା ବେଳେ ଏହାଠାରୁ ପ୍ରାୟ ୧୬ହଜାର କମ୍‌ପିଲା ଆବେଦନ କରିଛନ୍ତି। ତନ୍ମଧ୍ୟରୁ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷସୁଦ୍ଧା ମାତ୍ର ୧ଲକ୍ଷ ୯ହଜାର ୪ଶହ ଜଣ ନାମ ଲେଖାଇଥିଲେ। ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଆଉ ୪୯,୮୧୮ ପିଲା ଚୟନ ହୋଇଥିଲେ ମଧ୍ୟ ନାମଲେଖା ୫୦% ଛୁଇଁ ପାରିନି। ଆଶାଜନକ ନାମଲେଖା ହେଉନଥିବାରୁ ସ୍ପଟ୍ ନାମଲେଖା ପାଇଁ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ କରି ସମସ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ସମୁଦାୟ ୩୧,୧୫୪ଟି ସିଟ୍ ରହିଥିବା ବେଳେ ୪୧,୨୮୮ ଜଣ ଚଏସ୍ ଲକିଂ କରି ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧୮,୪୦୦ ଜଣ ନାମ ଲେଖାଇଥିବା ବେଳେ ପ୍ରାୟ ୪୦% ଅର୍ଥାତ୍ ୧୨,୭୨୮ ସିଟ୍ ଫାଙ୍କା ପଡ଼ିଛି।

ଠିକ୍ ସମୟରେ ପାଠପଢ଼ା ଆରମ୍ଭ କରି ଶୈକ୍ଷିକ ବର୍ଷ ସଜାଡ଼ିବାକୁ ସରକାର ଆଗୁଆ ନାମଲେଖା ପାଇଁ ପଦକ୍ଷେପ ନେଇଥିଲେ। ଏପରିକି, +୨ ଓ +୩ ରେଜଲ୍ଟ ବାହାରିବା ପୂର୍ବରୁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆହ୍ୱାନ କରିଥିଲେ। ହେଲେ ସଚେତନତା ଅଭାବରୁ ବହୁ ଛାତ୍ରଛାତ୍ରୀ ସେମାନଙ୍କ ମାର୍କ ଅପଡେଟ୍ କରିନାହାନ୍ତି। ଏଣୁ ସେମାନଙ୍କୁ ସ୍ପଟ୍ ନାମଲେଖା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପୁଣି ସୁଯୋଗ ଦେଇଛି। ହେଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିନ ଥିବାରୁ ନାମଲେଖା ଓ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

■ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ତଦନ୍ତ କରିବ ଉଚ୍ଚସ୍ତରୀୟ କମିଟି

ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର,୧୨।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଜଣେ ମହିଳା ଯୁଗ୍ମ ସଚିବ ଓ ଜଣେ ବରିଷ୍ଠ ମହିଳା ଶିକ୍ଷାବିତ୍‌କୁ ନେଇ ଉକ୍ତ କମିଟି ଗଠନ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ତ୍ୱରିତ ତଥା କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କଲେଜର ଅଧ୍ୟକ୍ଷ ଓ ସମ୍ପୃକ୍ତ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଲମ୍ବନ କରାଯାଇଛି। ଏହାସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ବର୍ତ୍ତମାନ ପୀଡ଼ିତା ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ସମସ୍ତ ଚିକିତ୍ସାଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏନେଇ ଏମ୍ସ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାସହ ପୀଡ଼ିତାଙ୍କ ପରିବାରଲୋକେ ଏମ୍ସ ନିକଟସ୍ଥ ଏକ ଧର୍ମଶାଳାରେ ରହିବାର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

■ ଢେଙ୍କାନାଳରେ ମଦ ମୃତ୍ୟୁ

# ବିଷାକ୍ତ ମଦ ପିଇ ଦୁଇ ଦିନରେ ୨ ମୃତ

୬ ମାସରେ ଗଲାଣି ୬ ଜୀବନ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୧୨।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ଗତ ଦୁଇଦିନରେ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଢେଙ୍କାନାଳ ସହରଠାରୁ ପ୍ରାୟ ୩୫କିମି ଦୂରରେ ଥିବା ପାହାଡ଼ ପର୍ବତଘେରା ବମ୍ପା ଗ୍ରାମରେ ବର୍ଷତମାମ ହାତୀଭୟ ଲାଗି ରହିଥିବା ବେଳେ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀର ଶିଳ୍ପରେ ପରିଣତ ହୋଇଛି। ଗତକାଲି ମଦ ପିଇ ମିଲୁ ସାମଲ(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ୍ଲ ସାମଲ (୫୮) ଗୁରୁତର ହୋଇଥିଲେ। ପ୍ରଫୁଲ୍ଲଙ୍କୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ସେହିପରି ବିଷାକ୍ତ ମଦ ପିଇ ଗ୍ରାମର ସୁଶାନ୍ତ ମାଝୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ବିଷାକ୍ତ ମଦ ଯୋଗୁଁ ମାସେ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରା ମଧ୍ୟ ପ୍ରାଣ ହରାଇଛନ୍ତି। ଗତ ୬ ମାସ ମଧ୍ୟରେ ଏମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ରାସୋଳ ଥାନା ଏବଂ ହିନ୍ଦୋଳ ଗ୍ରାମଠାରୁ ଦୂରରେ ରହିଥିବାରୁ ଅବକାରୀ ବିଭାଗ ଏବଂ ପୁଲିସ ଗ୍ରାମରେ ଚଢ଼ଉ କରୁନଥିବାରୁ ଦେଶୀ ମଦ ରାନ୍ଧିବା କେତେକଙ୍କ ପାଇଁ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହି ମଦ ପିଇ ଗରିବ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏ ଦିଗରେ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଜକୁ ଜାଳିଦେଲେ...

ଏହି ଘଟଣାକୁ ନେଇ କଲେଜ ପରିସରରେ ଅଶାନ୍ତି ଲାଗି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି। ଏସ୍‌ପି ରାଜପ୍ରସାଦ ଘଟଣାର ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନାନୁଯାୟୀ, ଗତ ଜୁନ୍ ୧ତାରିଖରେ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ପ୍ରମୁଖ ସମୀର କୁମାର ସାହୁଙ୍କ ନାଁରେ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ସୌମ୍ୟାଶ୍ରୀ। ଅଭିଯୋଗ ଅନୁସାରେ, ୬ମାସ ତଳେ ଅଧ୍ୟାପକଜଣଙ୍କ ଛାତ୍ରୀଙ୍କଠାରୁ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ। ମାତ୍ର ସେ ଅସ୍ୱୀକାର କରିବାରୁ ଅଧ୍ୟାପକ ଶ୍ରୀ ସାହୁ ତାଙ୍କୁ ପ୍ରଥମେ କ୍ଲାସ୍‌ରେ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ପିତାମାତାଙ୍କୁ ଫୋନ୍ କରି ଜଣାଇଥିଲେ। ଛାତ୍ରୀଜଣଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର୍। ସରକାରୀ ପ୍ରଶିକ୍ଷଣ ଶିବିର କାରଣରୁ ବହୁ ସମୟରେ କଲେଜରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ନେଇ ବାରମ୍ବାର ଛାତ୍ରୀଜଣଙ୍କୁ ଅଧ୍ୟାପକ ଶ୍ରୀ ସାହୁ ଅପମାନିତ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏ ସଂପର୍କରେ ସୌମ୍ୟାଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କଠାରେ ଅଭିଯୋଗ କରିଥିଲେ।

ଏପରିକି, ସଂପୃକ୍ତ ଅଧ୍ୟାପକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ଦିନକ ପରେ ହିଁ ଅଧ୍ୟାପକଜଣଙ୍କ ନିଜ ସହକର୍ମୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତ୍ତାଇ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସୌମ୍ୟାଶ୍ରୀ ଅଭିଯୋଗ କରିଥିଲେ।

ଏହି ଘଟଣାର କଲେଜର ଛାତ୍ର ସଂଗଠନ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ତଦନ୍ତ ପାଇଁ ଦାବି କରାଯାଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଦାବି କରି ଆଜି ମଧ୍ୟାହ୍ନରେ ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଧାରଣା ଦେଇଥିଲେ। ଏହି ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଘୋଷ ସମ୍ପୃକ୍ତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। କିନ୍ତୁ, ସେଠାରୁ ଫେରିବା ପରେ ସେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ପରେ ଛାତ୍ରଛାତ୍ରୀ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ସହଦେବଖୁଣ୍ଟା ପୁଲିସ କଲେଜ ପରିସରରୁ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଉଠାଇ ନେଇଥିଲା।

କଲେଜ ଅଧ୍ୟକ୍ଷ ଶ୍ରୀ ଘୋଷ କହିଛନ୍ତି ଯେ ଉକ୍ତ ଛାତ୍ରୀଙ୍କ ଅଭିଯୋଗକ୍ରମେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ସେଥିରେ କିଛି ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ରହିଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୫ ଦିନ ସମୟ ମଧ୍ୟ ମଗାଯାଇଥିଲା। ହେଲେ ଛାତ୍ରମାନେ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ତଦନ୍ତ ରିପୋର୍ଟରେ ଶାରୀରିକ ପ୍ରାପ୍ୟ ବାବଦରେ କୌଣସି ତଥ୍ୟ ଜଣାପଡ଼ିନାହିଁ।

### ବନ୍ଦ ଥିଲା...

ଅନ୍ୟ ଜଣେ ଉତ୍ତର ଦେଉଛନ୍ତି, 'ମୁଁ ବନ୍ଦ କରିନାହିଁ।' ଅନ୍ୟ କିଛି ପାଇଲଟଙ୍କର ମତାମତ ହେଲା ଯେ କୌଣସି ପାଗଳ ପାଇଲଟ୍ ମଧ୍ୟ କେବେହେଲେ ଏଭଳି ଭୁଲ୍ କରିବ ନାହିଁ। ଏହା ପଛରେ ଯାନ୍ତ୍ରିକ ତ୍ରୁଟି ଥାଇପାରେ। କାରଣ ୭ ବର୍ଷ ତଳେ ଆମେରିକାର ଏକ ବିମାନ ସଂସ୍ଥା ଇନ୍ଧନ ସ୍ୱିଚ୍‌କୁ ନେଇ ଏଭଳି ସତର୍କ କରାଇଥିଲା। ଯାହାକୁ କି ବିମାନ ଚଳାଚଳ ସଂସ୍ଥା ଗୁରୁତ୍ୱ ଦେଇ ନାହାନ୍ତି। ତେବେ ଚୂଡ଼ାନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ଅନ୍ୟ କିଛି ବିଶେଷଜ୍ଞଙ୍କର ମତ ହେଲା ଯେ ଏହା ଏକ ବିରଳ ତ୍ରୁଟି। ବିଦ୍ୟୁତ ସରବରାରେ ବ୍ୟାଘାତ ହେଲେ ଏଭଳି ଯାନ୍ତ୍ରିକ ତ୍ରୁଟିର ସମ୍ଭାବନା ମଧ୍ୟ ରହିଛି।

ଏହି ବିମାନ ଦୁର୍ଘଟଣାର ତଦନ୍ତ କରିଥିବା ଭାରତୀୟ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଏଆଇବି) ଗତକାଲି ବିଳମ୍ବିତ ରାତିରେ ୧୫ ପୃଷ୍ଠା ବିଶିଷ୍ଟ ଏହାର ପ୍ରାଥମିକ ରିପୋର୍ଟ ଜାରି କରିଛି। ଦୁର୍ଘଟଣା ସମୟରେ ଘଟିଯାଇଥିବା କିଛି ଘଟଣା ଓ ଏହି ସମୟରେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ଭିତ୍ତି କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବିମାନ ଉଡ଼ିବାର କିଛି ସେକେଣ୍ଡ ମଧ୍ୟରେ ଇଞ୍ଜିନ-୧ ଏବଂ ଇଞ୍ଜିନ୍-୨ର ଦୁଇଟି ଯାକ ଇନ୍ଧନ ସ୍ୱିଚ୍ ବନ୍ଦ ହୋଇଯାଇଥିଲା। ଯାହାଫଳରେ ଦୁଇଟି ଯାକ ଇଞ୍ଜିନ ସଟ୍-ଡାଉନ୍ ବା କାମ କରିବା ବନ୍ଦ କରିଦେଇଥିଲା। ବିମାନ ଆଉ ଉପରକୁ ଉଠିନପାରି ତଳକୁ ଖସିପଡ଼ିଥିଲା। ଏହି ସମୟରେ ଜଣେ ପାଇଲଟ୍ ଅନ୍ୟ ଜଣଙ୍କୁ ପଚାରୁଛନ୍ତି, 'ଇନ୍ଧନ ସ୍ୱିଚ୍ କାହିଁକି ବନ୍ଦ କଲ?' ଏହାର ଉତ୍ତର ଦେଇ ଅନ୍ୟ ଜଣେ ପାଇଲଟ୍ କହୁଛନ୍ତି, 'ମୁଁ କରିନାହିଁ।' ଏହାର କିଛି ସେକେଣ୍ଡ ମଧ୍ୟରେ ଦୁଇଟି ଯାକ ସ୍ୱିଚ୍ ପୁଣି ଚାଲୁ ହେବା ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ବହୁତ ବିଳମ୍ବ ହୋଇଯାଇଥିଲା। ଇଞ୍ଜିନ୍-୨ କାମ କରିବାକୁ ଆରମ୍ଭ କରୁଥିବା ବେଳେ ଇଞ୍ଜିନ-୧ କାମ କରିନଥିଲା। ବିମାନର ବେଗ ବି କମିଯାଇଥିଲା। ବିମାନ ଖୁବ୍ କମ୍ ଉଚ୍ଚତାରେ ଉଡୁଥିବାରୁ ଆଉ ଉପରକୁ ଉଠିବା ଲାଗି ବଳ ପାଇନଥିଲା। ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବା ଲାଗି ରାମ ଏୟାର ଟର୍ବାଇନ (ରାଟ୍)କୁ ନିୟୋଜିତ କରିଥିଲେ ପାଇଲଟ୍। କିନ୍ତୁ କିଛି କାମ ଦେଲାନାହିଁ। ବିମାନ ଉଡ଼ିବାର ୯୦ସେକେଣ୍ଡ ମଧ୍ୟରେ ଖସିପଡ଼ିଥିଲା। ଏୟାରଇଣ୍ଡିଆର ଏହି ବିମାନଟି ଅହମଦାବାଦ ବିଜେ ମେଡିକାଲ କଲେଜ ହଷ୍ଟେଲ ଉପରେ ପଡ଼ିଯାଇଥିଲା। ଏଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ। ବିମାନରେ ଥିବା ବିମାନ କର୍ମଚାରୀ ଓ ଯାତ୍ରୀଙ୍କୁ ମିଶାଇ ୨୪୧ ଜଣ ପ୍ରାଣ ହରାଇଥିବା ବେଳେ ତଳେ ଥିବା ୧୯ ଜଣ ପ୍ରାଣ ହରାଇଥିଲେ। ତେବେ ଜଣେ ବିମାନ ଯାତ୍ରୀ ବର୍ତ୍ତିଯାଇଥିଲେ। ପକ୍ଷୀମାଡ଼ ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଜୁନ ୧୨ ତାରିଖ ଅପରାହ୍ଣରେ ଏୟାର ଇଣ୍ଡିଆର ଏଆଇ ୧୭୧ ବୋଇଂ ୭୮୭-୮ ଡ୍ରିମଲାଇନର ଅହମଦାବାଦରୁ ଲଣ୍ଡନ ଯାଉଥିଲା। ଏଥିରେ ୨୩୦ ଜଣ ଯାତ୍ରୀ ଥିବା ବେଳେ ଦୁଇ ଜଣ ପାଇଲଟ ଏବଂ ୧୦ ଜଣ କ୍ୟାବିନ୍ କର୍ମଚାରୀ ଥିଲେ। ଭାରତରେ ଏୟାର ଇଣ୍ଡିଆ ଇତିହାସରେ ଏହାଥିଲା ସବୁଠାରୁ ଭୟଙ୍କର ଦୁର୍ଘଟଣା। ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ମୃତ୍ୟୁ ଘଟିଥିଲା।

### ଫେରିଲେ ନବୀନ...

ଶନିବାର ଦିନ ୧୨ଟା ୩୦ ମିନିଟରେ ନବୀନ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଏହାର ପ୍ରାୟ ଘଣ୍ଟାଏ ବିଳମ୍ବରେ ନବୀନ ପହଞ୍ଚିଥିଲେ। ମାତ୍ର ଲୋକଙ୍କ ମଧ୍ୟରେ ଉତ୍ସାହ କମିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ରାଜ୍ୟର କୋଣ ଅନୁକୋଣରୁ ନବୀନଙ୍କୁ ଭଲ ପାଉଥିବା ଲୋକେ ବିନା କାହାର ନିମନ୍ତ୍ରଣ, ପରାମର୍ଶରେ ଭୁବନେଶ୍ୱର ଛୁଟି ଆସିଥିବା ବେଳେ ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଥିଲେ। ନବୀନଙ୍କ ଦେଖିବା ମାତ୍ରେ ତାଙ୍କର ବହୁ ସମର୍ଥକ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଥିବାର ଦେଖିବାକୁ ମିଳିଥିଲା। ଅଜାଣରେ ଦୁଇଆଖିରୁ ଆନନ୍ଦାଶ୍ରୁ ଝରି ପଡୁଥିଲା। ମହିଳାମାନେ ହୁଳହୁଳି ଦେଇ ନବୀନଙ୍କୁ ସ୍ୱାଗତ କରୁଥିବା ବେଳେ ନବୀନଙ୍କ ଜିନ୍ଦାବାଦ ଧ୍ୱନିରେ ପୂରା ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ ସମର୍ଥକ ଓ ଶୁଭେଚ୍ଛୁ। ଏପରିକି ରାସ୍ତାର ଦୁଇପାଖ ଏବଂ ରାସ୍ତାରେ ଛିଡ଼ାହେବା ପାଇଁ ସ୍ଥାନ ନମିଳିବାକୁ କିଛି ଯୁବକ ନିକଟସ୍ଥ କୋଠା ଉପରେ ଚଢ଼ି ନବୀନଙ୍କ ଫଟୋ ନିଜ କ୍ୟାମେରାରେ ତୋଳି ଧରୁଥିବାର ଦେଖିବାକୁ ମିଳୁଥିଲା। ନବୀନଙ୍କୁ ପାଖରେ ସୁସ୍ଥ ରୂପରେ ପାଇଁ ପୂରା ପରିବେଶ ଭାବପ୍ରବଣତାରେ ଭରି ଯାଇଥିବା ବେଳେ ସାଧାରଣ ଲୋକେ ବେଶ୍ ଖୁସି ପ୍ରକଟ କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଗତ ୨୦ତାରିଖରେ ନିଜ ଚିକିତ୍ସା ପାଇଁ ନବୀନ ଭୁବନେଶ୍ୱର ଯିବା ସମୟରେ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦର ଛକରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଥିଲା। ସାଧାରଣ ଲୋକେ, ଶୁଭେଚ୍ଛୁ ସେଠାରେ ଏକାଠି ହୋଇ ନବୀନଙ୍କ ସୁସ୍ଥତା କାମନା କରିଥିଲେ। ମୁମ୍ବାଇରେ ଚିକିତ୍ସା ସାରି ନବୀନ ଖୁବଶୀଘ୍ର ଓଡ଼ିଶା ଫେରି ନିଜକୁ ରାଜ୍ୟବାସୀଙ୍କ ସେବାରେ ବ୍ରତୀ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ସମର୍ଥକ। ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିର, ଦେବାଦେବୀଙ୍କ ପୀଠ ଏବଂ ନିଜ ଇଷ୍ଟଙ୍କ ପାଖରେ ଶୁଭେଚ୍ଛୁ ନବୀନଙ୍କ ଶୀଘ୍ର ସୁସ୍ଥତା କାମନା କରିଥିଲେ। ଦୀପ ଜାଳିଥିଲେ। ମାନସିକ କରିଥିଲେ। ମୁମ୍ବାଇରେ ଗତ ୨୨ତାରିଖରେ ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବୀନଙ୍କ ସଫଳ ଚିକିତ୍ସା ମଧ୍ୟ ହୋଇଥିଲା। ୭ ତାରିଖରେ ହସ୍ପିଟାଲରୁ ଡିସ୍ଚାର୍ଜ ହେବା ପରେ ନବୀନ ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।

କେବଳ ଶୁଭେଚ୍ଛୁ କିମ୍ବା ପ୍ରଶଂସକ ନୁହନ୍ତି, ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କ ସହ ଯୁବ, ଛାତ୍ର ଏବଂ ମହିଳା ଦଳର ବହୁ ନେତା ଓ ନେତ୍ରୀମାନେ ଉପସ୍ଥିତ ରହି ନବୀନଙ୍କୁ ସ୍ୱାଗତ କରିଥିଲେ। ନବୀନଙ୍କ ଅନୁପସ୍ଥିତିରେ ରାଜ୍ୟର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ନିଜର ଲଢ଼େଇ କରି ଆସିଥିଲା। ଏବେ ନବୀନ ଫେରିବା ପରେ ଆମର ଶକ୍ତି ବହୁଗୁଣରେ ବଢ଼ିଗଲା। ଆମ ସଭାପତି, ଆମ ନେତାଙ୍କ ମାର୍ଗଦର୍ଶନରେ, ନିର୍ଦ୍ଦେଶରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗରେ ବିଜେଡି ନିଜର ସ୍ୱରକୁ ଶାଣିତ କରିବ ବୋଲି ଦଳର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଆଜିଠୁ ଅତି ପ୍ରବଳ...

ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ଦେବଗଡ଼, ବରଗଡ଼, ଯାଜପୁର, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୪ ତାରିଖରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୫ ତାରିଖ ପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୬ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ଘଣ୍ଟାରେ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬୭ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ସମତଳ ଅଞ୍ଚଳରେ ନବରଙ୍ଗପୁରରେ ୦.୮ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ନୟାଗଡ଼ ରଣପୁର ୫୮.୬ମିମି, କଟକ ବାଙ୍କୀ ୫୫.୦ ମିମି., ଖୋର୍ଦ୍ଧା ବୋଲଗଡ଼ ୫୨.୦ ମିମି ବର୍ଷା ରେକର୍ଡ ହୋଇଛି। ଟ୍ୱିନସିଟିରେ ତାପମାତ୍ରାରେ ବୃଦ୍ଧି ପାଇଛି। ଆଜି କଟକରେ ୩୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଛି।

### ଗଡ଼ିଲା ବସ୍...

ଚେତାବନୀ ମଧ୍ୟ ଦେଇଛନ୍ତି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ସମର୍ଥନ ପ୍ରତ୍ୟାହାର ନେଇ ଶୁକ୍ରବାର ଘୋଷଣା କରିଥିଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ପୂର୍ବ ଘୋଷଣା ଅନୁଯାୟୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ପାରାଦୀପ, ମାଲକାନଗିରି ସହ ବିଭିନ୍ନ ସ୍ଥାନରୁ ବସ୍ ଚଳାଚଳ କରିଥିଲା। କେବଳ ବସ୍ ନୁହେଁ; ୪ ଚକିଆ ଯାନ ମଧ୍ୟ ଚଳାଚଳ କରୁଥିବାର ଦେଖିବାକୁ ମିଳୁଥିଲା। କେତେକ ସ୍ଥାନରେ ଡ୍ରାଇଭରମାନେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନାମରେ ବିଷୋଦଗାର କରିଛନ୍ତି। ମହାସଂଘର କେତେକ ଗୋଷ୍ଠୀ ମେଣ୍ଡୁଲିଙ୍କୁ ସିଧାସଳଖ ବିରୋଧ କରୁଥିବାରୁ ମହାସଂଘ ଦୁଇଫାଳ ହୋଇଯାଇଥିବା କୁହାଯାଉଛି। ତେବେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରି ସେ କାନ୍ଦ କାନ୍ଦ ସ୍ୱରରେ କହିଛନ୍ତି ଯେ ବର୍ତ୍ତମାନ ଧୈର୍ଯ୍ୟ ହେଉଛି ବଡ଼ ଅସ୍ତ୍ର। ଆପଣମାନେ ଧୈର୍ଯ୍ୟ ଧରନ୍ତୁ। ଏହି ସମୟ ଆଉ କେବେବି ଡ୍ରାଇଭର ଭାଇମାନେ ପାଇବେ ନାହିଁ। ଯଦି କେଉଁମାନେ ନିଜ ମାଲିକଙ୍କୁ ଡରି ଗାଡି ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି, ସେମାନେ ଚଳାନ୍ତୁ। ମାତ୍ର ଡ୍ରାଇଭର୍ ମହାସଂଘର ନିଷ୍ପତ୍ତିକୁ ଖିଲାପ କରି ଯେଉଁମାନେ ଗାଡ଼ି ଚଳାଉଛନ୍ତି ସେମାନଙ୍କ ଫଟୋ ଉଠାଇବୁ। ସେମାନଙ୍କୁ ଚିହ୍ନଟ କରାଯିବା ସହ ଯେଉଁମାନେ ଏବେ ଗାଡ଼ି ଚଳାଉଛନ୍ତି ସେମାନଙ୍କୁ ସଂଘରୁ ବାହାର କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଜି ଓଡ଼ିଶା ଡ୍ରାଇଭର୍ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଗିରଫ ପରେ ବଲାଙ୍ଗିର ଜେଲ୍ ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ମିନି ଟ୍ରକ ମାଲିକ ସଂଘ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଏନେଇ ପୁନର୍ବାର ପ୍ରତିକ୍ରିୟା ରଖିଛନ୍ତି। ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ସେ ଅନୁରୋଧ କରିଥିବା ବେଳେ ସରକାର ଆପଣଙ୍କ ସମସ୍ତ ଦାବିକୁ ଶୁଣିଛନ୍ତି, ସବୁ ଦାବିର ସମାଧାନ ହେବ ବୋଲି ପୁନଃର୍ବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘ ନାମରେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଭ୍ରମିତ କରୁଛନ୍ତି। ନିରୀହ, ସରଳ ଡ୍ରାଇଭରମାନେ ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ଆନ୍ଦୋଳନ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଦ୍ୱାରା ଆୟୋଜିତ ସମାବେଶ ବିଫଳ ହେଉ ବୋଲି ବିଜେପି ଚାହୁଁଥିଲା। ସେଥିପାଇଁ ତାଙ୍କ ଦାବି ପୂରଣ କରାଯାଉ ନାହିଁ। ରାଜ୍ୟରେ ୧୦ ଲକ୍ଷ ଡ୍ରାଇଭରଙ୍କ ପାଇଁ କୌଣସି ନୀତି ନିୟମ ନାହିଁ। ଏନେଇ ରାହୁଲ ଗାନ୍ଧୀ ମଧ୍ୟ ନିଜର ସ୍ୱର ଉତ୍ତୋଳନ କରିଛନ୍ତି। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି ବୋଲି ସେ ଦୋହରାଇଛନ୍ତି।

**NOTICE**

By virtue of an affidavit sworn before the Executive Magistrate, Balangir, dated 17.02.2025 I, Anjali Badhia, W/o- Asish Badhia, At: Dudukasira, PO: Jhankarpali, PS. Balangir Sadar, Dist. Balangir (Odisha), declare that I have changed my name from Padmalaya Guru to Anjali Badhia. Henceforth, I shall be known as Anjali Badhia for all purposes.

Anjali Badhia (New Name)

**NOTICE**

By virtue of an affidavit sworn before the Executive Magistrate, Balangir, dated 21.06.2025 I, Silosabati patel, w/o Late Haribandhu Patel, At: Fatkara, PO: Bhaler, PS. Puintala, Dist. Balangir (Odisha), declare that my correct name is Silosabati patel mention in PPO no. 55667.but in my addhar card wrongly mention as Silabati Patel. Henceforth, I shall be known as Silosabati patel for all purposes.

Silosabati Patel (New Name)

**AFFIDAVIT**

By virtue of an affidavit sworn before Executive Magistrate, Khordha, dated 22/04/2025. I, Satyabadi Dora, Vill - Telenga Sahi, Khordha Town Po/Ps/Dist-Khordha, Odisha, Pin- 752055, Declare that I have changed the name of my daughter from K. Urbi to Urbi Dora. Henceforth, She shall be known as Urbi Dora for all purposes.

Satyabadi Dora

**NOTICE**

By virtue of an affidavit sworn before the Executive Magistrate, Loisingha, dated 09.07.2025 that I Sangita Pande, Resident of At:Taljuri, PO: Rengali, PS. Balangir Sadar, Dist. Balangir (Odisha) declare that i have changed my name from Sangita Bag to Sangita Pande. Henceforth, I shall be known as Sangita Pande for all purposes.

Sangita Pande (New Name)

**AFFIDAVIT**

I, Anjana Kundu, W/o.: Sandeep Kumar Kundu, resident of At: Basta (Baharda), PO.: Baharda Bazar, Dist.: Baleswar, PIN-756029, Odisha, declare by this affidavit No.: 4255, dated-11/07/2025, that now onwards I shall be known as **ANJANA RANI KUNDU** for all future purposes.

**NOTICE**

By virtue of an affidavit sworn before the Executive Magistrate, Balangir, dated 11.07.2025 I Ayushman Kalta, Resident of At:Apamara, PO: Bhutiarbahal, PS. Deogaon, Dist. Balangir (Odisha) declare that I have changed my name from Ayusman Kalata to Ayushman Kalta. Henceforth, I shall be known as Ayushman Kalta for all purposes.

Ayushman Kalta(New Name)

**NOTICE**

By virtue of an affidavit sworn before the Notary Sonepur, dated 11.07.2025 that I, Ansuman Panda, R/o Gadbhitar, Sonepur, Subarnapur have changed my name to Anshuman Panda. Henceforth, I shall be known as Anshuman Panda for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/07/2025. I, **Sharad Bagh** (Applicant name), Son of Damodara Bagh, Permanent resident of At-Pipilibandh (Dumdumi), P.O. Siker, P.S. Titilagarh, Dist- Balangir, (Odisha), PIN-767033 now residing at the same place affirm that I have changed my minor daughter's name from **Nirjala Bagh** (old name) To **Nomita Bagh** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Nomita Bagh** (new name).

**Sharad Bagh**

## ସୁବର୍ଣ୍ଣରେଖା ବନ୍ୟା ଆଣିଛି ଦୁର୍ଦ୍ଦଶା

# ବାହ୍ୟ ଜଗତରୁ ବିଚ୍ଛିନ୍ନ କୁଳିଦା ଗ୍ରାମ, ଡଙ୍ଗା ଭରସା

ଭୋଗରାଇ, ୧୨।୭ (ସମିସ)





ସୁବର୍ଣ୍ଣରେଖାର ତୃତୀୟ ବନ୍ୟାରେ ବାଲେଶ୍ୱର ଜିଲ୍ଲା ଉତ୍ତର ଭୋଗରାଇ ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରାୟ ୧୦ଟି ପଞ୍ଚାୟତର ୪୦ରୁ ଅଧିକ ଗ୍ରାମ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏଥି ମଧ୍ୟରୁ କୁଳିଦା ଗ୍ରାମଟି ତଳିଆ ଅଞ୍ଚଳ ହୋଇଥିବାରୁ ଏହି ଗାଁରେ ଥରେ ବନ୍ୟା ଜଳ ପଶିଲେ ଦୁଇମାସରୁ ଅଧିକ ଦିନ ଲୋକମାନେ ଜଳବନ୍ଦୀ ଜୀବନ କଟାଇଥାନ୍ତି। ରାସ୍ତା ଘାଟ ସହ ବିଲ ବାଡ଼ି ପାଣିରେ ବୁଡି ରହିଥାଏ। ଲୋକଙ୍କ ଜୀବନ ଯାତ୍ରା ସମ୍ପୂର୍ଣ୍ଣ ଠପ ହୋଇଥାଏ। ଘରୁ ବାହାରକୁ ହେଲେ ଦେଶୀ ଡଙ୍ଗା ଉପରେ ଲୋକେ ଭରସା କରିଥାନ୍ତି। ନିକଟସ୍ଥ ଦେଉଳା ବଜାରରୁ ସଉଦା ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବା ଏବଂ ରୋଗୀଙ୍କୁ ଡାକ୍ତର ଖାନା ଆଣିବାକୁ ହେଲେ ବିପଦପୂର୍ଣ୍ଣ ଭାବରେ ଦେଶୀ ଡଙ୍ଗୀ ଦ୍ୱାରା କୋଷ୍ଟ କେନାଲ ବନ୍ଧରେ ପହଞ୍ଚି ଥାନ୍ତି। ସେଠାରୁ ଅନ୍ୟ ସ୍ଥାନକୁ ଯାତ୍ରା କରିଥାନ୍ତି।

ସୂଚନାଯୋଗ୍ୟ ଯେ, କୁଳିଦା ପଞ୍ଚାୟତର କୁଳିଦା ମାହାଦିଆ, ଉପଳା ଓ ମଧୁପୁର ଗ୍ରାମର ସମାନ ଅବସ୍ଥା। ଏହି ଗାଁ ଗୁଡ଼ିକରେ ଲୋକ ସଂଖ୍ୟା ପାଖା ପାଖି ୪ ହଜାର ହେବ। ପିଲାମାନଙ୍କ ଠାରୁ ବୁଢ଼ା ସମସ୍ତେ ଡଙ୍ଗା ଉପରେ ନିର୍ଭର କରିଥାନ୍ତି। ସେମାନଙ୍କ ଜୀବନ ଜୀବିକା ରୂପେ ଖଡ଼ି ଓ ଇକିଡ ଚାଷ ଏବେ ସମ୍ପୂର୍ଣ୍ଣ ପାଣି ଭିତରେ। ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ସେମାନେ ଆତଙ୍କିତ ଅବସ୍ଥାରେ ରହିଥାନ୍ତି। କୁଳିଦା ପଞ୍ଚାୟତର ସରପଞ୍ଚ ପ୍ରତାପ କୁମାର ଦାସ କହିବା କଥା ପ୍ରଥମ ଓ ଦ୍ୱିତୀୟ ବନ୍ୟାରେ ସରକାର ଅଳ୍ପ କିଛି ଶୁଖିଲା ଖାଦ୍ୟ ଦେଇଥିଲେ। ମାତ୍ର ତୃତୀୟ ବନ୍ୟାରେ ଏପର୍ଯ୍ୟନ୍ତ ମୁଠାଏ ରିଲିଫ ନାହାନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଭୋଗରାଇ ଗସ୍ତରେ ଆସି ଘୋଷଣା କରିଥିବା ୭ ଦିନର ଚାଉଳ ଏପର୍ଯ୍ୟନ୍ତ ଆମ ପଞ୍ଚାୟତରେ ପହଞ୍ଚି ପାରିନାହିଁ। ସମିତି ସଭ୍ୟ ଗୋପାଳ ପରିଡ଼ା କହିଥିଲେ ତୃତୀୟ ବନ୍ୟା ପାଣି ବିପଦ ସଙ୍କେତ ତଳେ ପ୍ରଭାବିତ ହେଉଛି ସତ କିନ୍ତୁ ଆମ କୁଳିଦା ପଞ୍ଚାୟତ ସବୁଠାରୁ ତଳିଆ ଅଞ୍ଚଳ ହେଉଥିବାରୁ ଏବଂ ବନ୍ୟା ଆସିଲା ପରେ ବନ୍ୟା ଛାଡିବା ବେଳକୁ ପାଣି ନିଷ୍କାସନ ହେଉନଥିବାରୁ ଲୋକେ ବହୁ କଷ୍ଟରେ ଜିବନ ବିତାଇଛନ୍ତି। ଜିଲ୍ଲା ପରିଷଦ ସଭ୍ୟା କବିତା ମହାନ୍ତି କହିଛନ୍ତି ଯେ ଏହି ପଞ୍ଚାୟତରେ ସରକାର ତୁରନ୍ତ ରିଲିଫ ଦିଅନ୍ତୁ, ସମ୍ପୂର୍ଣ୍ଣ ବନ୍ୟା ଓ ପଶ୍ଚିମବଙ୍ଗରୁ ଆସୁଥିବା ଉଦବୃତ୍ତ ବର୍ଷା ପାଣି ନିଷ୍କାସନ କରିବାର ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ଭାରତୀୟ ବିଦ୍ୟା ନିକେତନରେ ବୃକ୍ଷରୋପଣ ଓ ବିତରଣ କାର୍ଯ୍ୟକ୍ରମ



ଚନ୍ଦନେଶ୍ୱର, ୧୨।୭ (ସମିସ): ବୃକ୍ଷ ହେଉଛି ଆମର ପ୍ରକୃତି ରକ୍ଷକ ବୋଲି ଭୋଗରାଇର ଚନ୍ଦନେଶ୍ୱର ଭାରତୀୟ ବିଦ୍ୟା ନିକେତନରେ ଆୟୋଜିତ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏନେଇ ଆୟୋଜିତ ସଭାକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ଅନନ୍ତ କୁମାର ପ୍ରଧାନ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ବନପାଳ ରାମ ନାରାୟଣ ଦାସ ମହାପାତ୍ର ଯୋଗଦେଇ ବୃକ୍ଷ ରୋପଣ ସହିତ ତାର ଯତ୍ନ ନେଲେ ଭବିଷ୍ୟତ ଭଲ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ଯୋଗଦେଇ ଅନ୍ତୁଡି ଶାଳରୁ ଜୁଇଁ ପର୍ଯ୍ୟନ୍ତ ପ୍ରତିଟି କାଯ୍ୟରେ ଗଛର ଆବଶ୍ୟକତା ରହିଛି ଏହାଛଡା ସମସ୍ତେ ଜନ୍ମ ଦିନରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସୁବାସ ଦାସ, ରାଧାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଗଛର ଉପକାରିତା ସମ୍ପର୍କରେ କହିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଗିରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶ୍ରୀକାନ୍ତ ପଟ୍ଟାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଫୁଲ ଓ ଫଳ ଗଛ ସବୁ ଲଗା ଯାଇଥିଲା ଓ ପିଲା ମାନଙ୍କୁ ମଧ୍ୟ ବିତରଣ କରା ଯାଇଥିଲା।

## ଉତ୍କଳ ବାଳାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର,୧୨।୭ (ସମିସ): ବନ ମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ତରଫରୁ ଉତ୍କଳ ବାଳାଶ୍ରମ ପରିସରରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ଉଦଘାଟକ ରୂପେ ପ୍ରଥମ ଗଛ ଲଗାଇଥିଲେ। ସହଦେବଖୁଣ୍ଟା ଆଇଆଇସି ଅଜୟ କୁମାର ମୁର୍ମୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ଲଗାଇ?। ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରତିଭାଶ୍ରୀ ମୁଖ୍ୟ ପ୍ରଶାନ୍ତ ଦାସ ବୃକ୍ଷ ରୋପଣର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବାବେଳେ ଅଧକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲ ପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ମୌସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା, ଶରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା, ବାଳାଶ୍ରମର ସ୍ୱପ୍ନେଶ୍ୱର ହେମ୍ବ୍ରମ୍, ଗୃହ ମାତା, ଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ର ବିଜେଡି ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭୋଗରାଇ, ୧୨।୭ (ସମିସ) : ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ଶିକ୍ଷା ବର୍ଷରେ ଏହି ମହାବିଦ୍ୟାଳୟରେ ଭର୍ତ୍ତି ହୋଇଥିବା +୩ ପ୍ରଥମ ବର୍ଷର ସମସ୍ତ ଛାତ୍ରଛାତ୍ରୀଙ୍କୁ ଚନ୍ଦନ, ପୁଷ୍ପ ଗୁଚ୍ଛ ଓ କଲମ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ଚରିତ୍ରବାନ, ସମୟାନୁବର୍ତ୍ତିତା ଓ ମହାବିଦ୍ୟାଳୟର ନୀତି ନିୟମ ମାନି ଚଳିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଚିନ୍ମୟ କୁମାର ପାତ୍ରଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ଗୌତମ କୁମାର ସାହୁ, ଶିବଶଙ୍କର ଜେନା, ବଳରାମ ନାୟକ, ଶୁଭଶ୍ରୀ ଗିରି, ଦେଜାଶ୍ୱାନି ଦେ, ଶୁଭଶ୍ରୀ ବାରିକ, ରଶ୍ମିରେଖା ଖଟୁଆ, ହରିପ୍ରିୟା ସାହୁ, ହରିନମୟୀ ମହାନ୍ତି, ପୁଷ୍ପଲତା ମହାନ୍ତି, ସୋନାଲିକା ଜେନା, ଶୁଭାଶିଷ ପଣ୍ଡା, ରାଧାକୃଷ୍ଣ ପଣ୍ଡା, ବିଷ୍ଣୁ ନାଥ, ଶାନ୍ତନୁ ମହାପାତ୍ର, ଶାନ୍ତନୁ ନାୟକ, ନିରଞ୍ଜନ ବାରିକ, ଶୁଭ ରଞ୍ଜନ ଜେନା ତଥା ବିଜୁ ଛାତ୍ର ଜନତା ଦଳର ଅନ୍ୟାନ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶାରୀରିକ ଅକ୍ଷମ; ସକ୍ଷମଙ୍କଠୁ କମ୍ ନୁହନ୍ତି ଯଜ୍ଞେଶ୍ୱର

ଜଳେଶ୍ୱର ବ୍ଲକ, ୧୨।୭ (ସମିସ): ଶାରୀରିକ ଭାବେ ସେ ଅକ୍ଷମ ହୋଇଥିଲେ ହେଁ କୌଣସି ସକ୍ଷମ ବ୍ୟକ୍ତିଙ୍କଠାରୁ କମ୍ ନୁହନ୍ତି। ସେ ହେଉଛନ୍ତି ଜଳେଶ୍ୱର ବ୍ଲକ ଝାଡପିମ୍ପଳ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ପୁତ୍ର ଯଜ୍ଞେଶ୍ୱର ଗିରି (୨୮) । ସେ ଗ୍ରାମ ସ୍କୁଲରେ ମାଧ୍ୟମିକ ଶିକ୍ଷା ଲାଭ ପରେ



ବାଲେଶ୍ୱର ହରେକୃଷ୍ଣ କଳାବିକାଶ କେନ୍ଦ୍ରରୁ +୨ ଶିକ୍ଷା ଲାଭ କଲାପରେ ବିଭିନ୍ନ ସ୍ଥାନରେ ଚାକିରି ପାଇଁ ଆବେଦନ କରି ନିରାଶ ହେବାରୁ ପରିବାର ପ୍ରତିପୋଷଣ ପାଇଁ ଏକ ଟଟୋ ଗାଡ଼ି ଚଳାଉଛନ୍ତି। ତାଙ୍କର ଦୁଇଟି ଯାକ ଗୋଡ଼ ନ ଥାଇ ମଧ୍ୟ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଯଜେ୍ଞଶ୍ୱର। କିସ୍ତିରେ ଏକ ତିନି ଚକିଆ ଟଟୋ ଗାଡି ଆଣି ଭଡ଼ାରେ ବିଭିନ୍ନ ସ୍ଥାନକୁ ଲୋକ ମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପହଞ୍ଚାଇ ସେଥିରୁ ଉପାର୍ଜିତ ଅର୍ଥରେ ମାସିକିଆ କିସ୍ତି ଓ ବଳକା ଅର୍ଥରେ ପରିବାର ପ୍ରତି ପୋଷଣ କରୁଛନ୍ତି। ପୂର୍ବରୁ ହାତ ଲେଖା ବିକଳାଙ୍ଗ ସାର୍ଟିଫିକେଟରେ ଶତ ପ୍ରତିଶତ ଥିବା ବେଳେ ଏବେ ଅନଲାଇନ୍ ସାର୍ଟିଫିକେଟରେ ୭୦ ପ୍ରତିଶତ ଥିବାରୁ ସରକାରଙ୍କ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ବ୍ୟାଟେରୀ ଚାଳିତ ଗାଡ଼ି ପ୍ରଦାନ କଲେ ଯଜ୍ଞେଶ୍ୱର ଉପକୃତ ହୋଇ ପାରନ୍ତେ।

## କୃତିଛାତ୍ରୀ ଓ ସେବା ନିବୃତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ଖଇରା,୧୨।୭ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପରିସରରେ ଶନିବାର ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା କୃତିଛାତ୍ରୀ ତଥା ସେବା ନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ର ସଂସଦ



ଆନୁକଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଅଭୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସଂସଦର ଉପଦେଷ୍ଟା ଡ. ମଦନ ମୋହନ ମହଲା, ପ୍ରଧାନଶିକ୍ଷକ ସରୋଜ ମଲ୍ଲିକ, ଆଲୁମନି ସଭାପତି ଇଂ ରାଜେଶ କୁମାର ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଏ-୧ସଫଳତା ପାଇଥିବା ଛାତ୍ରୀ ସ୍ୱର୍ଣ୍ଣ ସମୀକ୍ଷା ମହାନ୍ତି, ନମିତା ଶତପଥି, ସଞ୍ଜିବନୀ ସୁପ୍ରିୟା ମହାନ୍ତିଙ୍କୁ ଉତ୍ତରୀୟ ଓ ଗଛ ଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଅବସର ଗ୍ରହଣ କରିଥିବା କର୍ମଚାରୀ ନିଳାମ୍ବର ଗିରିଙ୍କୁ ମଧ୍ୟ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଛାତ୍ର ସଂସଦ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ମାନସ ରଞ୍ଜନ ରାଉଳ, ମଧୁସୂଦନ ଜେନା, ଦିନେଶ ଜେନା, ରଣଜିତ ଜେନା, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶାଶୂ ବୋହୂଙ୍କୁ ବାନ୍ଧି ଲୁଟିନେଲେ ଟଙ୍କା ଓ ସୁନା

ସିମୁଳିଆ,୧୨।୭ (ସମିସ): ସିମୁଳିଆ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ କବାଟ ଭାଙ୍ଗି ଘରେ ପଶି ଶାଶୁ ବୋହୂଙ୍କ ଗୋଡ଼ହାତ ବାନ୍ଧି ମାଡ଼ ମାରିବା ସହିତ ଭୁଜାଲି ଦେଖାଇ ଘରୁ ଛଅ ଲକ୍ଷ ଟଙ୍କାର ବିଭିନ୍ନ ଅଳଙ୍କାର ସମେତ ନଗଦ ତିରିଶ ହଜାର ଟଙ୍କା ନେଇଯାଇଥିବାର ଅଭିଯୋଗ ହୋଇଛି। ଘର ଭିତରେ ଆଲମାରି ଭାଙ୍ଗି ଲୁଟପାଟ କରିବା ପରେ ବାହାର କବାଟ ବନ୍ଦ କରି ଖସି ପଳାଇ ଯାଇଥିବାର ଜଣା ପଡିଛି। ଲୁଟେରା ମାନେ ଯିବା ପରେ ଶାଶୁ ବୋହୂ ଭୟଭୀତ ହୋଇ ଚିତ୍କାର କରିବା ପରେ ପାଖ ପଡୋଶୀ ପାଟି ଶୁଣି କବାଟ ଖୋଲି ସେମାନଙ୍କୁ ଉଦ୍ଧାର କରିବା ସହିତ ପୁଲିସକୁ ସୂଚନା ଦେଇଥିଲେ । ମଙ୍ଗରାଜପୁର ଗ୍ରାମର ପଦ୍ମଲୋଚନ ବେହେରାଙ୍କ ପୁତ୍ର ଭଗବାନ ବେହେରାଙ୍କ ଘରେ ଗତକାଲି ରାତିରେ ଶାଶୂବୋହୂ ଓ ଦୁଇଜଣ ଛୋଟ ପିଲା ଶୋଇଥିବା ବେଳେ ବିଳମ୍ବିତ ରାତିରେ ଚାରି ପାଞ୍ଚ ଜଣ ଯୁବକ ଘରର ପଛ ପାଶ୍ୱର୍ କବାଟ ଭାଙ୍ଗି ମୁହଁ ରେ କପଡା ବାନ୍ଧି ଘର ଭିତରକୁ ପଶିଥିଲେ। ଘର ଭିତରେ ଥିବା ଚାରି ଜଣଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହିତ ବେଡ଼ସିଟ କପଡା ରେ ହାତଗୋଡ଼ ବାନ୍ଧି ଦେଇଥିଲେ। ଶାଶୁ ପାଟି କରିବାରୁ ତାଙ୍କୁ ମାଡ଼ ମାରିଥିବାର ଜଣାପଡିଛି। ଏହାପରେ ଦୁଇଟି ଶୋଇବା ଘର ଭିତରକୁ ଯାଇ ଆଲମିରା ଏବଂ ଗଡ଼ରେଜ ଭାଙ୍ଗି ବିଭିନ୍ନ ସୁନା ରୁପା ଅଳଙ୍କାର ଏବଂ ନଗଦ ତିରିଶ ହଜାର ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଛଅ ଲକ୍ଷ ଟଙ୍କାର ଅଳଙ୍କାର ସମେତ କିଛି କଂସା ବାସନ ନେଇଯାଇଥିବାର ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ପୂର୍ବରୁ ଜାମୁଝାଡ଼ି ଛକଠାରୁ ଦେଢ଼ କିମି ଦୂର ବଣଗଡିଆ ଛକ ନିକଟରେ ବ୍ୟବସାୟୀ ଆନନ୍ଦ ବେହେରାଙ୍କ ଘରେ ପଶି ସମାନ ଢ଼ଙ୍ଗରେ ଗୋଡ଼ ହାତ ବାନ୍ଧି ଭୁଜାଲିରେ ଆକ୍ରମଣ କରି ନଅ ଲକ୍ଷ ଟଙ୍କା ସହିତ ଦଶ ଲକ୍ଷ ଟଙ୍କାର ଅଳଙ୍କାର ଲୁଟିନେଇଥିଲେ।

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ: ସିପିଏମ୍

ଜଳେଶ୍ୱର, ୧୨।୭ (ସମିସ) : ବାଲେଶ୍ୱର ଫକୀରମୋହନ କଲେଜର ଜନୈକା ବି.ଏଡ୍ ଛାତ୍ରୀଙ୍କ ପ୍ରତି ଜଣେ ବିଭାଗର ଅଧ୍ୟାପକଙ୍କ ମାସ ମାସ ଧରି ଦୁର୍ବ୍ୟବହାର ଓ ଯୌନ ନିର୍ଯାତନା କାରଣରୁ ଶେଷରେ ଛାତ୍ରୀଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିବା ଆମ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି। ଆଜିର ବ୍ୟବସ୍ଥାରେ ଝିଅ ଓ ମହିଳା ମାନେ କେଉଁଠି ବି ସୁରକ୍ଷିତ ନୁହଁନ୍ତି। ଏହା ହେଉଛି ତାର ଜ୍ୱଳନ୍ତ ପ୍ରମାଣ । ଉକ୍ତ ଘଟଣା ଦିନକର ନୁହେଁ, ମାସ ମାସ ଧରି ଛାତ୍ରୀଜଣକ ଅଧକ୍ଷ, ଶୃଙ୍ଖଳା କମିଟି ଓ ଏପରିକି ସରକାରୀ ଦଳର ରାଜନୈତିକ ନେତୃତ୍ୱମାନଙ୍କୁ ଜଣାଇବା ପରେ ମଧ୍ୟ ନ୍ୟାୟ ଓ ସୁରକ୍ଷା ନ ପାଇ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲା। ଏଣୁ ତୁରନ୍ତ ଦୋଷୀଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଳେଶ୍ୱର ସିପିଏମ ନେତା ଦିଲ୍ଲୀପ କୁମାର ଗିରି ଦାବି କରିଛନ୍ତି।

## ଚର୍ମଜନିତ ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୧୨।୭ (ସମିସ): ଆଇଏଡିଭିଏଲ୍ ଆନୁକୁଲ୍ୟରେ ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟରେ ଚର୍ମଜନିତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ଆନୁଷ୍ଠାନିକ ଭାବରେ ଫିତା କାଟି ଆଜିର ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ପରେ ଚର୍ମ ବିଶେଷଜ୍ଞ ଡାକ୍ତର ଦେବବ୍ରତ ନାୟକ ଓ ଡାକ୍ତର ସମ୍ବିତ କୁମାର ଦଳାଇ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିବା ପରେ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ଉକ୍ତ ଶିବିରକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆଇଏଡିଭିଏଲ୍‌ର ବ୍ରଜ ବେହେରା, ମଣ୍ଡଳ ଉମାକାନ୍ତ, ଜୟକୃଷ୍ଣ ସାହୁ, ତାପସ କମିଲା, ଶୁଶାନ୍ତ ସାହୁ, ସଞ୍ଜିବ ଆଚାର୍ଯ୍ୟ ସହଯୋଗ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ

# କାନ୍ଥ ଓ ପାହାଚ ପାନ, ଗୁଟ୍‌ଖା ଛେପରେ ଭର୍ତ୍ତି

ବାଲେଶ୍ୱର,୧୨।୭ (ସମିସ)





ଯେଉଁଠି ଚାହିଁବ ସେଇଠି ପାନ ଗୁଟଖା ଛେପ ଭର୍ତ୍ତି। ଖାଲି ଛେପ ନୁହେଁ ଗୁଟଖା ପ୍ୟାକେଟ୍ ମଧ୍ୟ ପଡ଼ିରହିଛି। କାନ୍ଥ ଏବଂ ପାହାଚରେ ନାଲି ପାନ ଛେପ ସହ ପ୍ୟାକେଟ୍ ପଡ଼ିରହିଛି। କାନ୍ଥ, ଝରକା, କବାଟ କୋଣ ଯେଉଁଠି ଦେଖିଲେ ପଡିଛି ପାନ ଛେପ। ପାହାଚ କୋଣ ପିକଦାନୀ ପାଲଟିଛି। ଚିକିତ୍ସା ପାଇଁ ଯାଉଥିବା ମେଡିକାଲ କଲେଜର ଏପରି ଦୃଶ୍ୟ ଅନେକଙ୍କୁ ଆଚମ୍ବିତ କରୁଛି। ସଚେତନତା ଯେମିତି ଉପହାସ ପାଲଟିଛି। ରେମୁଣାସ୍ଥିତ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଏପରି କରୁଛନ୍ତି। ଆବର୍ଜନାକୁ ଲୋକେ ଉଦ୍ଦିଷ୍ଟ ଡଷ୍ଟବିନ୍‌ରେ ନ ପକାଇ ବାହାରେ ପକାଇ ଦେଉଛନ୍ତି। ହସପିଟାଲ୍ ପରିସରରେ ପାନ, ଗୁଟଖା ଖାଇବା ନିଷେଧ ଥିବାବେଳେ ଚିକିତ୍ସାଳୟ ପରିସରରେ ଏପରି ଦୃଶ୍ୟ ସ୍ୱାସ୍ଥ୍ୟକର ପରିବେଶକୁ ନଷ୍ଟ କରୁଛି। ସୂଚନାଯୋଗ୍ୟ, ସହରର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଦୀର୍ଘବର୍ଷ ଧରି ଚାଲୁଥିଲା। ମାତ୍ର ମେଡିକାଲ କଲେଜ ବର୍ତମାନ ସମ୍ପୂର୍ଣ୍ଣ ଭାବେ ରେମୁଣାକୁ ସ୍ଥାନାନ୍ତର ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ କଲେଜ ଚାଲୁଥିବା ସମୟରେ ମଧ୍ୟ ବିଭିନ୍ନ ୱାର୍ଡର ପାହାଚ, ଝର୍କା, କବାଟ ଆଦି ପାନ ଛେପରେ ଭର୍ତ୍ତି ହେଉଥିଲା। ପାନ ଛେପ ପକାଇଲେ ୫୦୦ ଟଙ୍କା ଜରିମାନା ବାବଦରେ ବିଭିନ୍ନ କାନ୍ଥରେ ଲେଖାଯାଇଥିଲେ ମଧ୍ୟ ଏହାକୁ କେହି ଖାତିର କରୁନଥିଲେ୍। ବାରମ୍ବାର ପୋଛିବା ଦ୍ୱାରା ବି ପୁଣି ସମାନ ପରିସ୍ଥିତି ଉପୁଜୁଛି। ଏବେ ରେମୁଣା ସ୍ଥିତ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସର ମଧ୍ୟ ସମାନ ସ୍ଥିତି। ନୂଆ କରି ନିର୍ମାଣ ହେଉଥିବା ମେଡିକାଲ କଲେଜରେ ଉନ୍ନତମାନର ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ପାଞ୍ଚ ମହଲା ବିଶିଷ୍ଟ କୋଠାରେ ବିଭିନ୍ନ ବିଭାଗ ଚାଲୁଅଛି। ମେଡିସିନ୍ ବିଭାଗଠୁ ଆରମ୍ଭ କରି ଇଏନଟି ଆଦି ଚାଲୁଛି। ବିଭିନ୍ନ ବିଭାଗର ୱାର୍ଡରେ ରୋଗୀ ଚିକିତ୍ସିତ ହେଉଛନ୍ତି। କାର୍ଯ୍ୟାଳୟ ଚାଲୁଛି ଏବଂ ସୁରକ୍ଷା କର୍ମଚାରୀ ରହିଛନ୍ତି। ତେବେ ଏହି ପାଞ୍ଚ ମହଲା କୋଠାର ବିଭିନ୍ନ ପାହାଚ, କବାଟ କୋଣ, ଝରକା ନିକଟରେ ନାଲି ପାନ ଓ ଗୁଟଖା ଛେପ ରେ ଚିତ୍ର ବିଚିତ୍ର ହୋଇଛି। ସଫେଇ କର୍ମଚାରୀ ପକ୍ଷରୁ ଏହାକୁ ବାରମ୍ବାର ସଫା କରାଯାଉଥିଲେ ମଧ୍ୟ ସମସ୍ତେ ଏହାକୁ ଅପରିଷ୍କାର କରିବାରେ ଲାଗିଛନ୍ତି। ଫଳରେ ନୂଆ ବିଲଡିଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ତମାଖୁ ଓ ଧୂମପାନ ବର୍ଜିତ ଡାକ୍ତରଖାନା ହୋଇଥିଲେ ସୁଦ୍ଧା ଏହାକୁ କେହି ଗୁରୁତ୍ୱର ସହ ନେଉନାହାନ୍ତି। ଲୋକଙ୍କର ଏଥିପ୍ରତି ନିଘା ନାହିଁ। ଶୌଚାଳୟରେ ମଧ୍ୟ ସମାନ ସ୍ଥିତି। ଏସବୁ ପାନ ଓ ଗୁଟଖା ଛେପ ସଫା କରିବାକୁ ସଫେଇ କର୍ମଚାରୀମାନଙ୍କୁ ଅଧିକ ସମୟ ଲାଗୁଛି। ଲୋକ ନିଜେ ମଧ୍ୟ ସଚେତନ ହେଉନାହାଁନ୍ତି। କିଛି ଲୋକ ଯେଉଁଠି ଚିକିତ୍ସା ପାଇଁ ଯାଉଛନ୍ତି ସେଇଠି ହିଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ଏ ଦିଗରେ ଚିକିତ୍ସାଳୟ ପକ୍ଷରୁ ସଚେତନ ଓ ଜରିମାନା କଡାକଡି କରାଯିବା ଉଚିତ ବୋଲି ମତପ୍ରକାଶ ପାଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅନୁମତି ଲୋଡ଼ିଲେ ୱାର୍ଡସଭ୍ୟ

ହାଟଡ଼ିହୀ, ୧୨।୭ (ସମିସ):



ହାଟଡ଼ିହୀ ବ୍ଲକ ମରେଗାଁ ପଞ୍ଚାୟତର ମହିଳା ସରପଞ୍ଚଙ୍କ ବିରୋଧରେ ୧୪ ଜଣ ୱାର୍ଡ ସଭ୍ୟସଭ୍ୟା ଓ ନାଏବ ସରପଞ୍ଚ ପ୍ରମୁଖ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଲିଖିତ ଭାବେ ଅନୁମତି ଲୋଡ଼ିଛନ୍ତି। ନାଏବ ସରପଞ୍ଚ ବିଶ୍ୱନାଥ ଜେନା, ୱାର୍ଡସଭ୍ୟ ହରିହର ମିଶ୍ର, ପ୍ରହଲ୍ଲାଦ ଜେନା, ଦେବେନ୍ଦ୍ର ଜେନା, ଚଞ୍ଚଳା ଯେନା, ପ୍ରତିମା ଜେନା, ଚନ୍ଦ୍ରାବତୀ ରାଉତ, ଚଞ୍ଚଳା ଜେନା, କମଳିନୀ ସେଠୀ, ରତନି ବାସ୍କେ, ସଂଯୁକ୍ତା ଶଙ୍ଖୁଆ, ସରସ୍ୱତୀ ସେଠୀ, ସ୍ନେହଲତା ମଲ୍ଲିକ ପ୍ରମୁଖଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତକୁ ୩ବର୍ଷ ହେଲା ଆସିଥିବା ଏସଏଫସି, ଟିଏଫସି ସମ୍ପର୍କରେ କିଛି ସୂଚନା ଦିଆ ନଯାଇ ମନମୁଖୀ କାର୍ଯ୍ୟ ଚାଲିଛି। ୱାର୍ଡମେମ୍ବରମାନେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ଦେଉଥିବା ପ୍ରକଳ୍ପଗୁଡିକୁ କାଟି ଦିଆଯାଉ ଥିବାରୁ ସେମାନେ ଆପମାନିତ ଓ ଆକ୍ରୋଶର ଶିକାର ହେଉଥିବା ଅଭିଯୋଗ ହୋଇଛି। ସେହିପରି ପିଡିଏସ ବଣ୍ଟନରେ ଅନିୟମିତତା ହେଉଛି। ହରିଶ୍ଚନ୍ଦ୍ର ଯୋଜନାର ଅନମିୟତତା ହେଉଥିବାବେଳେ ବହୁ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଅନୁଦାନ ଦିଆ ନଯାଇ ଅପମାନିତ କରାଯାଇ ଫେରାଇ ଦିଆଯାଉଛି। ମଧୁବାବୁ ପେନସନ ଯୋଜନା ଓ ଭିନ୍ନକ୍ଷମ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି। ସରପଞ୍ଚଙ୍କ ସ୍ୱାମୀ ବିଭିନ୍ନ କାର୍ଯ୍ୟରେ ଠିକାଦାର ସାଜିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୯/୭/୨୦୨୫ ତାରିଖରେ ୱାର୍ଡ ସଭ୍ୟସଭ୍ୟାଙ୍କୁ ନ ପଚାରି ପୋଖରୀ ନିଲାମ କରୁଥିବାବେଳେ ଏହାକୁ ନେଇ ୱାର୍ଡ ସଭ୍ୟସଭ୍ୟାମାନେ ପଚାରିବାରୁ ସରପଞ୍ଚଙ୍କ ସ୍ୱାମୀ ବୈଠକରୁ ବାହାରିଯିବା ପାଇଁ ଧମକ ଦେବା ଅଭିଯୋଗ କରିଛନ୍ତି। ଏହିପରି ୯ଟି ଅଭିଯୋଗ କରି ଅନସ୍ଥା ପ୍ରସ୍ତାବ ଆଣିବା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ପଞ୍ଚାୟତର ୧୮ ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚଙ୍କ ସମେତ ୧୪ ଜଣ ସଭ୍ୟସଭ୍ୟାଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଏନେଇ ସରପଞ୍ଚ ସତ୍ୟଭାମା ଜେନା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏବେ ବି ୧୦ରୁ ଊର୍ଦ୍ଧ୍ୱ ୱାର୍ଡସଭ୍ୟ ତାଙ୍କ ସହ ଅଛନ୍ତି ବୋଲି ଦୃଢ଼ତାର ସହ କହିଛନ୍ତି।

## ଓଡ଼ପଡ଼ାରେ ଜଳୁନି ଷ୍ଟ୍ରିଟ୍‌ଲାଇଟ



ରାମଚନ୍ଦ୍ରପୁର, ୧୨।୭ (ସମିସ): ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଅନ୍ତର୍ଗତ ଓଡପଡା ଗାଁ ଛକରେ ଲାଗିଥିବା ଷ୍ଟ୍ରିଟଲାଇଟ ଦୀର୍ଘଦିନ ହେଲା ଅଚଳ ହୋଇ ରହିଛି। ଫଳରେ ସଞ୍ଜହେଲେ ଗାଁର ମୁଖ୍ୟଛକରେ ଅନ୍ଧାର ମାଡ଼ି ଆସୁଛି। ନଦୀକୂଳିଆ ଗାଁ ହୋଇଥିବାରୁ ବର୍ଷା ଦିନରେ ସରୀସୃପ ଏବଂ ବିଷାକ୍ତ ସାପର ଭୟ ଲାଗିରହୁଛି। ଅଚଳ ଷ୍ଟ୍ରିଟଲାଇଟ ମରାମତି କରିବାକୁ ଅଭିଯୋଗ କଲେ ମଧ ଏଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଷ୍ଟ୍ରିଟଲାଇଟଗୁଡିକ ଅତି ନିମ୍ନମାନର ହୋଇଥିବାରୁ ଖୁବ କମ ଦିନରେ ତାହା ଖରାପ ହୋଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପୁରୁଣା ଷ୍ଟ୍ରିଟଲାଇଟ ବଦଳରେ ସେହି ସ୍ଥାନରେ ନୂତନ ଲାଇଟ ଲଗାଇବାକୁ ଗ୍ରାମର ପ୍ରଶାନ୍ତ ନାୟକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଗଛ ପଡ଼ି ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



ଆନନ୍ଦପୁର, ୧୨।୭ (ସମିସ): ଆନନ୍ଦପୁର ବ୍ଲକର ପଣ୍ଡୁଆ ଗ୍ରାମରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡିପଡି ମଳୟ ନାୟକ ଓ ରାଧା ରମଣ ନାୟକଙ୍କ ଘର ସମ୍ପୂର୍ଣ ଭାଙ୍ଗି ଯାଇଛି। ପରିବାର ବର୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପଣ୍ଡୁଆ ଗ୍ରାମର ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରାତନ ତେନ୍ତୁଳି ଗଛମୂଳରେ ମାଟି ଘୋଡ଼ା ପଥର ମୂର୍ତ୍ତି ରଖି ଗ୍ରାମବାସୀ ପୂଜାର୍ଚ୍ଚନା କରିଥାନ୍ତି। ଏହି ଗଛ ଉପୁଡିପଡି ମଳୟ ନାୟକଙ୍କ ରୋଷେଇ ଘରେ ପଡିଯିବାରୁ ଘରଟି ସଂପୂର୍ଣ ଭାଙ୍ଗିଯାଇଛି। ପାଖକୁ ଲାଗି ରାଧାରମଣ ଘର ଉପରେ କିଛି ଡାଳ ପଡିବାରୁ ଘରର କିଛି ଅଂଶ ଭାଙ୍ଗିଯାଇଛି। ଆନନ୍ଦପୁର ଅଗ୍ନିଶମ ବାହିନୀ ଗଛ କାଟି ସଫା କରିଥିବା ଜଣାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ପଥଚାରୀ ମୃତ

ରାମଚନ୍ଦ୍ରପୁର, ୧୨।୭ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ଜରଦା ଓଭରବ୍ରିଜ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ପଥଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସ୍ଥାନିୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରୁ ଉଦ୍ଧାର କରି ଏନଏଚଆଇ ଆମ୍ବୁଲାନ୍ସ ଯୋଗେ ସାଇଁକୁଳ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କ ନାମ ନାରାୟଣ ମୁଣ୍ଡା (୨୩)। ଘର ଆନନ୍ଦପୁର ଥାନା ଗୟଲମୁଣ୍ଡା ଅଞ୍ଚଳରେ। ରାମଚନ୍ଦ୍ରପୁର ପୁଲିସ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଆବାସ-ଭତ୍ତା ଯୋଜନାରୁ ବଞ୍ଚିତ ଦମ୍ପତି



କେନ୍ଦୁଝର, ୧୨।୭ (ସମିସ): ସବୁଥିରୁ ବଞ୍ଚିତ ହୋଇଛନ୍ତି ବୃଦ୍ଧ ଦମ୍ପତି। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ନଥିବାରୁ କୁଡିଆରେ ଦୁହେଁ ଅସହାୟ ଅବସ୍ଥାରେ ରହୁଛନ୍ତି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ହାତିକୁଚା ଗାଁର ଛିଟିଙ୍ଗା ନାଳ ଉପରେ ରହୁଛନ୍ତି କେଶବ ଦେହୁରୀ(୮୦) ଓ ଖୁଦ ଦେହୁରୀ(୭୯)। ବନ୍ୟାରେ ଏମାନଙ୍କ କୁଡିଆ ଭିତରକୁ ପାଣି ପଶି ଯାଇଥିଲା। ଫଳରେ ଦମ୍ପତି ଜଳବନ୍ଦୀରେ ଥିଲେ। ଗ୍ରାମବାସୀ ଉଭୟଙ୍କ ଚିତ୍କାର ଶୁଣି ଉଦ୍ଧାର କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ଆଖିକୁ ଦିଶୁନି। ତିନି ଝିଅଙ୍କୁ ବିବାହ କରିଦେବା ପରେ ସେମାନେ ଆଉ ବାପା ମା'ଙ୍କ ଭଲମନ୍ଦ ବୁଝୁ ନଥିବା ଜଣାପଡିଛି। ତେବେ ସରକାରୀ ସୁବିଧାରୁ ଏମାନେ ବଞ୍ଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ନଥିବାବେଳେ ଦୁହିଁଙ୍କୁ ଭତ୍ତା ମିଳୁନି। ବନ୍ୟାରେ ଘରଦ୍ୱାର ନଷ୍ଟ ହୋଇଯାଇଛି। ଅଭାବ ଅନଟନରେ ଦମ୍ପତି ରହୁଥିବାବେଳେ ଓଳିଏ ଖାଇଲେ ଓଳିଏ ଓପାସ ରହୁଛନ୍ତି। ଗାଁଲୋକେ ବେଳେ ବେଳେ ଭଲମନ୍ଦ ବୁଝିବା ସହ ଖାଇବାକୁ ଦେଉଛନ୍ତି। ତୁରନ୍ତ କେନ୍ଦୁଝର ଜିଲ୍ଲାପାଳ ସରକାରୀ ସହାୟତ ଯୋଗାଇଦେବାକୁ ଦାବି ହୋଇଛି।

## ଆମ୍ବଳାଗଡ଼ା ସାହି ରାସ୍ତା ବିପର୍ଯ୍ୟସ୍ତ

ରାଇରଙ୍ଗପୁର/ବହଳଦା, ୧୨।୭ (ସମିସ): ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗ୍ରାମର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ତୃଣମୂଳସ୍ତରରେ ଏହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଗାଁଲୋକେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପିଇବା ପାଣି ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭତ୍ତା, ଆବାସ ଓ ବିଦ୍ୟୁତ ଭଳି ଅନେକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ଗ୍ରାମବାସୀ। ବହଳଦା ବ୍ଲକର ସୁରୁଦା ଯଶିପୁର ପଂଚାୟତର ସାପଘରା ଗାଁର ଆମ୍ବଳାଗଡା ସାହିରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଗାଁକୁ ଯିବା ପାଇଁ ଭଲ ରାସ୍ତାନାହିଁ। ଏହି ସାହିରେ ୩୫ ପରିବାର ରହୁଛନ୍ତି। ସ୍ୱାଧୀନତା ପରେ ବି ଏହି ସାହିକୁ ପକ୍କା ସଡକ ନିର୍ମାଣ ହୋଇପାରିନାହିଁ। ବର୍ଷା ଦିନରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କ୍ଷ ଫଳରେ ଲୋକମାନଙ୍କୁ ଯିବା ଆସିବାରେ ଅନେକ ଅସୁବିଧା ହେଉଛି। ବିଶେଷ କରି ସ୍କୁଲ, କଲେଜକୁ ଛାତ୍ରଛାତ୍ରୀ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ରୋଗୀ ଏବଂ ଗର୍ଭବତୀ ଡ଼ାକ୍ତରଖାନା ଯିବା ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ତେଣୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।



## ଚୋରା ଲୁହାପଥର ଗୁଣ୍ଡ ସହ ଟ୍ରେଲର୍ ଜବତ; ଚାଳକ ଅଟକ



ଯୋଡ଼ା, ୧୨।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିଲା ବେଳେ ଗ୍ରାମବାସୀ ଏହିକ୍ରମରେ, ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଥିବା ଗୁଣ୍ଡ ଲୁହାପଥରରୁ ଚୋରା ଚାଲାଣ କରୁଥିବା ଏକ ଟ୍ରେଲର ସହିତ ଡ୍ରାଇଭରକୁ ଧରି ପୁଲିସକୁ ଜିମା ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଲୁହାପଥର ଡିପୋରୁ ଚୋରମାନେ ଗାଡ଼ି ଲଗାଇ ଚୋରି କରୁଥିଲା ବେଳେ ସ୍ଥାନୀୟ ଲୋକେ ଜାଣି ପାରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲର ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବାମେବାରି ଆଇଆଇସି ଜୋସ କେତନ ଭୋଇ ସୂଚନା ଦେଇଛନ୍ତି। ଟ୍ରେଲରରେ ପ୍ରାୟ ୩୫ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ରହିଛି। ଏହାର ଆନୁମାନିକ ମୁଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ପ୍ରକାଶଥାଉ କି, ନୟାଗଡ଼ ରେଳ ସାଇଡ଼ିଂ ନିକଟ ବିଭିନ୍ନ ବ୍ୟକ୍ତିଗତ ପ୍ଲଟରେ ପୂର୍ବରୁ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଛି। ଏହାର ଦାବିଦାର କେହି ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରିଥିଲା। ଏହାର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ହୋଇ ପଡ଼ି ରହିଛି। ଏତେ ପରିମାଣର ଖଣିଜ ପଡ଼ି ରହିଥିଲେ ହେଁ ଖଣି ବିଭାଗ ଏହାର ଦାୟିତ୍ୱ ନେଉ ନ ଥିବାରୁ ଏଠାରୁ ଖଣିଜ ଚୋରମାନେ ଅନାୟସରେ ଚୋରି କରୁଛନ୍ତି। ପ୍ରଶାସନକୁ ଏହି ଖଣି ମାଫିଆମାନେ ଖୁଲାମଖୁଲା ଚାଲେଞ୍ଜ ଦେଇ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି।

## ବଜ୍ରପାତରେ ଚାଷୀ ମୃତ

ବାରିପଦା, ୧୨।୭ (ସମିସ): ଶନିବାର ଜଣେ ଚାଷୀଙ୍କ ଉପରେ ବଜ୍ରପାତ ହେବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ଟୁଲୁକୁଛୁଇଁ ଗ୍ରାମର ଡାକ୍ତର ବିନ୍ଧାଣି(୩୯)। ସେ ଅପରାହ୍ନରେ ବିଲକୁ ଚାଷ କରିବାକୁ ଯାଇଥିବାବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେ ସଂଜ୍ଞାହୀନ ହୋଇପଡିଥିଲେ। ନିକଟରେ ଥିବା ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଭାସ୍କର ସାହୁଙ୍କ ପରଲୋକ

ଆନନ୍ଦପୁର, ୧୨।୭ (ସମିସ): ଶ୍ରୀ ଦଧିବାମନଜୀଉଙ୍କ ଗୁଡିଆ ସେବକ ଭାସ୍କର ସାହୁଙ୍କର ଆଜି ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ସବୁଦିନ ପରି ଆଜି ନିତ୍ୟକର୍ମ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ଅଣା ଯାଇଥିଲା ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପାଇବା ପରେ ବହୁମାନ୍ୟ ଗଣ୍ୟ ବ୍ୟକ୍ତି ଓ ଦଧିବାମନଜୀଉ ମନ୍ଦିର ସେବାୟତମାନେ ତାଙ୍କ ବଡବଜାରସ୍ଥିତ ବାସଭବନରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବନମହୋତ୍ସବ



କୁଆମରା, ୧୨।୭ (ସମିସ): କୁଆମରା ବନ ବିଭାଗ ଓ ବିଭିନ୍ନ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୭୬ ତମ ବନମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁ ନଗର ବ୍ଲକ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ, ଆରପଟା ବନସୁରକ୍ଷା ସମିତି, ଭୋଳପୋଖରୀ ପଞ୍ଚପଲ୍ଲୀ ବନସୁରକ୍ଷା ସମିତି, କୁସୁମିଆ ଓ ପଟୁଆ ବନ ସୁରକ୍ଷା ସମିତି ପକ୍ଷରୁ ଅଁଳା, ପିଜୁଳି, ନିମ୍ବ, ପାଟୁଳି ଆଦି ଚାରା ରୋପଣ କରାଯାଇଛି। କୁଆମରା ବନପାଳ ଶିରିଶ କୁମାର ଦଳେଇ, ବନ ରକ୍ଷକ ମାଧବ ସିଂ, କବିତା ଗିରି ଙ୍କ ସମେତ ବିଭିନ୍ନ ବନ ସୁରକ୍ଷା ସମିତିର ସଭ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବୃକ୍ଷ ରୋପଣ କରିଥିଲେ। ସେହିପରି ଆମ୍ବଯୋଡ଼ା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାତୁଆଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ଶିକ୍ଷକ ପ୍ରିୟବ୍ରତ ବେହେରା, ଅଶ୍ୱିନୀ କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାଙ୍ଗିରିପୋଷି, ୧୨।୭ (ସମିସ): ବାଙ୍ଗିରିପୋଷି ସରକାରୀ ପ୍ରାଥମିକ ବିଦ୍ୟାଳୟ କଦମଡିହାଠାରେ କ୍ଲଷ୍ଟର ସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ କଦମଡିହା କ୍ଲଷ୍ଟରର ସିଆରସିସି ବିନୋଦ ଖଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସରକାରୀ ପ୍ରାଥମିକ ବିଦ୍ୟାଳୟ କଂସାପାଳର ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରଜନୀକାନ୍ତ ନାଏକ, ରାଜେଶ ସେଠୀ, ବିକାଶ ସେଠୀ, ଗୁରୁଚରଣ ମହାନ୍ତ, ସେବତୀ ସେଠୀ, ଫୁଲମଣି ବେହେରା ତଥା କ୍ଲଷ୍ଟରର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଖଣି ଶ୍ରମିକ ଗୁରୁତର

ଯୋଡ଼ା, ୧୨।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଯୋଡ଼ା ଇଷ୍ଟ ଲୌହ ଖଣି ଭିତରେ ଶନିବାର ପାଖାପାଖି ସକାଳ ୯ଟା ସମୟରେ ଲୋଡର ଗାଡିଟି ଏକ ନିର୍ଦ୍ଦିଷ୍ଟ ପାର୍କିଂସ୍ଥଳକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଭୟଙ୍କର ଭାବେ ଓଲଟି ପଡ଼ିଛି। ଲୋଡର ଅପରେଟରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଯୋଡ଼ା ଟାଟା ମେମରିଆଲ ମେଡିକାଲକୁ ନିଆଯାଇଥିଲା। ଅପରେଟରଙ୍କ ନାମ ରାଜେଶ ନାଏକ ବୟସ(୨୭)। ଘର ରିମୂଳିସ୍ଥିତ ପତଳା ଗ୍ରାମରେ। ସେ ଏକ ଠିକା ସଂସ୍ଥା ଇଣ୍ଟରଷ୍ଟେଟ ସିଣ୍ଡିକେଟରେ କାର୍ଯ୍ୟରତ ଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଟାଟା ମେମରିଆଲ ମେନ ହସ୍ପିଟାଲ ଜାମସେଦପୁରକୁ ରେଫର କରିବାରୁ କମ୍ପାନୀ ତରଫରୁ ତାଙ୍କୁ ହେଲିକପ୍ଟରରେ ସ୍ଥାନାନ୍ତରିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ଯେ ଏହା ଏକ ଦୁଃଖଦ ଘଟଣା। ଏ ସମ୍ବନ୍ଧରେ ଡିଜିଏମଏସକୁ ଖବର କରାଯାଯାଇଛି। ଗୁରୁତର ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

## କାମଳ ରୋଗରେ ପ୍ରଧାନ ଶିକ୍ଷକଙ୍କ ପରଲୋକ

କୁଆମରା, ୧୨।୭ (ସମିସ): ଖୁଣ୍ଟା ବ୍ଲକ ସିମଗଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ କୁମାର ସିଂ (୪୫)ଙ୍କ ପରଲୋକ ଘଟିଛି। କିଛି ଦିନ ହେବ ସେ କାମଳ ରୋଗରେ ପୀଡିତ ରହି ଚିକିତ୍ସା ହେଉଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ବାଲେଶ୍ୱର ଏଫ୍ଏମ୍ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଆଖି ବୁଜିଛନ୍ତି। ସ୍ୱର୍ଗତ ସିଂ ୧୯୯୯ରେ ଶିକ୍ଷକ ଚାକିରି ଆରମ୍ଭ କରିଥିଲେ। ୨୦୩୯ ମସିହାରେ ଚାକିରିରୁ ଅବସର ଗ୍ରହଣ କରିଥାନ୍ତେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏବିଇଓ ବୃନ୍ଦାବନ ମାରାଣ୍ଡି ପହଞ୍ଚି ପରିବାରକୁ ୧୦ ହଜାର ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିଛନ୍ତି।

## କନକ ଦୁର୍ଗା ମନ୍ଦିରରୁ ଚୋରି

କୁଆମରା, ୧୨।୭ (ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ରିଜିଓନାଲ ଏକାଡେମୀ ନିକଟସ୍ଥ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ମା' କନକ ଦୁର୍ଗା ମନ୍ଦିରର ଗତ ରାତିରେ ଦୁର୍ବୃତ୍ତମାନେ ତାଲା କାଟି ମନ୍ଦିର ଭିତରେ ଥିବା ଦାନ ଟଙ୍କା ବାକ୍ସରୁ ସମସ୍ତ ଟଙ୍କା ଲୁଟ କରି ନେଇଛନ୍ତି। ବାକ୍ସଟିକୁ ଉଠାଇ ନେଇ ମନ୍ଦିର ପଛପଟେ ଫିଙ୍ଗି ଦେଇଥିବାର ଟ୍ରଷ୍ଟ ପକ୍ଷରୁ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ତେବେ ମନ୍ଦିରର ଦାନବାକ୍ସକୁ ବର୍ଷରେ ଦୁଇ ଥର ଖୋଲା ଯାଇଥାଏ। ଏଥି ପୂର୍ବରୁ ୪ ମାସ ତଳେ ଖୋଲା ଯାଇଥିଲା ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ତେବେ ଅର୍ଥର ପରିମାଣ ସଠିକ ଜଣା ପଡି ନଥିଲେ ମଧ ବାକ୍ସ ମଧ୍ୟରେ ୮/୧୦ ହଜାର ଟଙ୍କା ଥିବା ଅନୁମାନ କରାଯାଇଛି। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ; ଜଣେ ମୃତ

ତୁରୁମୁଙ୍ଗା, ୧୨।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି ପାଟଣା ରାସ୍ତାର କେନ୍ଦେଇପଶି ହନୁମାନ ଛକରେ ଶନିବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପାଟଣା ମେଡ଼ିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବରବେଡା ଗ୍ରାମର ବସନ୍ତ ମହାନ୍ତ। ଗୁରୁତର ବାଦୁଡି ଘେରା ଗ୍ରାମର ମିଥୁନ ନାଏକ ଓ ପ୍ରସନ୍ନ ନାଏକ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ଅବକାରୀ ଚଢଉ; ୮ ଗିରଫ

କୁଆମରା, ୧୨।୭ (ସମିସ): ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ ମଦ କାରବାର ଅଭିଯୋଗରେ ୫ ମହିଳାଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୬୫ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ଲକ୍ଷ୍ମଣାସାହି ଗ୍ରାମର ଫୁଲମଣୀ ମୁର୍ମୁ, କମଳି ଗ୍ରାମର ସୁମିତ୍ରା ବଗାଳ, ପୁରୁଣାପାଣି ଗ୍ରାମର ବୁଧୁନୀ ସିଂ, ବାଲିମୁଣ୍ଡଳୀ ଗ୍ରାମର ରାଣୀ ବେସ୍ରା, ଅସ୍ତଝରଣ ଗ୍ରାମର ବୈଶାଖି ସିଂ, ଡୁକୁରା ଗ୍ରାମର ସୋମନାଥ ମାହାଲି, ଟାଙ୍ଗଣା ଗ୍ରାମର ବୁଢେଶ୍ୱର ସିଂ ଓ ଶିଆଳିଆ ଗ୍ରାମର ସମରାୟ ଟୁଡୁ। ଏତତ୍ ବ୍ୟତୀତ ବଣିଆବସା ଓ ମହ୍ଲାରପଦା ଗ୍ରାମର ନିଛାଟିଆ ସ୍ଥାନରେ ମହୁଲି ମଦ ପ୍ରସ୍ତୁତି ଭାଟି ଉପରେ ଚଢ଼ଉ କରାଯାଇଥିଲା। ସେଠାରୁ ମଧ ୩୧୦ ଲିଟର ଦେଶୀ ମଦ ଜବତ ହୋଇଛି।

## ମିଳୁନି ସାର, ବଢୁଛି କଳାବଜାର

ତେଲକୋଇ, ୧୨।୭ (ସମିସ): ଆଷାଢ଼ ପୁରି ଶ୍ରାବଣ ଆସିଲା। ବର୍ତ୍ତମାନ ସୁଦ୍ଧା ମିଳୁନି ସରକାରୀ ରିଆତି ସାର। ଫଳରେ କଳାବଜାର ବଢ଼ିବା ସହିତ ଏହାର ଭରପୂର ଫାଇଦା ନେଉଛନ୍ତି ଅସାଧୁ ସାର ବ୍ୟବସାୟୀ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଏହି ସମସ୍ୟା ଦେଖା ଦେଇଛି। ଖୋଲା ବଜାରରୁ ବାଧ ହୋଇ ଚଢ଼ା ଦରରେ ସାର କିଣୁଛନ୍ତି। ୟୁରିଆ କିଲୋ ପ୍ରତି ୨୦ ଟଙ୍କା ବିକ୍ରି ହେଉଥିବା ବେଳେ ପ୍ୟାକେଟ ପ୍ରତି ୪୫୦ ଟଙ୍କା ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସେହିପରି ପଟାସ ବସ୍ତା ପିଛା ୧୭ ଶହ ଟଙ୍କା ବଦଳରେ ୧୯ ଶହରୁ ୨ ହଜାର ବିକ୍ରି ହେଉଛି। ଡିଏପି ମଧ ବସ୍ତା ପ୍ରତି ୧୫ ଶହ ବଦଳରେ ୧୭ ଶହ ଟଙ୍କା ବିକ୍ରି ହେଉଛି। ଗୋଦାମରେ ମଧ ବସ୍ତା ପିଛା ଦୁଇ ହଜାରରୁ ଅଧିକ ଟଙ୍କା ବିକ୍ରି ହେଇଥିବା ଅଭିଯୋଗ ହୋଇଛି। କୃଷି ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଗତ ସପ୍ତାହରେ ତେଲକୋଇ ସମବାୟ ସମିତିକୁ ୟୁରିଆ ୨୪୯ କୁଇଣ୍ଟାଲ, ଡିଏପି ୫୬୫ କୁଇଣ୍ଟାଲ ଓ ୨୦/୨୦/୧୩ ସାର ୪୯୭ କୁଇଣ୍ଟାଲ ଆସିଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିଲା। ତେଲକୋଇ ଅଞ୍ଚଳରେ ସାର ବିକ୍ରେତାଙ୍କ କଳା ବଜାର ବୃଦ୍ଧି ପାଇଥିବା ବେଳେ ସେ ସବୁକୁ ଯାଞ୍ଚ କରାଯାଇ ଚାଷୀ ଙ୍କୁ ଉଚିତ୍ ଦରରେ ସାର ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ସାର କଳାବଜାରକୁ ନେଇ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ ସରକାରଙ୍କ ଅପାରଗତାକୁ ଦାୟୀ କରିବା ସହିତ ଏହା ଚାଷୀ ମାରଣ ନୀତି ବୋଲି ଅଭିଯୋଗ ଆଣିଛନ୍ତି। ଅସାଧୁ ବ୍ୟବସାୟୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଦୃଢ଼ ଦାବି କରିଛନ୍ତି; ନଚେତ୍ ଆଗକୁ ନବ ନିର୍ମାଣ କୃଷକ ସଂଗଠନ ଆନ୍ଦୋଳନକୁ ଉହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

■ ଆଜି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

## ଶରତ, ବନଜା ଓ ରବିନାରାୟଣ ପାଇବେ 'ଭୂମି ଗୌରବ ସମ୍ମାନ'

ବାରିପଦା, ୧୨।୭ (ସମିସ):







ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ମୟୂରଭଞ୍ଜ ଜିଲ୍ଲାର ୩ ଜଣ ପ୍ରତିଭାଙ୍କୁ 'ଭୂମି ଗୌରବ' ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। କେନ୍ଦୁଝର ଜିଲ୍ଲା ଏହି ବିଶ୍ୱବିଦ୍ୟାଳୟ ଅଧୀନରୁ ଯିବା ପରେ ଗତବର୍ଷଠାରୁ 'ଭୂମି ଗୌରବ ସମ୍ମାନ' କେବଳ ମୟୂରଭଞ୍ଜ ଜିଲ୍ଲାର ବିଶେଷ ପ୍ରତିଭାଧାରୀଙ୍କୁ ପ୍ରଦାନ କରାଯାଉଛି। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବଳାଙ୍ଗୀ ମହୋତ୍ସବର ପୁରୋଧା ଶରତ ଚନ୍ଦ୍ର ନାୟକ, ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏମପିସି (ସ୍ୱ) ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ବନଜା ମହାନ୍ତି ଓ ସମାଜସେବା କ୍ଷେତ୍ରରେ ଜର୍ମାନରେ ରହୁଥିବା ବେତନଟୀ ବ୍ଲକ ଗଡଦେଉଳିଆରେ ଜନ୍ମିତ ଇଂ. ରବିନାରାୟଣ ଭୂୟାଁଙ୍କୁ 'ଭୂମି ଗୌରବ' ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଉପରୋକ୍ତ ୩ ପ୍ରତିଧାରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ନିମନ୍ତ୍ରଣପତ୍ର ମିଳିଛି।

### ବଡ଼ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ

# 'ମିଛ କହୁଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ'

କଟକ,୧୨।୭ (ସମିସ): ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ରହିବା ଘଟଣାକୁ ନେଇ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ତନାଘନା ଆରମ୍ଭ ହେଲାଣି। ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ମଧ୍ୟ ପଚରାଉଚରା ହୋଇଛି। ତେବେ ପ୍ରତିରୋପଣ ବନ୍ଦ ରହିବା ପଛରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଉପରେ ଏସ୍‌ସିବି କର୍ତ୍ତୃପକ୍ଷ ଦୋଷ ଲଦୁଛନ୍ତି। ଏଆଇଜି ଅଧିକାରୀଙ୍କ ସହଯୋଗ ନମିଳିବାରୁ ପ୍ରତିରୋପଣ ଆଗେଇ ପାରୁନି ବୋଲି ମତ ଦେଉଛନ୍ତି। ଏହି ପ୍ରସଙ୍ଗରେ ଏଆଇଜିର ଜଣେ ବରିଷ୍ଠ ପଦାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏସସିବି କର୍ତ୍ତୃପକ୍ଷ ମିଛୁଆ, ସେମାନଙ୍କ ନିକଟରେ ଆନ୍ତରିକତା ନାହିଁ, ସ୍ୱାସ୍ଥ୍ୟବିଭାଗକୁ ଭୁଆଁ ବୁଲାଉଛନ୍ତି ଏବଂ ରୋଗୀଙ୍କୁ ମରଣମୁହଁକୁ ଠେଲି ଦେଇ ନିଜ ଦୋଷ ଘୋଡାଉଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଏପରିକି ଏଭଳି ଅବ୍ୟବସ୍ଥାକୁ ନେଇ ସେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଛନ୍ତି।

- ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଲେ ଏଆଇଜି ଅଧିକାରୀ
- ଦୋଷ ଲୁଚାଉଛନ୍ତି, ରୋଗୀଙ୍କୁ ମରଣମୁହଁକୁ ଠେଲୁଛନ୍ତି

ଏଆଇଜି ଅଧିକାରୀଙ୍କ କହିବା ଅନୁସାରେ, ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେଠାକାର କେତେକ ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଦୁର୍ବଳତା ହିଁ ଦାୟୀ। ଦେଶର ବିଭିନ୍ନ ସ୍ଥାନରେ ଏଆଇଜି ଯକୃତ ପ୍ରତିରୋପଣ କରୁଛି। ଏସ୍‌ସିବିରେ ପ୍ରତିରୋପଣ କରାଇବା କ୍ଷେତ୍ରରେ ଦ୍ୱିଧା ନାହିଁ। ମାତ୍ର ସେମାନଙ୍କ ପାଖରେ ପ୍ରକୃତ ଆନ୍ତରିକତା ନାହିଁ। କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଲୋକଦେଖାଣିଆ। ଏପ୍ରିଲ ଓ ସେପ୍ଟେମ୍ବରରେ ଯେଉଁ ଦୁଇଥର ଯକୃତ ପ୍ରତିରୋପଣ କରାଯାଇଥିଲା ସେତେବେଳେ ଏଆଇଜି ତରଫରୁ ବିଶେଷ ଉଦ୍ୟମ ହୋଇଥିଲା। ଗତ ୩ ମାସ ଭିତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫ଜଣଙ୍କ ଯକୃତ ପ୍ରତିରୋପଣ ହୋଇଛି। ଏଥିରେ ଏଆଇଜି ପୂର୍ଣ୍ଣ ସହଯୋଗ କରିଛି। ଏସ୍‌ସିବିରେ ପ୍ରତିରୋପଣ କରାଇବାରେ ଏଆଇଜିର କୌଣସି ବି ସମସ୍ୟା ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି। ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେ ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ପ୍ରତିରୋପଣ ୟୁନିଟକୁ ଅଚଳ କରିବା ଦିଗରେ ବଡ ମେଡିକାଲ ଏବଂ ସ୍ୱାସ୍ଥ୍ୟ ବିଭାଗର କେତେକ ପଦାଧିକାରୀଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି। ନଚେତ୍ ୟୁନିଟ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ସେ ମତ ଦେଇଥିଲେ।

ପ୍ରକାଶଯୋଗ୍ୟ, ଏଆଇଜି ଅଧିକାରୀମାନଙ୍କୁ ଏସ୍‌ସିବିରେ ଅସହଯୋଗ କରାଯିବା ଖବର ମଧ୍ୟ କ୍ରମଶଃ ସାମ୍ନାକୁ ଆସିଛି। କିଛି ମାସ ପୂର୍ବେ ଏଆଇଜିର ଜନୈକ ଅଧିକାରୀ ଯକୃତ ରୋଗୀଙ୍କ ସଂକ୍ରାନ୍ତରେ ଆଲୋଚନା କରିବାକୁ ବଡ ମେଡିକାଲ ଆସିଥିଲେ। ସେଦିନ ଶନିବାର ଥିଲା। ହେଲେ ଭେଟିହେବ ନାହିଁ ବୋଲି କହିବା ସହ କିଛି ଦିନ ପରେ ଆସିବାକୁ କହି ଜଣେ ବରିଷ୍ଠ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଏପରିକି ପ୍ରତିରୋପଣ ନିମନ୍ତେ କେତେକ ଉପକରଣ କ୍ରୟ କରିବାକୁ ଏଆଇଜି ପକ୍ଷରୁ ଗତବର୍ଷ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଉପକରଣ କ୍ରୟ ନିମନ୍ତେ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏଆଇଜିର ପରାମର୍ଶ ସତ୍ତ୍ୱେ ଏସ୍‌ସିବି ପକ୍ଷରୁ ଆବଶ୍ୟକ ଉପକରଣଗୁଡିକ ଅଣାଯାଉନାହିଁ।

### ଲୋକଙ୍କୁ ଭୁଆଁ ବୁଲାଇ ଠକୁଥିଲେ

# ପୁଲିସ ସ୍କାନର୍‌ରେ ୫ ଶହ ନକଲି ଆପ୍, ୱେବ୍‌ସାଇଟ୍

ଭୁବନେଶ୍ୱର, ୧୨।୭ (ସମିସ): ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ କମିସନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ମାଷ୍ଟରମାଇଣ୍ଡ ଦେଶ ବାହାରେ ବସି ଏହି ନକଲି ଆପ୍ ମାଧ୍ୟମରେ କୋଟି କୋଟି ଟଙ୍କା ଠକୁଥିବାରୁ ଗିରଫ କରିବାରେ ସମସ୍ୟା ହେଉଛି। ଯାହାଫଳରେ ମାଷ୍ଟରମାଇଣ୍ଡ ଭାରତରୁ କୋଟି କୋଟି ଟଙ୍କା ବିଦେଶକୁ ନେଇଯାଉଛନ୍ତି। ତେଣୁ କିଭଳି ଏହି ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ ଉପରେ ନଜର ରଖାଯିବ ସେନେଇ କ୍ରାଇମ୍‌ବ୍ରାଞ୍ଚ

- ପୁଲିସ ପାଇଁ ଚ୍ୟାଲେଞ୍ଜ ବିଦେଶୀ ଆପ୍, ୱେବ୍‌ସାଇଟ୍
- ନକଲି ଆପ୍ ଉପରେ ନଜର ରଖିବ ସାଇବର ଟିମ୍

ଏବଂ କମିଶନରେଟ୍ ପୁଲିସ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ୍ କରିଛି। ତେଣୁ ଏବେ ଠକେଇର ତରିକା ବଦଳିଛି। ପୂର୍ବଭଳି ସିଧା ଉପାୟରେ ଠକେଇ ହେଉନି। ବ୍ୟାଙ୍କ୍ ଆକାଉଣ୍ଟ ଅନ୍ୟନାମରେ ଥିବା ବେଳେ ୟୁପିଆଇ ଅନ୍ୟ ଜଣେ ବ୍ୟବହାର କରୁଛି। ତେଣୁ ଏଭଳି ହାଇଟେକ୍ ଠକେଇକୁ କିଭଳି ମାତ ଦିଆଯିବ ସେନେଇ ଇଓଡବ୍ଲ୍ୟୁ ଏବଂ ପୁଲିସ ନୂଆ ବ୍ୟବସ୍ଥା କରିଛି। ଏଥର ଇଓଡବ୍ଲ୍ୟୁରେ ଏକ ସାଇବର ଟିମ୍ ରଖାଯିବ। ସେମାନେ କିଭଳ ହାଇଟେକ୍ ଠକେଇର ତଦନ୍ତ କରିବେ। ନୂଆ ଆପ୍ ହେଉ ଅବା ଅନ୍‌ଲାଇନ୍ ଟ୍ରେଡିଂ ଠକେଇ। ଏହି ଟିମ୍ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବ। ଆହୁରି ମଧ୍ୟ ଅନେକ ସମୟରେ ଇଓଡବ୍ଲ୍ୟୁ ଅନ୍ୟ ରାଜ୍ୟର ଅଭିଯୁକ୍ତକୁ ଗିରଫ କରିବା ପାଇଁ ଗଲେ। ସେଠାରେ ପୁଲିସ ଯାଇଥିବା ଟିମ୍‌କୁ ସହଯୋଗ କରୁନାହାନ୍ତି। ତେଣୁ ଏଥର ଅନ୍ୟ ରାଜ୍ୟର ତଦନ୍ତକାରୀ ଏଜେନ୍ସି ସହ ସମନ୍ୱୟ ରଖି କାମ କରିବା ପାଇଁ ଏକ ଟିମ୍ କରାଯାଇଛି। ସେମାନେ ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ମାଧ୍ୟମରେ ଯୋଡ଼ିହେବ। ଯଦି କେଉଁ ରାଜ୍ୟରେ ନୂଆ ଟ୍ରେଣ୍ଡରେ ଠକେଇ ହୁଏ, ତୁରନ୍ତ ଏହି ଗ୍ରୁପ୍‌ରେ ଆଲର୍ଟ କରାଯିବ। ଫଳରେ ଅନ୍ୟ ରାଜ୍ୟରେ ହେବାକୁ ଥିବା ଏଭଳି ଠକେଇକୁ ରୋକାଯାଇ ପାରିବ। ଗତ କିଛି ବର୍ଷ ହେବ ଲୋନ୍ ଆପ୍, ଅନଲାନ୍ ଟ୍ରେଡିଂ, ୧୮ ଫୁଟବଲ୍ ଉଟ୍‌କମ୍ ଆଦି ଅନେକ ଠକେଇ ଆପ୍ ଲୋକଙ୍କୁ ଚୂନ ଲଗାଉଛି। ଏପରିକି ଏହି ଆପ୍ ମାଧ୍ୟମରେ ଅନେକ ଲୋକେ ମଧ୍ୟ ଆତ୍ମହତ୍ୟା କରିଥିଲେ। ତେଣୁ ଚାଇନା ଠକ ସବୁ ବେଳେ ଏଭଳି ନକଲି ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ଲଗାଉଛନ୍ତି। ତେଣୁ ଗଠନ କରାଯାଇଥିବା ସାଇବର ଟିମ୍ ମୁଖ୍ୟତଃ ଏହି ନକଲି ଆପ୍ ଉପରେ ନଜର ରଖିବ। ଫଳରେ କିଛିମାତ୍ରାରେ ଏଭଳି ଠକେଇ କମିବ ବୋଲି ଇଓଡବ୍ଲ୍ୟୁ ଅଧିକାରୀମାନେ ଆଶା କରୁଛନ୍ତି। ପୂର୍ବରୁ ଲୋନ୍ ଆପ୍ ମାଧ୍ୟମରେ ଓଡ଼ିଶାରୁ ୩୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲା। ଏହା ପଛରେ ବିଦେଶରେ ରହୁଥିବା ୩ଜଣ ଠକଙ୍କ ହାତ ରହିଥିଲା। ସେମାନେ ସିଙ୍ଗାପୁରରେ ରହି ଏହି ଲୋନ୍ ଆପ୍ ମାଧ୍ୟମରେ ଠକେଇ କରୁଥିଲେ। ସେମାନେ ଭାରତରୁ ଭିସା ନେଇ ଏଠାକୁ ଆସି ଏଜେଣ୍ଟ ଯୋଗାଡ଼ କରି ଯାଇଥିଲେ। ତେଣୁ ପରବର୍ତ୍ତି ସମୟରେ ତଦନ୍ତ କରିବା ପରେ ସବୁ କିଛି ଜଣାପଡ଼ିଥିଲା। ହେଲେ ମାଷ୍ଟରମାଇଣ୍ଡ ସେତବେଳକୁ ଦେଶ ଛାଡ଼ି ପଳାଇଯାଇଥିଲା। ଯାହାଫଳରେ ଏକାଧିକ ବିଦେଶୀ ଠକଙ୍କ ନାମରେ ଲୁକ୍‌ଆଉଟ୍ ଜାରି କରାଯାଇଥିଲା।

# କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୧୨।୭ (ସମିସ): ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ




### ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ପାଳିତ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡ଼େ। ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ସହ ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ପ୍ରୟାସ ଜାରି ରଖିବା ଉଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ ଯେ, କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିର ଉଦ୍‌ଘାଟନ ସହ ପୁସ୍ତକ "ବାଜିରାଉତ' ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା "କୋଣାର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକଡେମୀର ସଚିବ ଡ. ଚନ୍ଦ୍ରଶେଖର ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିମିଳିପାଳରେ କଳାବାଘଙ୍କ ବଂଶ ବୃଦ୍ଧି

ବାରିପଦା, ୧୨।୭ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ ପ୍ରଜାତିର କଳାବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଟି-୨୦ ନାମକ ଏକ କଳା ବାଘୁଣୀ ୩ଟି ଛୁଆ ଜନ୍ମ ଦେଇଛି। ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଏଆଇ ଟ୍ରାପ୍ କ୍ୟାମେରାରେ ୩ଟିଯାକ ଶାବକ ବିଚରଣ କରୁଥିବାରୁ ଫଟୋ କଏଦ୍ ହୋଇଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ

- ଜନ୍ମ ନେଲେ ଆଉ ୩ ଶାବକ
- ଭିଡିଓ ସେୟାର୍ କଲେ ପିସିସିଏଫ୍
- ଜାନୁୟାରୀରୁ ଏଯାଏ ଜନ୍ମ ହେଲେଣି ୯ କଳାବାଘ

ପାଇଛି। କିଛି ଦିନ ତଳେ ବାଘଛୁଆ ଖେଳୁଥିବାର ଏକ ଭିଡିଓ ପିସିସିଏଫ ସେୟାର୍ କରିଥିଲେ।

ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ଶିମିଳିପାଳରେ ୯ଟି କଳାବାଘ ଛୁଆ ଜନ୍ମ ନେଇଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ବ୍ୟାଘ୍ର ସଂରକ୍ଷଣ ପାଇଁ ଶିମିଳିପାଳ ଏକ ଉପଯୁକ୍ତ ସ୍ଥାନ



ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି।

ବାଘସଂଖ୍ୟା ବୃଦ୍ଧି ସହ ଜେନିଟିକ୍ ଡାଇଭର୍ସନ ରୋକିବା ପାଇଁ ମହାରାଷ୍ଟ୍ର ତଡ଼ଭା ସଂରକ୍ଷିତ ଜଙ୍ଗଲରୁ ୨ଟି ବାଘୁଣୀ ଜିନତ୍ ଓ ଯମୁନା ଅଣାଯାଇଛି। ଜିନତ୍ ମଧ୍ୟ ଏବେ ମା' ହେବାକୁ ଯାଉଥିବା ଜଣାପଡ଼ିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ସୀମାନ୍ତରେ ୨୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୨।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ଶନିବାର ୨୩ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣକାରୀ ମାଓବାଦୀମାନେ ଅନେକ ଘଟଣାରେ ଜଡ଼ିତ ଥିଲେ। ସୁକୁମା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଲେକ୍ସ ପଲ ମେନନଙ୍କ ଅପହରଣରେ ଜଡ଼ିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଥିବା ଜଣାପଡ଼ିଛି। ଦିନକୁ ଦିନ ମାଓ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ମାଓବାଦୀ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ତେବେ ଶନିବାର ଆତ୍ମସମର୍ପଣ କରିଥିବା ଏହି ୨୩ଜଣଙ୍କ ନାମରେ ମୋଟ ୧ କୋଟି ୧୮ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ଜଣାପଡ଼ିଛି। ସୁକମା ଏସ୍‌ପି କିରଣ ଚୌହାନ ଏବଂ ସିଆରପିଏଫ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ଏମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ସହ ଆଗକୁ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ବିଚିତ୍ର ନ୍ୟାୟ

# 'ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ'

- ହରଡ଼ଘଣାରେ କର୍ମଚାରୀ, ନେବେ ଆଇନର ଆଶ୍ରୟ

ଜଟଣୀ, ୧୨।୭ (ସମିସ): ଅବଧିଠାରୁ ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ। ଏଭଳି ନୋଟିସ୍ ପାଇ ହତବାକ୍ ହୋଇଛନ୍ତି ଜଟଣୀ ପୌର ପରିଷଦରେ ଚାକିରି କରି ଅବସର ନେଇଥିବା ଜଣେ ଝାଡୁଦାର। ତାଙ୍କ ଅବସର ସମୟ କେବେ ସେ ଜାଣିପାରି ନଥିବାବେଳେ ପୂର୍ବଭଳି ନିୟମିତ ରେଜିଷ୍ଟରରେ ହାଜିରା ଦେଇ ମାସକୁ ମାସ କର୍ତ୍ତୃପକ୍ଷଙ୍କଠାରୁ ଆକାଉଣ୍ଟରେ ଦରମା ପାଇଛନ୍ତି। ମାତ୍ର ଏବେ ତାଙ୍କୁ ବର୍ଷକର ଦରମା ଫେରାଇବାକୁ ନୋଟିସ୍ ହୋଇଛି। ଏଭଳି ବିଚିତ୍ର ନ୍ୟାୟରେ ସେ ହତ୍‌ବାକ୍ ହୋଇ କିଭଳି ଟଙ୍କା ଫେରାଇବେ ଚିନ୍ତାରେ ପଡ଼ିଛନ୍ତି।

ଜଟଣୀ ଗଜପତି ନଗର ଅଞ୍ଚଳର କେଦାର ନାୟକ ଜଟଣୀ ପୌର ପରିଷଦରେ ନିୟମିତ ସୁଇପର ଭାବେ କାର୍ଯ୍ୟ କରନ୍ତି। ଚାକିରି ରେକର୍ଡ ଅନୁସାରେ ସେ ୧୯୬୪ ମସିହା ଜୁଲାଇ ୭ ତାରିଖରେ ପୌର ପରିଷଦରେ ସୁଇପର ଭାବେ ନିଯୁକ୍ତି ପାଇଥିଲେ। ସେହି ଅନୁସାରେ ତାଙ୍କର ଅବସର ନେବା ତାରିଖ ହେଉଛି ଜୁଲାଇ ୩୧ ତାରିଖ ୨୦୨୪। କିନ୍ତୁ ପୌର ପରିଷଦର ଖାମ ଖିଆଲ ନୀତି ହେଉ କିମ୍ବା ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତି ନ ଜାଣିପାରିବା ଯୋଗୁଁ ସେ ଜୁଲାଇ ୨୦୨୫ ପର୍ଯ୍ୟନ୍ତ କାମ କରି ଚାଲିଛନ୍ତି। ଏପରିକି ଦୈନିକ ପୌର ପରିଷଦ ରେଜିଷ୍ଟରରେ ହାଜିରା ମଧ୍ୟ ଦେଉଛନ୍ତି। ତା' ସହ ଅବସର ସମୟ ଅତିକ୍ରାନ୍ତ ହେବା ପରେ ମଧ୍ୟ ବର୍ଷେ ହେଲାଣି ମାସିକ ୪୧ ହଜାର ଟଙ୍କା ଲେଖାଏ ଦରମା ନେଉଛନ୍ତି। ଏ ନେଇ କେବେ ବି ପୌର ପରିଷଦ ପକ୍ଷରୁ ତାଙ୍କୁ ବାରଣ କରାଯାଇନି କିମ୍ବା ନୋଟିସ୍ ହୋଇନି। ଏପରିକି ଦରମା ମଧ୍ୟ ବନ୍ଦ କରାଯାଇନି। ତେବେ ଚଳିତ ମାସ ୮ ତାରିଖରେ ପୌର ପରିଷଦ ଚିଠି ସଂଖ୍ୟା-୪୦୮୯ରେ ପୌର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ସୁଇପରଙ୍କୁ ଏକ ନୋଟିସ ଜାରି କରିଛନ୍ତି। ନୋଟିସ ଅନୁସାରେ ସୁଇପର କେଦାର ନାୟକ ଅବସର ସମୟ ପରେ ନେଇଥିବା ଅଧିକ ଦରମା ଟଙ୍କାକୁ ତାଙ୍କ ଠାରୁ ଫେରସ୍ତ ନିଆଯିବ। ନୋଟିସ ପାଇବା ପରେ ଶ୍ରୀ ନାୟକ ଆଜି ନିଜ ଆଡୁ ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ମୁଁ ଜଣେ ବୃଦ୍ଧ, ଭିନ୍ନକ୍ଷମ ଏବଂ ଅଳ୍ପ ଶିକ୍ଷିତ ଲୋକ। ମୋର ଅବସର ତାରିଖ ନ ଜାଣିପାରି ଆଜି ପର୍ଯ୍ୟନ୍ତ ପୌର ପରିଷଦ ରେଜିଷ୍ଟରରେ ହାଜିରା ଦେଇ କାମ କରୁଥିଲି। ପୂର୍ବ ଭଳି ଆକାଉଣ୍ଟରେ ଦରମା ଟଙ୍କା ଆସୁଥିଲା। ମୋତେ ମୋର ଅବସର ତାରିଖ ନେଇ ପୌର ପରିଷଦ ଅବଗତ କରାଇନାହାନ୍ତି। ମୁଁ କୌଣସି ପ୍ରକାରେ ଅଧିକ ଦରମା ନେଇନାହିଁ। ଫେରସ୍ତ ଦେବା ଆବଶ୍ୟକ ନାହିଁ। ଦରକାର ପଡ଼ିଲେ ମୁଁ ଅଦାଲତର ଦ୍ୱାରସ୍ଥ ହେବି। ଏହି ଘଟଣାକୁ ନେଇ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ରଶ୍ମିତା ନାଥଙ୍କ କହିବା ଅନୁସାରେ ସରକାରୀ ନିୟମ ଅନୁସାରେ ତାଙ୍କୁ ନୋଟିସ୍ ଜାରି ହେବା ସହ ସେ ନେଇଥିବା ଅଧିକ ଦରମା ଟଙ୍କାକୁ କିଭଳି ଭାବେ ଫେରସ୍ତ ନିଆଯିବ ଏ ବାବଦରେ ବିଭାଗୀୟ ସହାୟତା ଲୋଡ଼ା ଯାଇଛି।

# ୮୦୨.୯ କୋଟିର ରେଳ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୧୨।୭ (ଏଜେନ୍ସି): ଓଡ଼ିଶାକୁ ମିଳିଛି ଆଉ ଏକ ନୂଆ ରେଳ ପ୍ରକଳ୍ପ। ଏଥିରେ କଟକ ଏବଂ ନିର୍ଗୁଣ୍ଡି ଷ୍ଟେସନ୍ ମଧ୍ୟରେ ନିର୍ମାଣ ହେବ ୧୫.୯୯ କିଲୋମିଟରର ଚତୁର୍ଥ ରେଳ ଲାଇନ୍। ଏହାଛଡା ନିର୍ଗୁଣ୍ଡିଠାରେ ଏକ ରେଳ ଫ୍ଲାଏଓଭର ମଧ୍ୟ ନିର୍ମାଣ କରାଯିବ। କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍ ପ୍ରକଳ୍ପରେ ମହାନଦୀ ଏବଂ ବିରୂପା ନଦୀରେ ଦୁଇଟି ସେତୁ ନିର୍ମାଣ କରାଯିବ। ଏ ସମସ୍ତ ପ୍ରକଳ୍ପ ପାଇଁ ରେଳବାଇ ୮୦୨.୯ କୋଟି ଟଙ୍କା ମଞ୍ଜୁରୀ ଦେଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା। ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନ ଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ୍ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ। ବର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ। ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ। ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨*୨୫ କେଭି ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି।

- ନିର୍ମାଣ ହେବ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍
- ନିର୍ଗୁଣ୍ଡିରେ ନୂଆ ରେଳ ଫ୍ଲାଏଓଭର
- ମହାନଦୀ, ବିରୂପାରେ ନିର୍ମାଣ ହେବ ଦୁଇଟି ରେଳ ପୋଲ

# ପଥରତଳେ ଚାପି ହୋଇଛି ପଥର ଶିଳ୍ପୀଙ୍କ ଭାଗ୍ୟ

### ସରକାରଙ୍କ ଅବହେଳା ପାଇଁ ରାଜ୍ୟ ଛାଡ଼ିଲେଣି ଭାସ୍କର୍ଯ୍ୟ ଶିଳ୍ପୀ

ଭୁବନେଶ୍ୱର,୧୨।୭ (ସମିସ): ଉତ୍କଳର ଉତ୍କର୍ଷକୁ କାଳେକାଳେ ସମୃଦ୍ଧ କରିଛି ତା'ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଚାତୁରୀ। ଶିଳ୍ପୀର ନିହାଣ ମୁନରେ ନିଶ୍ଚଳ ପଥର ମଧ୍ୟ ଜୀବନ୍ୟାସ ପାଇଁ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଗୌରବ ଗାନ କରିଛି। ଉତ୍କଳର ଅନନ୍ୟ କଳାସଂସ୍କୃତିର ପରିଚାୟକ ସେହି ଶିଳ୍ପୀର ପରିଚୟ କିନ୍ତୁ ଆଜି ସଙ୍କଟରେ। ପଥର ଅଭାବରେ ତା'ର ନିହାଣ ଆଜି ନିରବ। ଆଧାର ବିନା ସେ ଜୀବନ୍ୟାସ କାହାକୁ ଓ କେମିତି ଦେବ? ସରକାର ମଧ୍ୟ ଏ ଦିଗରେ ଉଦାସୀନ। ତେଣୁ ଓଡ଼ିଶାର ପଥର ଶିଳ୍ପୀ ଆଜି ଦାଦନ ଖଟିବାକୁ ବିଦେଶମୁହାଁ। ଯଦି ଏହି ସ୍ଥିତି ଜାରି ରହେ ତେବେ ଓଡ଼ିଶା ଶିଳ୍ପୀଶୂନ୍ୟ ହୋଇଯିବା ବିଚିତ୍ର ନୁହେଁ। ପ୍ରସ୍ତର ଯୁଗରୁ ମଣିଷର ଜୀବନଜୀବିକା ସହିତ ପଥର ଓତପ୍ରୋତ ଭାବେ ଯୋଡ଼ି ହୋଇଯାଇଛି। ମଣିଷର ନିହାଣ ମୁନର ସ୍ପର୍ଶରେ ପଥର ମଧ୍ୟ କଥା କହିଛି। ଯାହାର ପ୍ରମାଣ ଏବେବି ଛିଡ଼ା ହୋଇଥିବା ପ୍ରାଚୀନ ମଠ ମନ୍ଦିରରୁ ମିଳେ। ହେଲେ ବର୍ତ୍ତମାନ ସମୟ ବଦଳିବା ସହ ମଣିଷର ଚାହିଦା ପୂରଣ କରିବାରେ ପ୍ରକୃତିର ଏହି ଅସୀମିତ ଉପାଦାନ ବି ଅସହାୟ ହୋଇପଡ଼ିଛି। ତା'ସହିତ ଜୀବନଜୀବିକା ବିପନ୍ନ ହୋଇଛି ପଥରକୁ ଆଶ୍ରା କରି ବଞ୍ଚୁଥିବା ଶିଳ୍ପୀ ଓ କାରିଗରମାନଙ୍କର।

କଳିଙ୍ଗ ସ୍ଥାପତ୍ୟ କଳା ଓ ପରମ୍ପରାର ସବୁଠୁ ଉଦ୍ଧ୍ୱର୍ରେ। ଓଡ଼ିଶା କାରିଗରଙ୍କ ତ୍ରିଭଙ୍ଗୀ ଶୈଳୀ ବା ଉତ୍କଳୀୟ ଶୈଳୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦିଲ୍ଲୀର ଅକ୍ଷର ଧାମ ଠାରୁ ଆରମ୍ଭ କରି ରାଜସ୍ଥାନ, ଚେନ୍ନାଇ, ଦୁବାଇର ଆବୁଦାବୀ ରେ ମଧ୍ୟ ଶୋଭା ପାଉଛି ଓଡ଼ିଶା କାରୀରୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ। ଯଦିଓ ବିଭିନ୍ନ ରାଜ୍ୟର କାରିଗରମାନେ ଆଧୁନିକ ଶୈଳୀରେ ମନ୍ଦିର ନିର୍ମାଣ କରୁଛନ୍ତି କିନ୍ତୁ ଓଡ଼ିଶା ଭାସ୍କର୍ଯ୍ୟ କାରିଗରଙ୍କ ବିକଳ୍ପ ସାରା ବିଶ୍ୱରେ ନାହିଁ। ମଠ, ମନ୍ଦିରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଝଲସି ଉଠେ। କିନ୍ତୁ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥିବା ପଥର ଶିଳ୍ପୀ ବା ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖଣ୍ଡେ ପାଇ ପାରୁନାହାଁନ୍ତି। ଫଳରେ ରାଜ୍ୟରେ ରହିଥିବା ପ୍ରାୟ ୩୦ ହଜାର ଭାସ୍କର୍ଯ୍ୟ କଶିଳ୍ପୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଶିଳ୍ପୀ ବାହାର ରାଜ୍ୟ ଯଥା: ରାଜସ୍ଥାନ, ଚେନ୍ନାଇ, କୋଲକାତା ସମେତ ଇଂଲଣ୍ଡ, ଦୁବାଇ ଆଦି ଦେଶରେ କାମ କରୁଛନ୍ତି। ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଧିକାଂଶ ଶିଳ୍ପୀମାନେ ରାଜସ୍ଥାନ, ପାହାନପୁର ଆଦି ସ୍ଥାନରୁ ମାର୍ବଲ ଓ ପଥର ଆମଦାନୀ କରୁଥିଲେ ମଧ୍ୟ ଲାଭବାନ ହୋଇପାରୁ ନାହାଁନ୍ତି। ପଥର ଆମଦାନୀରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଉଚିତ୍ ପାରିଶ୍ରମିକ ମିଳୁନଥିବା



### ଆଜି ବିଶ୍ୱ ପଥର ଦିବସ

କହିଛନ୍ତି। ରାଜ୍ୟ ସରକାର ଓଡ଼ିଆ କାରିଗରଙ୍କୁ ନେଇ ବିଶାଳ ଓଡ଼ିଶାରେ ମନ୍ଦିର କରନ୍ତୁ। ସେମାନେ ଆଜି ବି ସେମାନଙ୍କ ପାଖରେ କୋଣାର୍କ ତୋଳିବାର କ୍ଷମତା ରହିଛି। ଯାହାର ଉଦାହରଣ ହେଉଛି ଅକ୍ଷରଧାମ,ଅଯୋଧ୍ୟା ରାମ ମନ୍ଦିର ସମେତ ଦେଶ ବାହାରେ ନିର୍ମିତ ମନ୍ଦିର। କଳାକରିଗରୀ ବଞ୍ଚାଇବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍। କେବଳ ଧାର୍ମି ଦୃଷ୍ଟିରୁ ନହେଁ ବରଂ ଏହାଦ୍ୱାରା ଆର୍ଥିକ ଓ ସାଂସ୍କୃତିକ ବିକାଶ ମଧ୍ୟ ଘଟିବ। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର କଳା କାରିଗରୀ ବଞ୍ଚାଇବା ବଦଳରେ ସେମାନଙ୍କୁ ଦାଦନ ସାଜିବାକୁ ବାଧ କରୁଛନ୍ତି। କାରଣ ଯେଉଁ ଭାସ୍କର୍ଯ୍ୟ କାରିଗର ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଓଡ଼ିଶାକୁ ଧାଇଁ ଆସୁଛନ୍ତି ସେହି କାରିଗରମାନେ ଆଜି ଅଲୋଡ଼ା ପାଲଟିଛନ୍ତି। ତେଣୁ ସରକାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ପାଇଁ ଓଡ଼ିଶା ଖଣିରୁ ପଥର ଯୋଗାଇଦେବାକୁ ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି। ଏନେଇ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି ଯେ, ସବୁକଳା ଠାରୁ ଉର୍ଦ୍ଧରେ ରହିଛି ଭାସ୍କର୍ଯ୍ୟ କଳା। ଭାସ୍କର୍ଯ୍ୟ କଳା ଏଭଳି ଏକ ସ୍ୱପ୍ନ, ଯାହାକୁ କେବଳ ଜଣେ ଶିଳ୍ପୀ ବାସ୍ତବତାରେ ପରିଣତ କରେ। ପଥର ଅଭାବରୁ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସଂଖ୍ୟା ଏବେ ମାତ୍ର ହାତଗଣତି। ପଥର ଶିଳ୍ପୀ ନରହିଲେ ଓଡ଼ିଶାର ଅସ୍ମିତା ନଷ୍ଟ ହୋଇଯିବ। ତେଣୁ ସରକାର ଓଡ଼ିଶାର ପଥର ଶିଳ୍ପୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦେବା ସହ ପଥର ଯୋଗାଇଦେଇ ଭାସ୍କର୍ଯ୍ୟ କଳାକୁ ବଞ୍ଚାଇ ରଖିବାକୁ ସହଯୋଗ କରନ୍ତୁ।

# ହ୍ୟାଣ୍ଡଲୁମ୍ ଶାଢ଼ିର ଯତ୍ନ



ପାରମ୍ପରିକ ପରିଧାନ ମଧ୍ୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା କେବଳ ପାରମ୍ପରିକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପୂଜାପର୍ବରେ ଏହି ଶାଢ଼ି ପିନ୍ଧିଲେ ଏହା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଏହି ଶାଢ଼ିର ମୂଲ୍ୟ ଅଧିକ ଥାଏ । ଏହା କେବେ ହେଲେ ପୁରୁଣା ହୁଏନି । ବର୍ତ୍ତମାନ ସମୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଚାହିଦା ବଢ଼ୁଛି । ତେବେ ଏହି ଶାଢ଼ିକୁ ବର୍ଷ ବର୍ଷ ଧରି କିପରି ସାଇତି ରଖିବେ ଜାଣି ରଖନ୍ତୁ ।

**ଖରାରୁ ରଖନ୍ତୁ ଦୂରେଇ**

ଶାଢ଼ିକୁ ଅତ୍ୟଧିକ ସୂର୍ଯ୍ୟକିରଣରୁ ଦୂରେଇ ରଖନ୍ତୁ । କାରଣ ସୂର୍ଯ୍ୟ କିରଣରେ ଶାଢ଼ିର ରଙ୍ଗ ଛାଡ଼ିଯାଏ । ଏହାଦ୍ୱାରା ଶାଢ଼ିର ଉଜ୍ଜ୍ୱଳତା କମିଯାଏ । ଏଥିପାଇଁ ଥଣ୍ଡା, ଅନ୍ଧାରୁଆ ସ୍ଥାନ ଭଲ ହୋଇଥାଏ ।

**ରେଶମ ପାଟ**

ସିଲ୍କ ତଥା ରେଶମ ଶାଢ଼ିକୁ ରଖିବା ପାଇଁ ସୂତା ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ମଧ୍ୟରେ ବାୟୁ ଚଳାଚଳ ଠିକ୍ ରହିଥାଏ । ଏହାଦ୍ୱାରା ଶାଢ଼ି ଅନ୍ୟ ଶାଢ଼ି ସହ ଲାଗେ ନାହିଁ । ସୁରକ୍ଷିତ ରହିଥାଏ ।

**ତିନି ମାସରେ ବଦଳାନ୍ତୁ ଶାଢ଼ିର ଭାଙ୍ଗ**

ଶାଢ଼ିକୁ ଗୋଟିଏ ଭାଙ୍ଗରେ ଦୀର୍ଘ ସମୟ ରଖିଲେ, ଏହାଦ୍ୱାରା ଶାଢ଼ିର ସେହି ସ୍ଥାନ ଫାଟିଯାଏ । ତେଣୁ ପ୍ରତି ତିନିମାସରେ ଥରେ ଶାଢ଼ି ଭାଙ୍ଗ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।


**କାଠ ହ୍ୟାଙ୍ଗରରେ ଝୁଲାନ୍ତୁ ଶାଢ଼ି**

ଶାଢ଼ିକୁ ହ୍ୟାଙ୍ଗର୍‌ରେ ଟାଙ୍ଗିବାକୁ ଚାହୁଁଥିଲେ, ପ୍ଲାଷ୍ଟିକ୍ କିମ୍ବା ଷ୍ଟିଲ୍ ବଦଳରେ କାଠ ହ୍ୟାଙ୍ଗର୍ ବ୍ୟବହାର କରନ୍ତୁ । କାରଣ ଧାତୁନିର୍ମିତ ହ୍ୟାଙ୍ଗର୍‌ରେ କଳଙ୍କି ଲାଗିବା ସମସ୍ୟା ଥାଏ । ତେଣୁ କାଠ ସୁରକ୍ଷିତ ହେବା ସହ ଦୀର୍ଘ ସମୟ ରହିଥାଏ ।

**ସୂତା କପଡ଼ାରେ ଗୁଡ଼ାଇ ରଖନ୍ତୁ**

ଘରେ ସୂତା ବ୍ୟାଗ୍ ନ ଥିଲେ, ସୂତା କପଡ଼ାରେ ମଧ୍ୟ ଏହାକୁ ଗୁଡ଼ାଇ ରଖିପାରିବେ । ତେବେ ସମାନ ଡିଜାଇନର ଶାଢ଼ିକୁ ଗୋଟିଏ ବ୍ୟାଗ୍‌ରେ ରଖିପାରିବେ । ଭିନ୍ନ ଡିଜାଇନ ଥିଲେ ଏହାକୁ ଅଲଗା ରଖିପାରିବେ ।

# ମହମବତୀରୁ ଆତ୍ମନିର୍ଭର



ମହମବତୀ ଅନ୍ଧକାରକୁ ପ୍ରଶମିତ କରି ଆଲୋକ ପ୍ରଦାନ କରିଥାଏ । କିନ୍ତୁ ସମୟ ଅନୁସାରେ ଏହାର ବ୍ୟବହାର ବଦଳିଛି । ବିଭିନ୍ନ ପର୍ବପର୍ବାଣୀ, ପୂଜାଉତ୍ସବରେ ଏହାକୁ ସାଜସଜ୍ଜା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଏହାର ଉପଯୋଗିତାକୁ ଦୃଷ୍ଟିରେ ରଖି ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି, କାଶ୍ମୀର ଶ୍ରୀନଗରର ମେହେକ୍ ପରବେଜ୍ । ସେ ବିଭିନ୍ନ ଡିଜାଇନର ସୁଗନ୍ଧଯୁକ୍ତ ମହମବତୀ ତିଆରି କରି ଆତ୍ମନିର୍ଭର ହୋଇଛନ୍ତି ।

**ୟୁଟ୍ୟୁବ୍‌ରୁ ଶିଖିଲେ ପ୍ରସ୍ତୁତି**

ପିଲାଦିନେ ମହମବତୀ ଦେଖି ସେ ଖୁବ୍ ଆନନ୍ଦିତ ହେଉଥିଲେ; କିନ୍ତୁ ତାଙ୍କ ଅଞ୍ଚଳରେ ପର୍ବପର୍ବାଣୀରେ ଘର ସଜାଇବା ପାଇଁ ମହମବତୀ ଏତେ ବ୍ୟବହାର ହେଉ ନ ଥିଲା । ସେ ଇନ୍‌ଷ୍ଟାଗ୍ରାମ୍‌ରେ ଭଳିକି ଭଳି ମହମବତୀ ଦେଖିଥିଲେ । ପରେ ଏହା ତିଆରି କରିବା ପାଇଁ ତାଙ୍କର ଆଗ୍ରହ ଆସିଲା । ଏଥିପାଇଁ ସେ ୟୁଟ୍ୟୁବ୍‌କୁ ନିଜର ଅସ୍ତ୍ର କରିଥିଲେ । ୟୁଟ୍ୟୁବ୍ ଦେଖି ଅଭ୍ୟାସ କଲେ । ଧିରେ ଧିରେ ସେ ସୁଗନ୍ଧଯୁକ୍ତ, ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥିଲେ । ତାଙ୍କ କହିବାନୁଯାୟୀ ଅଧିକାଂଶ ଲୋକେ ଏସେନ୍ସିଆଲ ଅଏଲ୍‌ଯୁକ୍ତ ମହମବତୀ କିଣିବାକୁ ପସନ୍ଦ କରନ୍ତି । କାରଣ ଏହା ଲୋକଙ୍କ ମନ ଓ ମସ୍ତିଷ୍କକୁ ସତେଜ କରିଥାଏ । ସେହିପରି ଡିଜାଇନର୍ ମହମବତୀକୁ ଲୋକେ ଜନ୍ମଦିନ, ବର୍ଷପୂରଣି ଆଦିରେ ଘର ସାଜସଜ୍ଜାରେ ବ୍ୟବହାର କରିଥାନ୍ତି ।

**ଲକ୍‌ଡାଉନ୍‌ରୁ ବ୍ୟବସାୟ**

ଲକଡାଉନ୍ ସମୟରେ ସେ ମହମବତୀ ବ୍ୟବସାୟ କରିବା ପାଇଁ ସ୍ଥିର କରିଥିଲେ । ହେଲେ ମହମବତୀ ପ୍ରସ୍ତୁତ ପାଇଁ ଆବଶ୍ୟକ ସରଞ୍ଜାମ ଓ ଉପକରଣ ତାଙ୍କ ପାଖରେ ନ ଥିଲା । ତେଣୁ ସେ ଅନ୍ୟ ସହରରୁ ଏହା କିଣିଥିଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ପରିବାର ଲୋକେ ସମର୍ଥନ କରିଥିଲେ । ଏହାପରେ ସେ ନିଜ ଘରେ ବିଭିନ୍ନ ପ୍ରକାର ମହମବତୀ ତିଆରି କରିଥିଲେ । ସଉକ୍‌ରୁ ଆରମ୍ଭ ହୋଇଥିବା ଏହି କଳାକୁ ମେହେକ୍ ନିଜର ପେସା ଭାବେ ଆପଣାଇଲେ । ସେ ବିଭିନ୍ନ ପ୍ରକାର କଷ୍ଟମାଇଜ୍ ମହମବତୀ ତିଆରି କରି ତାହାକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିଲେ । ଅବଶ୍ୟ ଏହି ଅନଲାଇନ୍ ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନଥିଲା ।





**କଷ୍ଟମାଇଜ୍‌ଡ ମହମବତି**

ସେ ବିଭିନ୍ନ କଷ୍ଟମାଇଜ୍ ମହମବତୀ ପ୍ରସ୍ତୁତ କରିଥାନ୍ତି । ବିବାହ, ମେହେନ୍ଦୀ, ଜନ୍ମଦିନ, ବର୍ଷପୁରାଣି, କ୍ରିଷ୍ଟମାସ, ଦୀପାବଳି ଆଦି ପର୍ବରେ ସେ ଗ୍ରାହକଙ୍କ ବରାଦ ଅନୁଯାୟୀ, କଷ୍ଟମାଇଜ୍ ମହମବତୀ ତିଆରି କରନ୍ତି । କପ୍, ସାଣ୍ଟା ଟ୍ରି, ଫୁଲଆକୃତିର ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥାନ୍ତି । ଏହାର ରଙ୍ଗ ଓ ଡିଜାଇନ୍ ଅନୁଯାୟୀ ସେ ମୂଲ୍ୟ ରଖିଥାନ୍ତି ।

# କୋରିଆନ୍ ହେୟାର କେୟାର୍



ବର୍ଷାଦିନେ କେଶରେ ନାନା ସମସ୍ୟା ଦେଖାଯାଏ । ତେଲ, ଝାଳ ଓ ଆର୍ଦ୍ରତା କେଶକୁ ରୁକ୍ଷ ଓ ପତଳା କରିଦିଏ । ତେଣୁ କେଶକୁ ମଜଭୁତ କରିବା ପାଇଁ ହେୟାର୍ କେୟାର୍ ରୁଟିନ ଆପଣାଇବାକୁ ପଡ଼ିଥାଏ । ଯାହା କେଶକୁ ପୋଷଣ ଦେଇ ବର୍ଷା ଋତୁ ପ୍ରଭାବରୁ ସୁରକ୍ଷା ଦେବ । ତେବେ କୋରିଆନ୍ ମେକ୍‌ଅପ୍ ଭଳି କୋରିଆନ୍ ହେୟାର୍ କେୟାର୍‌ର ଖୁବ୍ ଚାହିଦା ରହିଛି । ଏହାକୁ ଆପଣାଇ କେଶର ଯତ୍ନ ନେଇପାରିବେ ।

**ସ୍କାଲ୍‌ପକୁ ସଫା ରଖନ୍ତୁ**

ବର୍ଷାଦିନେ କେଶରେ ତେଲ , ଧୂଳି ଆଦି ଜମିଯାଏ । ଫଳରେ କେଶମୂଳ କୁଣ୍ଡାଇ ହୋଇଥାଏ । ତେଣୁ କେଶମୂଳକୁ ସାମ୍ପୁ କିମ୍ବା ସ୍କ୍ରବ୍ କରି ଭଲରେ ସଫା କରନ୍ତୁ । ଏହାଦ୍ୱାରା କେଶମୂଳ ପରିଷ୍କାର ରହିଥାଏ । ପ୍ରତି ସପ୍ତାହରେ ଥରେ ଏହା କରନ୍ତୁ ।

**ମାଇଲ୍ଡ ସାମ୍ପୁ ବ୍ୟବହାର**

ଯଥାସମ୍ଭବ ରାସାୟନିକ ସାମ୍ପୁରୁ ଦୂରେଇ ରୁହନ୍ତୁ । ଟି ଟ୍ରି ଅଏଲ୍ କିମ୍ବା ପୁଦିନା ସାମ୍ପୁ ବ୍ୟବହାର କରି କେଶ ଧୋଇପାରିବେ । ଏହା କେଶରେ ଥିବା ତେଲିଆପଣକୁ ଦୂର କରିଥାଏ ।

**କଣ୍ଡିସନର୍**

କୋରିଆନ୍ ହେୟାର କେୟାର୍‌ରେ ହାଇଡ୍ରେସନ୍‌ର ମୁଖ୍ୟ ଭୂମିକା ରହିଥାଏ । ତେଣୁ କେଶ ସଫା ପରେ ଅଳ୍ପ କରି ହାଇଡ୍ରେଟିଙ୍ଗ୍ କଣ୍ଡିସନର ଲଗାନ୍ତୁ । ଏହାକୁ କେଶମୂଳରେ ନ ଲଗାଇ କେଶରେ ଲଗାନ୍ତୁ ।

**ହେୟାର ଟନିକ୍**

କୋରିଆନ୍ ଯୁବତୀମାନେ କେଶ ସଫା କରି କଣ୍ଡିସନର୍ ଲଗାଇବା ପରେ ହେୟାର ଏସେନ୍ସ ବା ହେୟାର୍ ଟନିକ୍ ଲଗାଇଥାନ୍ତି । ଏହା କେଶକୁ ପୋଷଣ ଦେବା ସହ କେଶମୂଳକୁ ମଜଭୁତ ରଖିଥାଏ ।

**ଗରମ ଉପକରଣରୁ ଦୂରେଇ ରଖନ୍ତୁ**

କେଶକୁ ଗରମ ଉପକରଣରୁ ଦୂରେଇ ରଖିବା ଆବଶ୍ୟକ । ବିଶେଷ କରି ବର୍ଷାଦିନେ କେଶରେ ଅଧିକ ହେୟାର ଡ୍ରାୟର, ଏବଂ ଷ୍ଟ୍ରେଟନର୍ ବ୍ୟବହାର କଲେ ଏହା କେଶକୁ ରୁକ୍ଷ କରିଥାଏ । କେଶର କୋମଳତା କମିଯାଏ ।

ମୋ ହାଣ୍ଡିଶାଳରୁ...

# ବନ୍ଧାକୋବି ମୋମୋ

**ଆବଶ୍ୟକ ସାମଗ୍ରୀ**

ବନ୍ଧା କୋବି, କଟା ପିଆଜ – ଏକ କପ୍, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ଗାଜର – ଏକ କପ୍, କଟା କୋବି – ଏକ କପ୍, ସୋୟାବିନ୍ କିମା- ଏକ କପ୍, ଅଦା, ରସୁଣ ଓ କଞ୍ଚାଲଙ୍କା କଟା – ଦୁଇ ଚାମଚ, ସୋୟା ସସ୍ – ଏକ ଚାମଚ, ଚାଟ୍ ମସଲା- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ବନ୍ଧାକୋବିରୁ ପାଖୁଡ଼ା ଅଲଗା କରି ଧୋଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇରେ ପାଣି ଦେଇ ଗରମ କରନ୍ତୁ । ପାଣି ଗରମ ହୋଇଗଲେ ପତ୍ରକୁ ଦେଇ ଢାଙ୍କୁଣି ଘୋଡ଼ାଇ ତିନିରୁ ଚାରି ମିନିଟ୍ ରଖନ୍ତୁ । ଏହାପରେ ଢାଙ୍କୁଣି ଖୋଲି ପତ୍ରକୁ ବାହାର କରି ଦିଅନ୍ତୁ । ଆଉ ଏକ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ କଟା ଲଙ୍କା, ରସୁଣ ଅଦା ଦେଇ ହାଲୁକା ଫ୍ରାଏ କରନ୍ତୁ । ଏହାପରେ କାଟି ରଖିଥିବା ପରିବା ସବୁକୁ ଦେଇ ଭାଜନ୍ତୁ । ସେଥିରେ ଅଳ୍ପ ଲୁଣ, ଚାଟ୍ ମସଲା ପକାଇ ପାଣି ଛାଡ଼ିବା ଯାଏ ଭାଜନ୍ତୁ । ଏହାପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ସିଜାଇ ରଖିଥିବା କୋବି ପତ୍ର ନେଇ ସେଥିରେ ଭଜା ପରିବା ପୂର ଦେଇ ଚାରିଆଡ଼ୁ ମୋଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ ଆଉ ଏକ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ କୋବିକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବନ୍ଧା କୋବି ମୋମୋ' ।



# ଫୁଟ୍ ପିଲ୍ ମାସ୍କ

ମହିଳାମାନେ ତ୍ୱଚାର ଯତ୍ନ ନେବା ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । ହେଲେ ପାଦ ପ୍ରତି ଧ୍ୟାନ ଦିଅନ୍ତିନି । ଫଳରେ ପାଦ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସି କଳା ପଡ଼ିଯାଏ । ଏହାଦ୍ୱାରା ପାଦର ସୁନ୍ଦରତା କମିଯାଏ । କିଛି ମହିଳା ସୁଜ୍ କିମ୍ବା ମୋଜା ପିନ୍ଧି ଏହାକୁ ଲୁଚାନ୍ତି; କିନ୍ତୁ ଏବେ ବଜାରରେ ଫୁଟ୍ ପିଲ୍ ମାସ୍କ ମିଳୁଛି । ଏହାକୁ ଲଗାଇ ପାଦ ସମସ୍ୟା ଦୂର କରିପାରିବେ ।



**ପିଲ୍ ମାସ୍କ କ'ଣ ?**

ଏହା ଏକ ପ୍ରକାର କସ୍‌ମେଟିକ୍ ଉପଚାର । ଏହା ପାଦର ମୃତକୋଷକୁ ବାହାର କରି ଚମକ ଆଣିଥାଏ । ଏହା ଏକ ପ୍ଲାଷ୍ଟିକ୍ ମୁଣି ଆକୃତିର ହୋଇଥାଏ । ଏଥିରେ ବିଶେଷ ପ୍ରକାର ତରଳ ପଦାର୍ଥ ଥାଏ । ଏହାକୁ ପାଦରେ ପିନ୍ଧି କିଛି ସମୟ ଛାଡ଼ି ଦିଆଯାଏ ।

**ବ୍ୟବହାର**

ପ୍ରଥମେ ପାଦକୁ ଭଲ କରି ଧୋଇ ଶୁଖାନ୍ତୁ । ଏହାପରେ ମାସ୍କ ଖୋଲି ପାଦରେ ସାବଧାନତାର ସହ ଲଗାଇ କିଛି ସମୟ ରଖନ୍ତୁ । କିଛି ଘଣ୍ଟା ପରେ ପାଦରୁ ମାସ୍କ କାଢ଼ି ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।

**ଏହାର ଉପକାରିତା**

ଏହା ପାଦରୁ ମୃତକୋଷ କାଢ଼ି କୋମଳ ଓ ନରମ କରିଥାଏ ।

ଏହା ଫଟା ଗୋଇଠି ସମସ୍ୟାକୁ ଦୂର କରିଥାଏ ।

କିଛି ମାସ୍କରେ ମଇଶ୍ଚରାଇଜିଙ୍ଗ୍ ଗୁଣ ରହିଥାଏ । ଏହା ପାଦକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।

# ପରିବେଶ ଅନୁକୂଳ ଇଣ୍ଟେରିୟର



ସହରୀ ଜୀବନ ମଧ୍ୟରେ ଶାନ୍ତି ପାଇବା କଷ୍ଟକର । ଗାଡ଼ି ମୋଟର, କଳକାରଖାନାର ଶବ୍ଦ ମଣିଷକୁ ଅତିଷ୍ଠ କରି ପକାଏ । କିନ୍ତୁ ପରିବେଶ ଅନୁକୂଳ ଇଣ୍ଟେରିୟର ଡିଜାଇନ୍ କରି ଘରର ଶାନ୍ତି ବଜାୟ ରଖିପାରିବେ । ଏହା ସୁନ୍ଦର ଓ ଆରାମଦାୟକ ହୋଇଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନର ଚାହିଦା ରହିଛି ।

**ପ୍ରାକୃତିକ ସାମଗ୍ରୀ ବ୍ୟବହାର**

କାଠ, ବାଉଁଶ, ମାଟି ପୁନଃ ନବୀକରଣଯୋଗ୍ୟ ଜିନିଷକୁ ବ୍ୟବହାର କରି ଘରକୁ ସଜାଇପାରିବେ । ଏହାଦ୍ୱାରା କମ୍ ଖର୍ଚ୍ଚରେ ଘରର ସୁନ୍ଦରତା ବୃଦ୍ଧି ହୋଇଥାଏ । ସେହିପରି ପୁରୁଣା ଫର୍ଣ୍ଣିଚରକୁ ଏଣେତେଣେ ନ ଫୋପାଡ଼ି ତାହାକୁ ରଙ୍ଗ କରି ଭିନ୍ନ ରୂପ ଦେଇପାରିବେ ।

**ଅକୁଷ୍ଟିକ୍ ପ୍ୟାନେଲ୍ ଲଗାନ୍ତୁ**

ଘରେ ଶାନ୍ତିବଜାୟ ରଖିବାକୁ ଚାହୁଁଥିଲେ ଅକୁଷ୍ଟିକ୍ ୱାଲ୍ ପ୍ୟାନେଲ୍ ଲଗାଇପାରିବେ । ଏହା ବାହାରୁ ଆସୁଥିବା ଶବ୍ଦକୁ ଅବଶୋଷିତ କରିଥାଏ । ଏହା କାଠ କିମ୍ବା ଥ୍ରୀ-ଡି ପ୍ୟାଟର୍ଣ୍ଣରେ ଉପଲବ୍ଧ ହୋଇଥାଏ । ଏହା ଲିଭିଙ୍ଗ୍ ରୁମ, ବେଡ୍ ରୁମ୍‌କୁ ଆଧୁନିକ ଲୁକ୍ ଦେଇଥାଏ ।

**ଘରେ ଗଛ ଲଗାନ୍ତୁ**

ଗଛ ବାହାରୁ ଆସୁଥିବା ଶବ୍ଦକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିସହ ଘରେ ଶାନ୍ତି ବାତାବରଣ ରଖିଥାଏ । ତେଣୁ ଝରକା କୋଣରେ ବଡ଼ ଇଣ୍ଡୋର ପ୍ଲାଣ୍ଟ ରଖନ୍ତୁ । ଏହା ଶବ୍ଦ କମ୍ କରି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।



■ ଟି-୨୦ ବିଶ୍ୱକପ୍

## ଇଟାଲୀକୁ ଐତିହାସିକ ଯୋଗ୍ୟତା



ହେଗ୍, ୧୨।୭ (ଏଜେନ୍ସି): ଫୁଟବଲ ଖେଳର ଦେଶ ଇଟାଲୀ ପ୍ରଥମଥର ଟି-୨୦ ବିଶ୍ୱକପ୍ ଖେଳିବାକୁ ଐତିହାସିକ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଖେଳାଯାଇଥିବା ୟୁରୋପୀୟ କ୍ୱାଲିଫାୟର ଶେଷ ଦୁଇ ମୁକାବିଲାରେ ନେଦରଲାଣ୍ଡସ ୯ ୱିକେଟରେ ଇଟାଲୀକୁ ଓ ଜର୍ସି ଶେଷ ବଲରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ଏହା ଫଳରେ ନେଦରଲାଣ୍ଡସ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହି ଏକ ନମ୍ବର ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ସ୍କଟଲାଣ୍ଡ ପରାଜିତ ହେବା ପରେ ଇଟାଲୀ ସହ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲା। କିନ୍ତୁ ନେଟ ରନ୍ ରେଟ୍‌ରେ ସ୍କଟଲାଣ୍ଡଠାରୁ ଆଗୁଆ ରହିଥିବା ଇଟାଲୀ ଦ୍ୱିତୀୟ ସ୍ଥାନରେ ରହି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଗତ ୪ଟି ସଂସ୍କରଣରେ ଟି-୨୦ ବିଶ୍ୱକପ୍ ଖେଳିଥିବା ସ୍କଟଲାଣ୍ଡ ଏଥର ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଆସନ୍ତାବର୍ଷ ବା ୨୦୨୬ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ।

୧୯ ବର୍ଷରୁ କମ୍ ଟେଷ୍ଟ

## ଆୟୁଷ ମାହତ୍ରେଙ୍କ ଶତକ

ବେକେନହାମ୍,୧୨।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜିଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା। ଏହି ମୁକାବିଲାର ପ୍ରଥମ ଦିନରେ ଓପନର ତଥା ଅଧିନାୟକ ଆୟୁଷ ମାହତ୍ରେଙ୍କ ଶତକ ସହାୟତାରେ ଶେଷ ଖବର ସୁଦ୍ଧା ଭାରତ ୪ ୱିକେଟରେ ୨୭୫ ରନ୍ ସଂଗ୍ରହ କରିଛି। ଏହି ସମୟରେ ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ ୩୩ ଓ ରାହୁଲ କୁମାର ୨୮ ରନ୍ ଲେଖାଏଁ କରି ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ମାହତ୍ରେ ସର୍ବାଧିକ ୧୦୨ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୧୧୫ ବଲ୍‌ର ସାମ୍ନା କରି ୧୪ ଚୌକା ଓ ୨ ଛକା ମାରିଥିଲେ। କିନ୍ତୁ ଧୂଆଁଧାର ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ରନ୍ କରିପାରିଥିଲେ। ନଂ-୩ ବିହାନ ମାଲହୋତ୍ରା ୬୭ ରନ୍‌ର ଦମ୍ଦାର ଇନିଂସ ଖେଳିଥିଲେ।

ଲର୍ଡ୍ସ ଟେଷ୍ଟରେ ପନ୍ତ, ଜାଡେଜାଙ୍କ ଅର୍ଦ୍ଧଶତକ



# ରାହୁଲଙ୍କ ଶତକ; ଭାରତର କଡ଼ା ଜବାବ

ଲର୍ଡ୍ସ,୧୨।୭ (ଏଜେନ୍ସି):

ଲୋକେଶ ରାହୁଲଙ୍କ ୧୦ମ ଟେଷ୍ଟ ଶତକ, ଋଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ପ୍ରଥମ ଇନିଂସ ଅଗ୍ରଣୀ ଲାଗି ଜୋରଦାର ଲଢ଼େଇ ଚାଲିଛି। ଏହି ଟେଷ୍ଟରେ ଜୋ ରୁଟଙ୍କ ଶତକ ବଳରେ ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ରାହୁଲ ୧୦୦, ପନ୍ତ୍ ୭୪ ଓ ଜାଡେଜା ଅପରାଜିତ ୬୩ ରନ୍ କରିବା ଫଳରେ ଶେଷ ଖବର ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୬ ୱିକେଟରେ ୩୫୬ ରନ୍ କରିବାକୁ ସମର୍ଥ ହୋଇଛି। ରାହୁଲ-ପନ୍ତ୍‌ଙ୍କ ମଧ୍ୟରେ ଶତକୀୟ ଓ ଜାଡେଜା-ରେଡ୍ଡିଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ଭାଗିଦାରୀ ଭାରତକୁ ଫାଇଦାରେ ରଖିଥିଲା। ଇଂଲଣ୍ଡ ପକ୍ଷରୁ ଅଭିଜ୍ଞତାରୁ ଫାଇଦା ଉଠାଇ ଅଧିନାୟକ ବେନ୍ ଷ୍ଟୋକ୍ସ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ସେ ମଧ୍ୟ ପନ୍ତ୍‌ଙ୍କୁ ଡାଇରେକ୍ଟ ଥ୍ରୋ’ରେ ରନ୍‌ଆଉଟ କରିଥିଲେ। ସେହି ସମୟରେ ଓଲି ପୋପ୍ ଭାରତୀୟମାନେ ଦେଇଥିବା ୨ଟି ରନ୍‌ଆଉଟକୁ ଛାଡ଼ିଦେଇଥିଲେ। କ୍ରିସ୍ ଓକ୍ସ, ଜୋଫ୍ରା ଆର୍ଚରେ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

ଶତକୀୟ ଭାଗିଦାରୀ: ଏହି ଟେଷ୍ଟର ଶନିବାର ଅନୁଷ୍ଠିତ ତୃତୀୟ ଦିନ ଖେଳରେ ଭାରତ ପ୍ରଥମ ସେସନରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଯାହା ଫଳରେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ (୫୩) ଓ ଋଷଭ ପନ୍ତ୍ (୧୬) ପ୍ରତିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମ ସେସନରେ ୨୨.୩ ଓଭରରେ ଭାରତ ୧୦୩ ରନ୍ ସଂଗ୍ରହ କରି ଭଲ ସ୍କୋର କରିଥିଲା। କିନ୍ତୁ ଠିକ୍ ଲଞ୍ଚ୍ ପୂର୍ବରୁ ପନ୍ତ୍ ରନ୍‌ଆଉଟ ହେବା ଫଳରେ ଇଂଲଣ୍ଡ ସାମାନ୍ୟ ପ୍ରଭାବୀ ହୋଇଥିଲା। ଚତୁର୍ଥ ୱିକେଟରେ ରାହୁଲ ଓ ପନ୍ତ୍ ୧୯୮ ବଲ୍‌ରୁ ୧୪୧ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ରଖିଥିଲେ। ପନ୍ତ୍ ୧୧୨ ବଲ୍‌ର ମୁକାବିଲା କରି ୮ ଚୌକା ଓ ୨ ଛକା ସହ ୭୪ ରନ୍‌ରେ ଆଉଟ ହୋଇଥିଲେ। ପନ୍ତ୍‌ଙ୍କର ଏହା ହେଉଛି ଟେଷ୍ଟ କ୍ୟାରିୟରରେ ୧୭ତମ ତଥା ଇଂଲଣ୍ଡରେ ୮ମ ଅର୍ଦ୍ଧଶତକ। ଏହି ସିରିଜ୍‌ରେ ସେ ୨ଟି ଶତକ ହାସଲ କରିଥିଲାବେଳେ ୨ଟି ଅର୍ଦ୍ଧଶତକ ପୂରଣ କରିସାରିଛନ୍ତି। ଏହି ଯୋଡି ଭାଙ୍ଗିବା ବେଳକୁ ୯୮ ରନ୍‌ରେ ଅପରାଜିତ ଥିବା ରାହୁଲ ଲଞ୍ଚ୍ ପରେ ଶତକ ପୂରଣ କରିଥିଲେ। କିନ୍ତୁ ଏହାର ପର ବଲ୍‌ରେ ବସିରଙ୍କ ବୋଲିଂରେ ଏକ ସହଜ କ୍ୟାଚ୍ ଦେଇ ଆଉଟ ହୋଇଯାଇଥିଲେ। ଏହି ଶତକ ଲାଗି ସେ ୧୭୭ ବଲ୍‌ର ସାମ୍ନା କରି ୧୩ଟି ଚୌକା ମାରିଥିଲେ। ଏହ ଶତକୀୟ ଯୋଡି ଭାଙ୍ଗିବା ପରେ ଜାଡେଜା ଓ ନୀତୀଶ କୁମାର ରେଡ୍ଡିଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗିଦାରୀ ହୋଇଥିଲା। ଏମାନେ ୬ଷ୍ଠ ୱିକେଟ ଯୋଡିରେ ୧୬୫ ବଲ୍‌ରୁ ୭୨ ରନ୍ ଉଠାଇ ଦଳକୁ ପ୍ରଥମ ଇନିଂସ ଆଗୁଆ କରାଇବାକୁ ଉଦ୍ୟକ କରିଥିଲେ। ଅସହଜ ଓ ମନ୍ଥର ଖେଳୁଥିବା ନୀତୀଶ ୯୧ ବଲ୍‌ରୁ ସମ୍ମୁଖୀନ ହୋଇ ୩୦ ରନ୍ ଯୋଗଦାନ କରିଥିଲେ। ସେ ତାଙ୍କ ଫର୍ମରେ ନ ଥିଲେ ମଧ୍ୟ ଏହି ପାର୍ଟନରସିପ୍ ଭାରତ ଲାଗି ମୂଲ୍ୟବାନ ସାବ୍ୟସ୍ତ ହୋଇଛି।

### ଟେଷ୍ଟ କ୍ରିକେଟରେ ୧୦ମ ଶତକ

ଭାରତ ଓପନର ଲୋକେଶ ରାହୁଲ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି। ଏଥିଲାଗି ସେ ୧୭୬ଟି ବଲ୍‌ର ସାମନା କରି ୧୩ଟି ଚୌକା ମାରିଥିଲେ। ଏହା ଫଳରେ ଟେଷ୍ଟ କ୍ରିକେଟରେ ରାହୁଲ ୬୧ତମ ଟେଷ୍ଟ ଓ ୧୦୬ତମ ଇନିଂସରେ ୧୦ମ ଶତକ ହାସଲ କରିଛନ୍ତି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡରେ ସେ ହାସଲ କରିଛନ୍ତି ୪ଟି ଶତକ। ଏହା ଛଡ଼ା ଚଳିତ ସିରିଜ୍‌ରେ, ଲର୍ଡ୍ସ ଟେଷ୍ଟରେ ଓ ଜଣେ ଓପନର ଭାବେ ଏଠାରେ ସେ ଦ୍ୱିତୀୟ ଶତକୀୟ ସଫଳତା ଅର୍ଜନ କରିଛନ୍ତି। ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଫଳରେ ଭାରତ ଏଠାରେ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଫଲୋଅନ୍ ଏଡ଼ାଇବାକୁ ସମର୍ଥ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।**

**ଭାରତ ପ୍ରଥମ ଇନିଂସ: ୩୫୬/୬, ୧୦୬ ଓଭର (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୬୩*, ନାୟାର-୪୦, ଗିଲ-୧୬, ଜୟସ୍ୱାଲ-୧୩, ଷ୍ଟୋକ୍ସ-୨/୬୩, ଆର୍ଚର-୧/୪୫, ଓକ୍ସ-୧/୮୨, ବସିର-୧/୫୯)।**

## ଜାତୀୟ ସବ୍‌ଜୁନିଅର ବାଳିକା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ଦଳ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଡିଭିଜନ-‘ଏ’ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ଦଳ ୧-୦ ଗୋଲରେ ଶକ୍ତିଶାଳୀ ହରିଆଣାକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁଦୀପା ବା’ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସେହିପରି ସୟ ମୁଣ୍ଡାଙ୍କ ଗୋଲ ବଳରେ ଝାଡଖଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଜୁଲାଇ ୧୪ ତାରିଖ ଦିନ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।



■ ଜାତୀୟ ଜୁନିଅର ବାଳକ ରଗ୍‌ବୀ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିଅର ବାଳକ ରଗ୍‌ବୀ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ସମସ୍ତ ନକ୍‌ଆଉଟ ପ୍ରତିଯୋଗିତା ମଧ୍ୟରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ତେଲେଙ୍ଗାନାର ମୁକାବିଲା ହେବ। ପୂର୍ବରୁ ଆସାମ ଓ ତାମିଲନାଡୁକୁ ପରାସ୍ତ କରି ଓଡ଼ିଶା ପୁଲ-‘ଏ’ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଏଠାରେ ଶେଷ ହୋଇଥିବା ବାଳିକା ବିଭାଗରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ

## ଓଡ଼ିଶା ଖେଳାଳିଙ୍କ ଦୟନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ଦୟନୀୟ ପ୍ରଦର୍ଶନ କରିଛନ୍ତି। ଏଥିରେ ଭାଗ ନେଇଥିବା ଖେଳାଳିମାନଙ୍କ ମଧ୍ୟରୁ କେବଳ ତନ୍ମୟ ସାହୁ ଓ ହର୍ଷିତ ରାଉତଙ୍କ ଯୋଡି ମିଶ୍ରିତ ଯୁଗଳ ଏବଂ ପୁରୁଷ ଏକକରେ ଆର୍ଯ୍ୟ ମାଝୀ ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଥିଲେ। ଏମାନେ ହାରିଯିବା ପରେ ପ୍ରି-କ୍ୱାର୍ଟର ମୁକାବିଲା ପୂର୍ବରୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ ଶେଷ ହୋଇଯାଇଛି। ଭିନ୍ନ କାରଣରୁ ଓଡ଼ିଶାର ଶ୍ରେଷ୍ଠ ମହିଳା ଖେଳାଳି ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନାହାନ୍ତି।



ଅନ୍ୟପକ୍ଷରେ ବାଳିକା ଏକକ ରାଉଣ୍ଡ ଅଫ୍-୬୪ ମୁକାବିଲାରେ ବିଜୟୀ ହୋଇ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଶାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ବିଜୟୀ ହୋଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ଏକକରେ ଟପ୍ ସିଡ୍ କର୍ଣ୍ଣାଟକର ରଘୁନାଥ ଏମ୍, ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିଛନ୍ତି। କିନ୍ତୁ ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ହରାଇ କର୍ଣ୍ଣାଟକର ହେମନ୍ତ ଏମଜି ଏଯାଏ ଖେଳାଯାଇଥିବା ମ୍ୟାଚ୍‌ରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

ମେଜର ଲିଗ୍ କ୍ରିକେଟ

## ନ୍ୟୁୟର୍କ-ୱାଶିଂଟନ ଟାଇଟଲ ମୁକାବିଲା

ଡଲାସ୍, ୧୨।୭ (ଏଜେନ୍ସି): ୨୦୨୫ ମେଜର ଲିଗ୍ କ୍ରିକେଟ ଟାଇଟଲ ହାସଲ ଲାଗି ଏମ୍‌ଆଇ ନ୍ୟୁୟର୍କ ଓ ୱାଶିଂଟନ ଫ୍ରିଡମ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର ବା ଭାରତୀୟ ସମୟ ଶନିବାର ସକାଳେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟର ମୁକାବିଲାରେ ଆଇପିଏଲ୍ ଟିମ୍‌ର ବ୍ୟାଟିଂ କୋଚ୍ କାଇରନ ପୋଲାର୍ଡ ୨୨ ବଲରେ ୪୭ ରନ୍ କରିବା ଫଳରେ ଏମ୍‌ଆଇ ନ୍ୟୁୟର୍କ ମାତ୍ର ୭ ୱିକେଟ ଟେକ୍ସାସ ସୁପର କିଙ୍ଗସକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ଟେକ୍ସାସ ସୁପର କିଙ୍ଗସ ୫ ୱିକେଟରେ ୧୬୬ ରନ୍ କରିଥିଲା। ଜବାବରେ ନିକୋଲସ ପୂରନ (୫୨*) ଓ ପୋଲାର୍ଡଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନ୍ୟୁୟର୍କ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା।

■ ନାଭାଲ ଟାଟା ହକି ଗ୍ରାସ୍‌ରୁଟ ଲିଗ୍

## ଲାଠିକଟା, କୁଆଁରମୁଣ୍ଡା ଚାମ୍ପିଅନ




ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ନାଭାଲ ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିଅନସିପ୍ ଆଜି ଶେଷ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଲାଠିକଟା ଓ ବାଳକ ବିଭାଗରେ କୁଆଁରମୁଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଖେଳାଯାଇଥିବା ବାଳିକା ବିଭାଗ ଫାଇନାଲରେ ଲାଠିକଟା ୨-୧ ପେନାଲ୍ଟି ସୁଟ୍‌ଆଉଟରେ ଗୁରୁଣ୍ଡିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ବାମ୍‌ରା ଏଚ୍‌ଟିସି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳକ ବିଭାଗରେ କୁଆଁରମୁଣ୍ଡା ଏଚ୍‌ଟିସି ୫-୩ ଗୋଲରେ ନୁଆଗାଁକୁ ପରାସ୍ତ କରିଥିଲା। ସଉନାମରା ଏଚ୍‌ଟିସି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ

## ଚେଲସୀ-ପିଏସ୍‌ଜି ଫାଇନାଲ

ନ୍ୟୁୟର୍କ, ୧୨।୭ (ଏଜେନ୍ସି): ୟୁରୋପର ଦୁଇ ଶକ୍ତିଶାଳୀ କ୍ଲବ୍ ଇଂଲଣ୍ଡର ଚେଲସୀ ଓ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ ସେଣ୍ଟ ଜର୍ମେନ) ମଧ୍ୟରେ ଚଳିତବର୍ଷର ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଫାଇନାଲ ମୁକାବିଲା ହେବ। ଏହି ଫାଇନାଲ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଜୁଲାଇ ୧୪ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଚେଲସୀ ୨-୦ ଗୋଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସକୁ ଓ ପିଏସ୍‌ଜି ୪-୦ ଗୋଲରେ ସ୍ପେନ୍‌ର ଚାମ୍ପିଅନ କ୍ଲବ୍ ରିଅଲ ମାଦ୍ରିଦ୍‌କୁ ପରାସ୍ତ କରିଥିଲା। ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

# ୱିମ୍ବଲଡନ୍: ଇଗା ସ୍ୱିଆଟେକ୍ ମହିଳା ଚାମ୍ପିଅନ

ଲଣ୍ଡନ,୧୨।୭ (ସମିସ):



୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୱିମ୍ବଲଡନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଫାଇନାଲରେ ଆନିସିମୋଭା ଗୋଟିଏ ହେଲେ ଗେମ ଜିତି ନପାରି ନକାରାତ୍ମକ ରେକର୍ଡ କରିଛନ୍ତି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ପରାସ୍ତ କରି ଆନିସିମୋଭା ଓ ସ୍ୱିଆଟେକ ଏକତରଫା ମ୍ୟାଚ୍‌ରେ ବେଲିଣ୍ଡା ବେଙ୍କିକ୍‌କୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

ଇଂଲଣ୍ଡର ଜୁଲିଆନ୍ କ୍ୟାସ୍ ଓ ଲୟଡ ଗ୍ଲାସ୍‌ପୁଲଙ୍କ ଯୋଡି ୱିମ୍ବଲଡନ ପୁରୁଷ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଏହି ବ୍ରିଟେନ ଯୋଡ଼ି ୬-୨, ୭-୬ ସିଧାସଳଖ ସେଟ୍‌ରେ ରିଙ୍କି ହିଜିକ୍ତା ଓ -- ଡେଭିଡ୍ ପେଲଙ୍କ ଯୋଡିକୁ ହରାଇ ଟାଇଟଲ କବ୍‌ଜା କରିଥିଲେ। ଏହା ସେମାନଙ୍କର ପ୍ରଥମ ଟାଇଟଲ। ଗତକାଲି ମିଶ୍ରିତ ଯୁଗଳରେ ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଶୁକ୍ରବାର ଖେଳାଯାଇଥିବା ଫାଇନାଲରେ ସିନିଆକୋଭା-ଭର୍ବିକଙ୍କ ଯୋଡି ୭-୬, ୭-୬ ସିଧାସଳଖ ଟାଇବ୍ରେକର ସେଟ୍‌ରେ ବ୍ରିଟେନର ଜୋ ସାଲିସ୍‌ବରୀ ଓ ବ୍ରାଜିଲ୍‌ର ଲୁଇସା ଷ୍ଟେଫାନିଙ୍କୁ ପରାସ୍ତ କରିଥିଲେ।

ସେହିପରି ଆସନ୍ତାକାଲି ଖେଳା ଯିବାକୁ ଥିବା ପୁରୁଷ ଏକକ ଫାଇନାଲରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିବା ନମ୍ବର ୨ ସିଡ୍ ଆଲକାରାଜ ଏହି ମ୍ୟାଚ୍‌କୁ ୬-୪, ୫-୭, ୬-୩ ଓ ୭-୬ (୮/୬) ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଏକତରଫା ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ରେକର୍ଡ କରିବା ସ୍ୱପ୍ନରେ ପୁଣିଥରେ ବ୍ରେକ୍ ଲାଗିଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS